## ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ର ଗଣିତ ପାଠ ନିମନ୍ତେ ପ୍ରମୁଖ ସୁପାରିଶ ଅନୁଯାୟୀ-

(କ) ପିଲାମାନଙ୍କ ଗାଣିତିକରଣ (**Mathematization**) ଦକ୍ଷତାର ଅଭିବୃଦ୍ଧି ପାଇଁ ବିଦ୍ୟାଳୟରେ ଗଣିତ ଶିକ୍ଷଣ କାର୍ଯ୍ୟଭିତ୍ତିକ (**Activity Based**) ହେବା କରିବା।

(ଖ) ପ୍ରତ୍ୟେକ ପିଲା ପର୍ଯ୍ୟାପ୍ତ ଆହ୍ୱାନମୂଳକ (**Challenging**) ଓ ଫଳପ୍ରଦ (**Meaningful**) କାର୍ଯ୍ୟରେ ନିୟୋଜିତ ହେବେ।

(ଗ) ପିଲାମାନଙ୍କ ଗାଣିତିକରଣ ଦକ୍ଷତା-ଗାଣିତିକ କୌଶଳ (**Skill**), ଧାରଣାର ବୋଧଗମ୍ୟତା (**Conceptual Clarity**) ଓ ପ୍ରକ୍ରିୟାତ୍ମକ ଜ୍ଞାନର (**Procedural Fluency**) ଅଭିବୃଦ୍ଧି ପାଇଁ ଆକଳନ ଧାରାରେ ପରିବର୍ତ୍ତନ ଆଣିବା।

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ, ଭୁବନେଶ୍ୱର

# ଗଣିତ
# କାର୍ଯ୍ୟପୁସ୍ତିକା
## ଦ୍ୱିତୀୟ ଶ୍ରେଣୀ



ମୋ ଫଟୋ

## ପୁନର୍ବଳନ କାର୍ଯ୍ୟ
## ଓ
## ୨ୟ ଶ୍ରେଣୀ ଶିକ୍ଷଣ ଫଳାଫଳ ସମ୍ବନ୍ଧିତ କାର୍ଯ୍ୟ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୋ ନାମ .......................................................................................................

ମୋ ମା'ଙ୍କ ନାମ .............................................................................................

ମୋ ବାପାଙ୍କ ନାମ .........................................................................................

ମୋ ବିଦ୍ୟାଳୟର ନାମ ......................................................................................


ମୋ ଶ୍ରେଣୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନାମ ...........................................................................

ମୋ ରୋଲ୍ ନମ୍ବର ..........................................................................................

ମୋ ଗାଁ / ସାହିର ନାମ :...................................................................................

ମୋ ଜିଲ୍ଲାର ନାମ : ........................................................................................







# ଗଣିତ
# କାର୍ଯ୍ୟପୁସ୍ତିକା

## ଦ୍ୱିତୀୟ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ,
ଓଡ଼ିଶା, ଭୁବନେଶ୍ୱର

# କୃତଜ୍ଞତା

## ସମୀକ୍ଷକ

ଡ. ତାପସ କୁମାର ନାୟକ

ଡ. ସଞ୍ଜୟ କୁମାର ଦେ

ଡ. ବାମଦେବ ତ୍ରିପାଠୀ

## ସମ୍ପାଦନା ମଣ୍ଡଳୀ

ଭବାନୀ ଶଙ୍କର ଦାସ

ନିହାରିକା ଦେବୀ

ଦେବବ୍ରତ ଗିରି

ଆଲୋକ ରଣା

ରବିନ୍ କୁମାର ଶତପଥୀ

ଚତୁର୍ଭୁଜ ପ୍ରଧାନ

ଟୁଟୁ ଦାଶ

ଅକ୍ଷୟ କୁମାର ଦାଶ

ସୁଧିର କୁମାର ଓଝା

ସଞ୍ଜିବ କୁମାର ପଟ୍ଟନାୟକ

ପବିତ୍ର ମୋହନ ଦାସ

ଦେବକାନ୍ତ ମେହେର୍

ଦୀପ୍ତିକାନ୍ତ ସୁତାର

କବିତା କାନୁନ୍‌ଗୋ

## ପରାମର୍ଶଦାତା

**ଶ୍ରୀଯୁକ୍ତ ଭୂପେନ୍ଦ୍ର ସିଂ ପୁନିଆ** (ଭା.ପ୍ର.ସେ)
ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା

**ଶ୍ରୀଯୁକ୍ତ ଗଙ୍ଗାଧର ସାହୁ** (ଓ.ପ୍ର.ସେ)
ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

## ଶୈକ୍ଷିକ ପରାମର୍ଶଦାତା

**ଡ. ସନାତନ ପଣ୍ଡା**, ଓ.ଶି.ସେ
ଯୁଗ୍ମ ନିର୍ଦ୍ଦେଶକ, ଓସେପା

**ଅକ୍ଷରା ଫାଉଣ୍ଡେସନ୍**

## ବୈଷୟିକ ସହାୟତା

ନିହାରିକା ସ୍ୱାଇଁ

# ପୁନର୍ବଳନ (Reinforcement) କାର୍ଯ୍ୟ ନିମନ୍ତେ ଶିକ୍ଷକଙ୍କୁ ସୂଚନା


୧. ଏହି ବିଭାଗରେ ଦ୍ୱିତୀୟ ଶ୍ରେଣୀର ଆନୁଷ୍ଠାନିକ ପାଠ୍ୟକ୍ରମ ଆରମ୍ଭ ପୂର୍ବରୁ ପିଲାମାନଙ୍କର ପ୍ରଥମ ଶ୍ରେଣୀର ଧାରଣାଗୁଡ଼ିକର ପୁନର୍ବଳନ ପାଇଁ କାର୍ଯ୍ୟଗୁଡ଼ିକ ସନ୍ନିବେଶିତ ହୋଇଅଛି ।

୨. ଏଥିପାଇଁ ୮ ସପ୍ତାହ ବା ୪୦ ଦିନର କାର୍ଯ୍ୟ ଅଛି ଏବଂ ବିଭିନ୍ନ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ପିଲା ଖେଳି ଖେଳି, ନିଜେ କାମ କରି ଶିଖିବାର ସୁଯୋଗ ରହିଛି ।

୩. ଯଦିଓ କାର୍ଯ୍ୟଗୁଡ଼ିକ ୪୦ଟି ଦିବସ ଅନୁଯାୟୀ ଦିଆଯାଇଛି, ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଗତିକୁ ଧ୍ୟାନ ଦେଇ, ଆପଣ ଏହାକୁ ସପ୍ତାହ ଅନୁଯାୟୀ ୮ ଟି ଭାଗରେ ଶେଷ କରିବାକୁ ଯୋଜନା କରିପାରିବେ ।

# ସୂଚୀପତ୍ର


| ସପ୍ତାହ | ଦିବସ | ସାଙ୍କେତିକ ଚିହ୍ନ | ଶିକ୍ଷଣ ଫଳାଫଳ (Learning Outcome) | ପୃଷ୍ଠା |
|---|---|---|---|---|
| ୧ | ୧ ରୁ ୫ | M-102 | ୧ ରୁ ୯ ସଂଖ୍ୟକ ବସ୍ତୁକୁ ଗଣିବ | ୧-୧୩ |
| | | M-112 | ଶୂନର ଧାରଣା ବୁଝିବ | |
| ୨ | ୬ ରୁ ୧୦ | M-101 | ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ କାର୍ଯ୍ୟକରିବ | ୧୪-୨୬ |
| | | M-103 | ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ତୁଳନା କରିବ | |
| ୩ | ୧୧ ରୁ ୧୫ | M-104 | ସ୍ଥୂଳ ବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ (ଯୋଗଫଳ ୯ ମଧ୍ୟରେ) | ୨୭-୩୩ |
| ୪ | ୧୬ ରୁ ୨୦ | M-106 | ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ (ଯୋଗଫଳ ୨୦ ମଧ୍ୟରେ) | ୩୪-୩୯ |
| ୫ ଓ ୬ | ୨୧ ରୁ ୩୦ | M-105 | ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ମଧ୍ୟରେ ବିୟୋଗ କରିବ | ୪୦-୫୪ |
| | | M-105 | ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ମଧ୍ୟରେ ବିୟୋଗ କରିବ | |
| | | M-106 | ୨୦ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଯୋଗ ଓ ବିୟୋଗ ସମ୍ବଳିତ ଦୈନନ୍ଦିନ ଜୀବନର ସମସ୍ୟାକୁ ସମାଧାନ କରିବ | |
| ୭ ଓ ୮ | ୩୧ ରୁ ୪୦ | M-107 | ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକୁ ଲେଖିବ | ୫୫-୭୪ |



| | | | | | | | | | |
|---|---|---|---|---|---|---|---|---|---|
| ଘର | ୯୯ | ୯୮ | ୯୭ | ୯୬ | ୯୫ | ୯୪ | ୯୩ | ୯୨ | ୯୧ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୮୦ | ୭୯ | ୭୮ | ୭୭ | ୭୬ | ୭୫ | ୭୪ | ୭୩ | ୭୨ | ୭୧ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୬୦ | ୫୯ | ୫୮ | ୫୭ | ୫୬ | ୫୫ | ୫୪ | ୫୩ | ୫୨ | ୫୧ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୪୦ | ୩୯ | ୩୮ | ୩୭ | ୩୬ | ୩୫ | ୩୪ | ୩୩ | ୩୨ | ୩୧ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୨୦ | ୧୯ | ୧୮ | ୧୭ | ୧୬ | ୧୫ | ୧୪ | ୧୩ | ୧୨ | ୧୧ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |

ଆରମ୍ଭ

ଖେଳଟିକୁ ପିଲାମାନେ ଯୋଡ଼ିରେ ଖେଳିବେ । ପ୍ରତ୍ୟେକ ପିଲା ପାଖରେ କୌଣସି ଗୋଟିଏ ରଙ୍ଗର ବୋତାମ ଥିବ ଏବଂ ପ୍ରତ୍ୟେକ ଯୋଡ଼ି ପାଖରେ ଟଙ୍କିକିଆ କଏନ୍ ଥିବ । ପିଲା କଏନ୍ ଟସ୍ କଲେ  ପଡ଼ିଲେ, ସଂଖ୍ୟା କ୍ରମରେ ୧୦ଟି ଘର ଆଗକୁ ଯିବେ ଏବଂ  ପଡ଼ିଲେ ସଂଖ୍ୟା କ୍ରମରେ ଗୋଟିଏ ଘର ଆଗକୁ ଯିବେ । ଯୋଡ଼ିମଧ୍ୟରୁ ଯେଉଁପିଲା ପ୍ରଥମେ ଘରେ ପହଞ୍ଚିବ ସେ ବିଜେତା ହେବ ।

# ଦିବସ-୧

## ଶିକ୍ଷଣ ଫଳାଫଳ (Learning Outcome) : (M-102)

## ୧ ରୁ ୯ ସଂଖ୍ୟକ ବସ୍ତୁକୁ ଗଣିବ



### କାର୍ଯ୍ୟ-୧ : ଅଭିନୟ ସହ ଆବୃତ୍ତି (ସଂଖ୍ୟା ନାମ ସହ ପରିଚୟ)

**କାର୍ଯ୍ୟ କରିବାର ସୂଚନା:**

ପିଲାମାନଙ୍କୁ U ଆକୃତିରେ ଠିଆ କରାଇ ନିମ୍ନଲିଖିତ ଗୀତଟିକୁ ଅଙ୍ଗଭଙ୍ଗୀ କରି ଗାଇବେ ଓ ପିଲାଙ୍କୁ ଅଙ୍ଗଭଙ୍ଗୀ ସହ ଗାଇବାକୁ କହିବେ । ଏହା ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ- ୧ . ୧ ପୂରଣ କରିବେ ।

**ଗୀତ**


ଏକ ଗଲା ଶିକାର କରି
ଦୁଇ ଥିଲା ତା' ସାଥେ,
ତିନି ତାଙ୍କର ପଛରେ ଗଲା
ବାଘ ଦେଖିଲା ବାଟେ ।
ଚାରି ଚଢ଼ିଲା ଆମ୍ବ ଗଛରେ
ପାଞ୍ଚ ପଡ଼ିଲା ତଳେ,
ଛଅ ଦେଖିଣ ହସୁଥିଲା
ଦୋଳି ଖେଳି ତା' ଡାଳେ ।
ସାତ ନାଚିଲା ଘୁଙ୍ଗୁରୁ ପିନ୍ଧି
ଆଠ ଗାଇଲା ଗୀତ,
ନଅ ଚାଲିଲା ନୌକା ଧରି
ଦଶ ମାଇଲା କାତ ।

- ଏହି ଗୀତଟିକୁ ଗାଇବା ବେଳେ ଶିକ୍ଷକ / ଶିକ୍ଷୟିତ୍ରୀ ବିଭିନ୍ନ ପଦରେ ସଂଖ୍ୟା ବଦଳରେ 'କେତେ' କହି ପିଲାମାନଙ୍କୁ ପ୍ରଶ୍ନ ପଚାରିବା ଭଳି ଗାଇବେ ।
- ବେଳେବେଳେ ସଂଖ୍ୟାଟିକୁ କହିବା ବେଳେ ସେତିକି ସଂଖ୍ୟକ ଆଙ୍ଗୁଳି ଦେଖାଇପାରିବେ ।

# କାର୍ଯ୍ୟଫର୍ଦ୍ଦ-୧.୧ : ଏକ-ଏକ ମେଳକ

? ବାମ ପଟ ଘରେ ଥିବା ପ୍ରତ୍ୟେକ ଚିତ୍ର ସହ ଡାହାଣ ପଟ ଘରେ ଥିବା ଚିତ୍ରକୁ ଏକ-ଏକ କରି ଯୋଡ଼ ।

ଯେପରି -






ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୧.୨: ୧ ରୁ ୯ ପର୍ଯ୍ୟନ୍ତ ପରିମାଣ ଓ ସଂଖ୍ୟା ସୂଚକ

? ବାମ ପଟେ ଥିବା ବସ୍ତୁଗୁଡ଼ିକୁ ଗଣ ଓ ଡାହାଣ ପଟେ ଲେଖ।

| | |
|---|---|
|  | ୧ |
|  | ୨ |
|  | ୩ |
|  | ୪ |
|  | ୫ |
|  | ୬ |
|  | ୭ |
|  | ୮ |
|  | ୯ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୧.୩

? ମୁଁ ଯେତେ, ମୋର ସେତୋଟି ଘରେ ରଙ୍ଗ ଦିଅ ।

| | | | | | | | | | |
|---|---|---|---|---|---|---|---|---|---|
| ୩ | | | | | | | | | |
| ୨ | | | | | | | | | |
| ୪ | | | | | | | | | |
| ୭ | | | | | | | | | |
| ୧ | | | | | | | | | |
| ୫ | | | | | | | | | |
| ୯ | | | | | | | | | |
| ୮ | | | | | | | | | |
| ୬ | | | | | | | | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨

# ଶିକ୍ଷଣ ଫଳାଫଳ (Learning Outcome) : (M-102)

# ୧ ରୁ ୯ ସଂଖ୍ୟକ ବସ୍ତୁକୁ ଗଣିବ



## କାର୍ଯ୍ୟ-୧ : କାଠି / ଗୋଡ଼ି ଖେଳ

**ଶିକ୍ଷଣ ସାମଗ୍ରୀ:** କାଠି / ଗୋଡ଼ି

**କାର୍ଯ୍ୟ କରିବାର ସୂଚନା:**

- ଗୋଲାକୃତିରେ ପିଲାମାନେ ଛିଡ଼ା ହେବେ ।
- ମଝିରେ ଅତି କମ୍‌ରେ ୧୦ଟି କାଠି ବା ଗୋଡ଼ି ରହିବ ।
- ଶିକ୍ଷକଙ୍କ ସହ ପିଲାମାନେ ନିମ୍ନ ଗୀତଟିକୁ ଗାଇ ଗୋଲାକାରରେ ବୁଲିବେ ।

### ଗୀତ

**ଭାଇ ଯାଇଥିଲେ ବଜାର,**
**ଆଣିଥିଲେ ମିଠା ହଜାର**
**କିଏ ଖାଇବ କେତେ,**
**ଭାଇ କହିବେ ଯେତେ ।**

**ଭାଇ ଯାଇଥିଲେ ଦିଲ୍ଲୀ,**
**ଆଣିଥିଲେ ଛେନାଝିଲ୍ଲୀ**
**କିଏ ଖାଇବ କେତେ,**
**ଭାଇ ଦେବେ ଯେତେ ।**

- ଶିକ୍ଷକ ଗୋଟିଏ ପିଲାର ନାମ ଓ ସଂଖ୍ୟା ( ୧ ରୁ ୯ ମଧ୍ୟରେ) କହିବେ ।
- ପିଲାଟି ମଝିରେ ଥିବା କାଠି / ଗୋଡ଼ି, ସେହି ସଂଖ୍ୟା ଅନୁସାରେ ନେବ ଓ ସମସ୍ତଙ୍କୁ ଦେଖାଇବ ।
- ପ୍ରତ୍ୟେକ ପିଲା ଅତିକମ୍‌ରେ ଥରେ ଅଂଶ ଗ୍ରହଣ କରିବା ପର୍ଯ୍ୟନ୍ତ ଖେଳଟି ଖେଳାଇବେ ।
- ଏହିପରି ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକୁ ନେଇ ଅନ୍ୟ ଖେଳ ମଧ୍ୟ ଖେଳା ଯାଇପାରିବ ।
- ଏହାପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ - ୨.୧ ପୂରଣ କରିବେ ।




## କାର୍ଯ୍ୟଫର୍ଦ୍ଦ-୨.୧ : ଠିକ୍ ଉତ୍ତର ଘରେ '✓' ଚିହ୍ନ ଦିଅ ।


? କେଉଁ ଘରେ ପାଞ୍ଚଟି ଚିତ୍ର ଅଛି ?










? କେଉଁ ଘରେ ସାତଟି ଚିତ୍ର ଅଛି ?



? କେଉଁ ଘରେ ଚାରିଟି ଚିତ୍ର ଅଛି ?



? ଚିତ୍ର ସହ ସଂଖ୍ୟାକୁ ଗାର ଟାଣି ଯୋଡ଼ ।

| | |
|---|---|
|  | ୧ |
|  | ୫ |
|  | ୮ |
|  | ୪ |
|  | ୨ |
|  | ୯ |
|  | ୩ |
|  | ୭ |
|  | ୬ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩

## ଶିକ୍ଷଣ ଫଳାଫଳ (Learning Outcome) : (M-102)

## ୧ ରୁ ୯ ସଂଖ୍ୟକ ବସ୍ତୁକୁ ଗଣିବ



### କାର୍ଯ୍ୟ- ୧ : ୧ ରୁ ୯ ସଂଖ୍ୟକ ବସ୍ତୁକୁ ଗଣିବା

**ଶିକ୍ଷଣ ସାମଗ୍ରୀ :** ମାଟି ଗୋଲି, ଗୋଡ଼ି, କାଠି, ପରିବେଶରେ ମିଳୁଥିବା ଫୁଲ, ଫଳ, ପତ୍ର, ବ୍ୟବହୃତ ନଳୀ, NCERT KIT, GKA KIT, ସଂଖ୍ୟା କାର୍ଡ଼ ଇତ୍ୟାଦି ।

**କାର୍ଯ୍ୟ କରିବାର ସୂଚନା :**

- ଦଳଗତ କାର୍ଯ୍ୟ, ବ୍ୟକ୍ତିଗତ କାର୍ଯ୍ୟ
- ୪ଟି ଲେଖାଏଁ ପିଲା ଦଳ ହୋଇ ବସିବେ ।
- ପ୍ରତ୍ୟେକ ଦଳକୁ ଉପରୋକ୍ତ ଶିକ୍ଷଣ ସାମଗ୍ରୀ ମଧ୍ୟରୁ ଏକ ପ୍ରକାରର ୯ଟି ଲେଖାଏଁ ସାମଗ୍ରୀ ଦିଆଯିବ ଏବଂ ଗୋଟିଏ ସେଟ୍ ସଂଖ୍ୟା କାର୍ଡ଼ ( ୧ ରୁ ୯ ମଧ୍ୟରେ) ଦିଆଯିବ ।


? ଖାଲି ଘରେ କେଉଁ କେଉଁ ସଂଖ୍ୟା ଲେଖାହେବ ଲେଖ ।


| | |
|---|---|
| ୬ ରୁ ୮ ମଧ୍ୟରେ ଥିବା ସଂଖ୍ୟା | |
| ୩ ରୁ ୬ ମଧ୍ୟରେ ଥିବା ସଂଖ୍ୟା | |
| ୨ ରୁ ୫ ମଧ୍ୟରେ ଥିବା ସଂଖ୍ୟା | |
| ୩ ରୁ ବେଶି, ୮ ରୁ କମ୍ ସଂଖ୍ୟା | |
| ୧ ରୁ ବେଶି, ୪ ରୁ କମ୍ ସଂଖ୍ୟା | |
| ୯ ରୁ କମ୍, ୨ ରୁ ବେଶି ସଂଖ୍ୟା | |
| ୭ ରୁ କମ୍, ୫ ରୁ ବେଶି ସଂଖ୍ୟା | |




# କାର୍ଯ୍ୟଫର୍ଦ୍ଦ-୩.୧


? ଚିତ୍ରରେ ଥିବା ସଂଖ୍ୟାଗୁଡ଼ିକୁ କ୍ରମାନ୍ୱୟରେ ଯୋଡ଼ । କ'ଣ ହେଉଛି ଦେଖ ।




? ଆମ୍ବ ଚିତ୍ର ଗଣି କୋଠରିରେ ସଂଖ୍ୟା ଲେଖ ଓ ସାନରୁ ବଡ଼ ସଂଖ୍ୟା କ୍ରମରେ ଟୋକେଇକୁ ଗାର ଟାଣ ।





ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୩.୨

? ସାନରୁ ବଡ଼ କ୍ରମରେ ସଂଖ୍ୟାଗୁଡ଼ିକୁ ◯ ମଧ୍ୟରେ ଲେଖ ।

| | | | | |
|---|---|---|---|---|
| ୩,୨,୧,୪ | ୧ | ୨ | ୩ | ୪ |
| ୪,୬,୯,୭ | | | | |
| ୨,୬,୫,୩ | | | | |
| ୧,୪,୩,୫ | | | | |
| ୮,୬,୫,୪ | | | | |
| ୩,୨,୮,୭ | | | | |

? ବଡ଼ରୁ ସାନ କ୍ରମରେ ସଂଖ୍ୟାଗୁଡ଼ିକୁ ◯ ମଧ୍ୟରେ ଲେଖ ।

| | | | |
|---|---|---|---|
| ୭,୯,୮ | ୯ | ୮ | ୭ |
| ୫,୬,୭ | | | |
| ୪,୩,୫ | | | |
| ୩,୫,୭ | | | |
| ୬,୯,୪ | | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୪

## ଶିକ୍ଷଣ ଫଳାଫଳ (Learning Outcome) : (M-112)

## ଶୂନର ଧାରଣା ବୁଝିବ



### କାର୍ଯ୍ୟ- ୧ : ଅଭିନୟ ସହ ଆବୃତ୍ତି

**କାର୍ଯ୍ୟ କରିବାର ସୂଚନା :**

- ପିଲାଙ୍କୁ ◡ ଆକୃତିରେ ବସାଇ ନିମ୍ନଲିଖିତ ଗୀତଟିକୁ ଶିକ୍ଷକ ଅଙ୍ଗଭଙ୍ଗୀ କରି ଗାଇବେ ଓ ପିଲାଙ୍କୁ ଗାଇବାକୁ କହିବେ । ଏହାପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ-୪.୧ ପୂରଣ କରିବେ ।


**ଗୀତ**


ପାଞ୍ଚୋଟି ଥିଲେ ମୂଷାଛୁଆ
ଖାଉଥିଲେ ବିରି,
ବିରି ଖାଇ ଗୋଟିଏ ଗଲା
ଆଉ ରହିଲେ ଚାରି ।
ଚାରୋଟି ଥିଲେ ମୂଷାଛୁଆ
ଖାଉଥିଲେ ଚିନି,
ଚିନି ଖାଇ ଗୋଟିଏ ଗଲା
ଆଉ ରହିଲେ ତିନି ।
ତିନୋଟି ଥିଲେ ମୂଷାଛୁଆ
ଖୋଳୁଥିଲେ ଭୂଇଁ,


ଭୂଇଁ ଖୋଳି ଗୋଟିଏ ଗଲା
ଆଉ ରହିଲେ ଦୁଇ ।
ଦୁଇଟି ଥିଲେ ମୂଷାଛୁଆ
ଖାଉଥିଲେ କେକ୍,
କେକ୍ ଖାଇ ଗୋଟିଏ ଗଲା
ଆଉ ରହିଲା ଏକ ।
ଗୋଟିଏ ଥିଲା ମୂଷାଛୁଆ
ଖାଉଥିଲା ଧାନ,
ଧାନ ଖାଇ ଗୋଟିଏ ଗଲା
ଆଉ ରହିଲା ଶୂନ ।

# କାର୍ଯ୍ୟଫର୍ଦ୍ଦ-୪.୧

କେତେ ରହିଲା କହ :-







ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୫

## ଶିକ୍ଷଣ ଫଳାଫଳ (Learning Outcome) : (M-112)

## ଶୂନର ଧାରଣା ବୁଝିବ



### କାର୍ଯ୍ୟ- ୧ : ଗୋଲି ଖେଳ

**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ଼, ମାଟି ଗୋଲି, କାଠି, ବ୍ୟବହୃତ ପେନସିଲ୍, ପେନ୍, ଆଇସ୍‌କ୍ରିମ କାଠି, ପରିବେଶରୁ ଫୁଲ/ଫଳ/ପତ୍ର, (NCERT, KIT, GKA KIT) ଇତ୍ୟାଦି ।

**କାର୍ଯ୍ୟ କରିବାର ସୂଚନା :**


- ଗୋଟିଏ ଝୁଡ଼ି/ଡ଼ବା ରେ ୮ ରୁ ୯ ଟି ଗୋଲି ନେବେ ଓ ପିଲାଙ୍କୁ ତାହା ଗଣିବାକୁ କହିବେ ।
- ଏହାପରେ ସେଥିରୁ ଗୋଟିଏ ଗୋଟିଏ କରି ବାହାର କରିବେ ଓ କେତୋଟି ରହିଲା ପଚାରିବେ ।
- ଏହି ଭଳି ଝୁଡ଼ି/ଡ଼ବାରୁ ଗୋଲି ଖାଲି ହେବା ପର୍ଯ୍ୟନ୍ତ ଖେଳ ଚାଲିବ ।
- ଶେଷ ଗୋଲିଟି ବାହାରିବା ପରେ ପିଲାଙ୍କୁ ଆଉ କେତୋଟି ଗୋଲି ରହିଲା ପଚାରିଲେ କେତେକ ପିଲା କହିବେ (ଶୂନ) '୦' ରହିଲା ଓ ଆଉ କେତେକ କହିବେ 'କିଛି ରହିଲା ନାହିଁ' ।
- ଏଠାରେ ଶିକ୍ଷକ 'କିଛି ନାହିଁ' ଅର୍ଥ ''ଶୂନ'' ବୋଲି ସୂଚନା ଦେବେ ।
- ଏହିପରି ଅଧିକ ଶିକ୍ଷଣ କାର୍ଯ୍ୟ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ଛୋଟ ଛୋଟ ଦଳ କରାଇ / ଯୋଡ଼ି ଯୋଡ଼ି କରି ଓ ପରେ ବ୍ୟକ୍ତିଗତ ଭାବେ କରାଇବେ ।
- ସଂଖ୍ୟା କାର୍ଡରେ '୦' ଲେଖିଥିବା କାର୍ଡ଼ଟି ଦେଖାଇ ଶୂନର ଧାରଣା ଦେବେ ଓ ପ୍ରତ୍ୟେକ ପିଲାକୁ '୦' ଲେଖିବାକୁ କହିବେ ।
- ପ୍ରତ୍ୟେକ ପିଲା ଶ୍ରେଣୀ ଚଟାଣ ଉପରେ ଗୋଡ଼ି / ମାଳି / ଡାଳି ଇତ୍ୟାଦି ସଜାଇ '୦'ର ଆକୃତି ତିଆରି କରିବେ ।

ଏହାପରେ ଶିକ୍ଷକ କାର୍ଯ୍ୟଫର୍ଦ୍ଦ-୫.୧ ଅଭ୍ୟାସ କରାଇବେ ।



## କାର୍ଯ୍ୟଫର୍ଦ୍ଦ-୫.୧ : ଶୂନର ଧାରଣା

ବଳିଥିବା ଆମ୍ବ ସଂଖ୍ୟାକୁ ◯ ମଧ୍ୟରେ ଲେଖ ।



୫ ଟି ମିଠା ଆମ୍ବ ଗୋଟିଏ ଝୁଡ଼ିରେ ଥିଲା । ରିମା ଗୋଟିଏ ନେଇ ଖାଇ ଦେଲା, ଆଉ କେତୋଟି ଆମ୍ବ ରହିଲା ?



---

୪ଟି ମିଠା ଆମ୍ବ ଝୁଡ଼ିରେ ଥିଲା । ରିମା ଗୋଟିଏ ଖାଇ ଦେଲା, ଆଉ କେତୋଟି ଆମ୍ବ ରହିଲା ?



---

୩ଟି ମିଠା ଆମ୍ବ ଝୁଡ଼ିରେ ଥିଲା । ରିମା ଗୋଟିଏ ଖାଇ ଦେଲା, ଆଉ କେତୋଟି ଆମ୍ବ ରହିଲା ?



---

୨ଟି ମିଠା ଆମ୍ବ ଝୁଡ଼ିରେ ଥିଲା । ରିମା ଗୋଟିଏ ଖାଇ ଦେଲା, ଆଉ କେତୋଟି ଆମ୍ବ ରହିଲା ?



---

୧ଟି ମିଠା ଆମ୍ବ ଝୁଡ଼ିରେ ଥିଲା । ରିମା ଗୋଟିଏ ଖାଇ ଦେଲା, ଆଉ କେତୋଟି ଆମ୍ବ ରହିଲା ?



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଦିବସ-୬

## ଶିକ୍ଷଣ ଫଳାଫଳ (Learning Outcome) : (M-112)

## ୧ ରୁ ୨୦ ପର୍ଯ୍ୟନ୍ତ ବସ୍ତୁ ଗଣିବ ଓ ସୂଚକ ଲେଖିବ ।



### କାର୍ଯ୍ୟ- ୧ : କାଗଜ ମୁଣି ଖେଳ ।

**ଶିକ୍ଷଣ ସାମଗ୍ରୀ:** ପେନ୍, ଗୋଲି, କାଗଜ ମୁଣି, ପେନସିଲ୍, ଛୋଟ ବଡ଼ ଗୋଡ଼ି, କାଠି, ଆଇସକ୍ରିମ କାଠି, ରବର ବ୍ୟାଣ୍ଡ୍ ଇତ୍ୟାଦି ।

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଗୋଲ ଆକୃତିରେ ବସିବେ ।
- ପ୍ରତ୍ୟେକ ପିଲାଙ୍କୁ ଗୋଲି ଥିବା ଗୋଟିଏ ଲେଖାଏଁ ମୁଣି ଦେବେ (ପ୍ରତ୍ୟେକ କାଗଜ ମୁଣିରେ ଭିନ୍ନ ଭିନ୍ନ ସଂଖ୍ୟକ ୧ ରୁ ୨୦ଟି ମଧ୍ୟରେ ଗୋଲିଥିବ) ।
- ଶିକ୍ଷକ ତାଳି ମାରିଲେ ପିଲାମାନେ ଧରିଥିବା କାଗଜ ମୁଣିକୁ ନିଜ ଡ଼ାହାଣ ପାଖରେ ବସିଥିବା ପିଲାଙ୍କୁ ଦେଇ ଚାଲିବେ ।
- ଯେପର୍ଯ୍ୟନ୍ତ ଶିକ୍ଷକ ପୁଣି ତାଳି ନ ମାରିଛନ୍ତି ସେ ପର୍ଯ୍ୟନ୍ତ ଦେଇ ଚାଲିଥିବେ । କୌଣସି ପିଲା ଏକ ରୁ ଅଧିକ କାଗଜ ମୁଣି ପାଖରେ ରଖିବେ ନାହିଁ ।
- ଶିକ୍ଷକ ତାଳି ମାରିଲେ ପିଲାମାନେ ପରବର୍ତ୍ତୀ ପିଲାକୁ କାଗଜ ମୁଣି ଦେବା ବନ୍ଦ କରିବେ ।
- ଯାହା ପାଖରେ ଯେଉଁ କାଗଜ ମୁଣି ରହିଥିବ, ସେଥିରେ ଥିବା ଗୋଲିକୁ ପିଲାମାନେ ଗଣିବେ ଓ ସଂଖ୍ୟାଟିକୁ ଚଟାଣ / ସ୍ଲେଟ୍ / ନିଜ ଖାତାରେ ଲେଖିବେ ।
- ପୁଣି ଶିକ୍ଷକ ତାଳି ମାରିଲେ କାଗଜ ମୁଣିକୁ ଡ଼ାହାଣ ପଟେ ବସିଥିବା ପିଲାକୁ ଦେଇ ଚାଲିବେ ଓ ଶିକ୍ଷକ ଦ୍ୱିତୀୟ ତାଳି ମାରିଲେ କାଗଜ ମୁଣି ଦେବା ବନ୍ଦ କରିବେ ଓ ନିଜ ପାଖରେ ଥିବା ମୁଣିର ଗୋଲିକୁ ଗଣିବେ ଓ ଲେଖିବେ ।

ଏହିପରି କାର୍ଯ୍ୟ, ଶିକ୍ଷକ ପିଲାଙ୍କ ଦ୍ୱାରା ବାରମ୍ବାର କରାଇବେ ଯାହା ଦ୍ୱାରା ପିଲାମାନେ ଭିନ୍ନ ଭିନ୍ନ ସଂଖ୍ୟା ପାଇବେ ଓ ସଂଖ୍ୟାକୁ ଲେଖିବେ ।

ବି.ଦ୍ର.: ପିଲା ସଂଖ୍ୟା ଅନୁଯାୟୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯିବ ।


ଏହାପରେ ଶିକ୍ଷକ କାର୍ଯ୍ୟଫର୍ଦ୍ଦ-୬.୧ ସମାଧାନ କରାଇବେ ।





# କାର୍ଯ୍ୟଫର୍ଦ୍ଦ-୬.୧

? ପ୍ରତ୍ୟେକ ଧାଡ଼ିରେ କେତୋଟି ଚିତ୍ର ଅଛି ଗଣି ଶୂନ୍ୟସ୍ଥାନରେ ଲେଖ ।


 ..................... ଟି ଆମ୍ବ

 ..................... ଟି କମଳା

 ................... ଟି ଅମୃତଭଣ୍ଡା

 ..................... ଟି କଦଳୀ

? ବାମ ପଟେ ଦିଆଯାଇଥିବା ଗାର ସଂଖ୍ୟା ଅନୁଯାୟୀ ଡାହାଣପଟେ ସେତୋଟି ଗୋଲକୁ ରଙ୍ଗ କର ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୭

## ଶିକ୍ଷଣ ଫଳାଫଳ (Learning Outcome) : (M-112)

## ୧ ରୁ ୨୦ ପର୍ଯ୍ୟନ୍ତ ବସ୍ତୁ ଗଣିବ ଓ ସୂଚକ ଲେଖିବ ।




### କାର୍ଯ୍ୟ- ୧ : ଆସ ଖେଳିବା

**ଶିକ୍ଷଣ ସାମଗ୍ରୀ :** ପେନ୍, ଗୋଲି, କାଗଜ ମୁଣି, ପେନସିଲ୍, ଛୋଟ ବଡ଼ ଗୋଡ଼ି, କାଠି, ଆଇସକ୍ରିମ କାଠି, ରବର ବ୍ୟାଣ୍ଡ୍ ଇତ୍ୟାଦି ।

**କାର୍ଯ୍ୟ କରିବାର ସୂଚନା :**

- ଦିବସ -୬ର ଶିକ୍ଷଣ କାର୍ଯ୍ୟରେ କରିଥିବା ଖେଳଟିକୁ ଭିନ୍ନ ରୂପରେ ଶିକ୍ଷକ ନିଜ ଅନୁସାରେ କରାଇବେ । ଏହା ପରେ ପିଲାମାନେ ଦଳଗତ ବା ଯୋଡ଼ିରେ ନିମ୍ନ ସାରଣୀକୁ ପୂରଣ କରିବେ ଓ କାର୍ଯ୍ୟଫର୍ଦ୍ଦ-୭.୧ କରିବେ ।

**? ପ୍ରତ୍ୟେକ ଧାଡ଼ିରେ ଥିବା ଚିତ୍ରଗୁଡ଼ିକୁ ଗଣ । ଉପଯୁକ୍ତ ସଂଖ୍ୟା ସହ ଗାର ଟାଣି ଯୋଡ଼ ।**




| |
|---|
| ୧୨ |
| ୧୦ |
| ୨୦ |
| ୧୧ |
| ୯ |
| ୧୪ |
| ୧୬ |
| ୧୩ |
| ୧୮ |
| ୧୭ |
| ୧୫ |
| ୧୯ |

# କାର୍ଯ୍ୟପର୍ଦ୍ଦ-୭.୧

? ଉପଯୁକ୍ତ ସଂଖ୍ୟା ଲେଖି ଖାଲି ଘର ପୂରଣ କର ।

| | | | | | | |
|---|---|---|---|---|---|---|
| ୧ | ୨ | ୩ | | | | ୭ |
| ୯ | ୧୦ | | | | | ୧୫ |
| ୧୨ | | | | | | ୧୮ |
| ୧୪ | | | | | | |

? ସଂଖ୍ୟାଗୁଡ଼ିକୁ କ୍ରମାନ୍ୱୟରେ ଯୋଡ଼ି ଚିତ୍ର କର ।




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୮

## ଶିକ୍ଷଣ ଫଳାଫଳ (Learning Outcome) : (M-112)

**ପିଲାମାନେ ୧ ରୁ ୨୦ ମଧ୍ୟରେ ଆଗ ଓ ପଛ ସଂଖ୍ୟା ଜାଣିବା ସହ ପରବର୍ତ୍ତୀ ଓ ପୂର୍ବବର୍ତ୍ତୀ ସଂଖ୍ୟାର ଧାରଣା ପାଇବ। ଏଥି ସହ ସାନ ବଡ଼, ବେଶି କମ୍ ର ଧାରଣା ପାଇବ।**



## କାର୍ଯ୍ୟ- ୧ : ପୂର୍ବ ପର

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ' **U** ' ଆକୃତିର ଠିଆ କରାଇ ପ୍ରଥମେ ଗୀତଟିକୁ ଗାଇବେ ଓ ପିଲାଙ୍କୁ ଗାଇବାକୁ କହିବେ। ଗୀତ ଗାଉଥିବା ସମୟରେ ଶିକ୍ଷକ ମଝିରେ ମଝିରେ ପିଲାମାନଙ୍କୁ ପ୍ରଶ୍ନ ପଚାରିବେ।

### ଗୀତ

ଝନ୍ ଝନା ଝନ୍ ଝନା
ଝନ୍ ଝନା ଝନା .......... (୨ଥର)
ମୁଁ ହେଉଛି ଏକ
ମୋ ପଛରେ ଅଛି ଶୂନ
ସ୍ୱଚ୍ଛ ରଖ ମନରେ ଭାଇ
ସ୍ୱଚ୍ଛ ରଖ ମନ।
ମୁଁ ହେଉଛି ଏକ
ମୋ ଆଗରେ ଅଛି ଦୁଇ
ସୁନା ପିଲା ମୁହିଁରେ ଭାଇ
ସୁନା ପିଲା ମୁହିଁ।
ଝନ୍ ଝନା ଝନ୍ ଝନା
ଝନ୍ ଝନା ଝନା .......... (୨ଥର)
ମୁଁ ହେଉଛି ଦୁଇ
ମୋ ପଛରେ ଅଛି ଏକ
ମୁଁ ହେଉଛି ଦୁଇ
ମୋ ଆଗରେ ଅଛି ତିନି
ତାକ୍ ଧିନା ଧିନ୍ ରେ ଭାଇ
ତାକ୍ ଧିନା ଧିନ୍
ମୁଁ ହେଉଛି ତିନି
ମୋ ପଛରେ ଅଛି ଦୁଇ
ମୁଁ ହେଉଛି ତିନି
ମୋ ଆଗରେ ଅଛି ଚାରି
ଲୁହା ବଡ଼ ଭାରୀ, ଭାଇ ଲୁହା ବଡ଼ ଭାରୀ।
ଝନ୍ ଝନା ଝନ୍ ଝନା
ଝନ୍ ଝନା ଝନା .......... ॥୨॥
ମୁଁ ହେଉଛି ଚାରି
ମୋ ପଛରେ ଅଛି ତିନି
ମୁଁ ହେଉଛି ଚାରି
ମୋ ଆଗରେ ଅଛି ପାଞ୍ଚ
ସତ ଆମେ କହିବା ଭାଇ
କହିବା ନାହିଁ ମିଛ।
ମୁଁ ହେଉଛି ପାଞ୍ଚ
ମୋ ପଛରେ ଅଛି ଚାରି
ମୁଁ ହେଉଛି ପାଞ୍ଚ
ମୋ ଆଗରେ ଅଛି ଛଅ।
ଗଛ ଆମ ଜୀବନ ଭାଇ
ତା' ମୂଳେ ପାଣି ଦିଅ।
ଝନ୍ ଝନା ଝନ୍ ଝନା
ଝନ୍ ଝନା ଝନା .......... ॥୨॥
ମୁଁ ହେଉଛି ଛଅ
ମୋ ପଛରେ ଅଛି ପାଞ୍ଚ
ମୁଁ ହେଉଛି ଛଅ
ମୋ ଆଗରେ ଅଛି ସାତ
ଖାଅ ଡାଲି ଭାତରେ ଭାଇ
ଖାଅ ଡାଲି ଭାତ
ମୁଁ ହେଉଛି ସାତ
ମୋ ପଛରେ ଅଛି ଛଅ
ମୁଁ ହେଉଛି ସାତ
ମୋ ଆଗରେ ଅଛି ଆଠ
ପଢ଼ ଭଲ ପାଠ ଭାଇ
ପଢ଼ ଭଲ ପାଠ॥
ଝନ୍ ଝନା ଝନ୍ ଝନା
ଝନ୍ ଝନା ଝନା ........... ॥୨॥

ଏହିଭଳି ଗୀତଟିକୁ ୯ ପର୍ଯ୍ୟନ୍ତ କରିବେ।



# କାର୍ଯ୍ୟଫର୍ଦ୍ଦ-୮.୧

? କ୍ରମ ଅନୁସାରେ ଖାଲି ଘର ପୂରଣ କର ।

| | | | | | | | | | | |
|---|---|---|---|---|---|---|---|---|---|---|
| ୧୦ | | ୧୨ | | | ୧୫ | | | | | |

? ମଝି ସଂଖ୍ୟାଟି ଲେଖ ।

| | | |
|---|---|---|
| ୧୬ | | ୧୮ |

ମଝି ସଂଖ୍ୟାଟି ଲେଖ ।

| | | |
|---|---|---|
| ୧୩ | | ୧୫ |

? ୧୮ର ପରବର୍ତ୍ତୀ ସଂଖ୍ୟା ଦୁଇଟିକୁ ଲେଖ ।

| | | |
|---|---|---|
| ୧୮ | | |

୧୪ର ପରବର୍ତ୍ତୀ ସଂଖ୍ୟା ଦୁଇଟିକୁ ଲେଖ ।

| | | |
|---|---|---|
| ୧୪ | | |

? ୧୬ର ଠିକ୍ ପୂର୍ବବର୍ତ୍ତୀ ଓ ଠିକ୍ ପରବର୍ତ୍ତୀ ସଂଖ୍ୟା ଲେଖ ।

| | | |
|---|---|---|
| | ୧୬ | |

୯ର ଠିକ୍ ପୂର୍ବବର୍ତ୍ତୀ ଓ ଠିକ୍ ପରବର୍ତ୍ତୀ ସଂଖ୍ୟା ଲେଖ ।

| | | |
|---|---|---|
| | ୯ | |

? ୧୮ର ପୂର୍ବବର୍ତ୍ତୀ ସଂଖ୍ୟା ଦୁଇଟିକୁ ଲେଖ ।

| | | |
|---|---|---|
| | | ୧୮ |

୧୦ର ପୂର୍ବବର୍ତ୍ତୀ ସଂଖ୍ୟା ଦୁଇଟିକୁ ଲେଖ ।

| | | |
|---|---|---|
| | | ୧୦ |



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୮.୨


? ସବୁଠାରୁ ବଡ଼ ସଂଖ୍ୟାରେ ଗୋଲ ବୁଲାଅ :-

| | | |
|---|---|---|
| ୧୩ | ୩ | ୯ |
| ୧୦ | ୫ | ୧୨ |
| ୧୬ | ୧୮ | ୧୭ |
| ୧୨ | ୧୫ | ୨୦ |
| ୧୧ | ୧୨ | ୧୩ |

? ସବୁଠାରୁ ସାନ ସଂଖ୍ୟାରେ ଗୋଲ ବୁଲାଅ :-

| | | |
|---|---|---|
| ୭ | ୨ | ୪ |
| ୧୫ | ୭ | ୨୦ |
| ୧ | ୧୦ | ୨୦ |
| ୧୪ | ୧୬ | ୧୨ |
| ୧୬ | ୮ | ୯ |

? ଚିତ୍ର ଗଣି ପାଖରେ ଥିବା ଖାଲି ଘରେ ସଂଖ୍ୟାଟି ଲେଖ ଓ ବଡ଼ ସଂଖ୍ୟା ପାଖ ଘରେ ✓ ଚିହ୍ନ ଦିଅ :




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୯
## ଶିକ୍ଷଣ ଫଳାଫଳ (Learning Outcome) : (M-112)
## ୨୦ ମଧ୍ୟରେ ସ୍ଥାନୀୟମାନ






### କାର୍ଯ୍ୟ- ୧ : ଆସ ବିଡ଼ା କରିବା

**ଶିକ୍ଷଣ ସାମଗ୍ରୀ:** କାଠି, ପତ୍ର, Base Ten Blocks, ରବର ବ୍ୟାଣ୍ଡ, ଖେଳଣା ଟଙ୍କା ଇତ୍ୟାଦି

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଯୋଡ଼ି ଯୋଡ଼ି ହୋଇ ବସିବେ ।
- ପ୍ରତ୍ୟେକ ଯୋଡ଼ିକୁ ୧୦ରୁ ଅଧିକ ପରିମାଣର ବସ୍ତୁ (ପତ୍ର, କାଠି......) ଦିଆଯିବ । ପିଲାମାନେ ରବର ବ୍ୟାଣ୍ଡ ବ୍ୟବହାର କରି ୧୦ଟିକିଆ ବିଡ଼ା ତିଆରି କରିବେ ଓ କେତୋଟି ବଳକା ରହିବ ଦର୍ଶାଇବେ ।
- ଏହାପରେ ପିଲାମାନେ ଯୋଡ଼ିରେ ନିମ୍ନ ସାରଣୀକୁ ପୂରଣ କରିବେ ଓ କାର୍ଯ୍ୟଫର୍ଦ୍ଦ-୯.୧ କରିବେ ।








**? ଆସ ଦଶ ଦଶକୁ ନେଇ ବିଡ଼ା କରିବା :**

| | | | |
|---|---|---|---|
|  |  ୧ଟି ବିଡ଼ା | ୧୦ | ଟି କାଠି |
|  |  ୧ଟି ପେନ୍ଥା | | ଟି କୋଳି |
|  |  ୧ଟି ବିଡ଼ା | | ଟି କାଠି |
|  |  ୧ଟି ଫେଣା | | ଟି କଦଳୀ |
|  |  ୧ଟି ୧୦ଟଙ୍କିଆ ମୁଦ୍ରା | | ଟି ୧ଟଙ୍କିଆ ମୁଦ୍ରା |



# କାର୍ଯ୍ୟଫର୍ଦ୍ଦ-୯.୧

? ଉଦାହରଣରେ ଦିଆଯାଇଥିବା ଭଳି ଶୂନ୍ୟସ୍ଥାନ ପୂରଣ କର ।

| | | |
|---|---|---|
|  | = ୧୦ | = ୧ ଦଶ |
|  | = ୧୧ | = ୧ ଦଶ ୧ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ ________ ଏକ |
|  | = ________ | = ________ ଦଶ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୧୦
## ଶିକ୍ଷଣ ଫଳାଫଳ (Learning Outcome) : (M-112)
## ୨୦ ପର୍ଯ୍ୟନ୍ତ ସଂଖ୍ୟାରେ ସ୍ଥାନୀୟମାନ



### କାର୍ଯ୍ୟ- ୧ : ନୋଟ୍ ଖେଳ

**ଶିକ୍ଷଣ ସାମଗ୍ରୀ:** ଖେଳଣା ଟଙ୍କା ( ୧ ୦ ଟଙ୍କିଆ, ୧ ଟଙ୍କିଆ), Base Ten Blocks, ରବର ବ୍ୟାଣ୍ଡ୍

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଯୋଡ଼ି/ ଦଳରେ ବସିବେ।
- ପ୍ରତ୍ୟେକ ଯୋଡ଼ିକୁ କିଛି ୧ ୦ ଟଙ୍କିଆ ନୋଟ୍ ଓ କିଛି ୧ ଟଙ୍କିଆ ନୋଟ୍ ଦିଆଯିବ।
- ପିଲାମାନେ ୧ ୦ ଟଙ୍କିଆ ଏବଂ ୧ ଟଙ୍କିଆ ବ୍ୟବହାର କରି ୧ ୫/ ୧ ୭/ ୧ ୨/ ୧ ୮ ଟଙ୍କା ଦେଖାଇବେ।
- ପିଲାମାନେ ୧ ୫/ ୧ ୭/ ୧ ୨/ ୧ ୮ ଟଙ୍କାର ସଂଯୋଗକୁ ଚଟାଣରେ ତଳେ ଦିଆଯାଇଥିବା ସାରଣୀ ଭଳି ଲେଖିବେ।

| ଟଙ୍କାର ପରିମାଣ | ୧ ୦ ଟଙ୍କା | ୧ ଟଙ୍କା |
|---|---|---|
| ୧ ୫ | ୧ | ୫ |
| ୧ ୭ | | |
| ୧ ୨ | | |
| ୧ ୮ | | |
| ୧ ୪ | | |

ଏହାପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ-୧ ୦.୧ ଓ ୧ ୦.୨ ପୂରଣ କରିବେ।



## କାର୍ଯ୍ୟଫର୍ଦ୍ଦ-୧୦.୧

? ଚିତ୍ର ଦେଖି ଖାଲି ସ୍ଥାନ ପୂରଣ କର



(୯) ଆଉ ଏକ (୧) → (୧୦) ର ଗୋଟେ ବିଡ଼ା




( ) ଆଉ ଏକ ( ) → ( )



( ) ଆଉ ଦୁଇ ( ) → ( )



( ) ଆଉ ତିନି ( ) → ( )



( ) ଆଉ ଚାରି ( ) → ( )

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର




ଆଉ ପାଞ୍ଚ




ଆଉ ଛଅ



ଆଉ ସାତ



ଆଉ ଆଠ



ଆଉ ନଅ




ଆଉ ଦଶ

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୧୦.୨

? ଉଦାହରଣ ଦେଖି ଦଶ ର ଦଳ କର ଓ କେତୋଟି ଚିତ୍ର ଅଛି ଗଣି ଲେଖ ।



୧୩


| ଦଶ | ଏକ |
|---|---|
| ୧ | ୩ |



| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୧୧ ଓ ୧୨

## ଶିକ୍ଷଣ ଫଳାଫଳ (Learning Outcome) : (LOM-104)

## ସ୍ଥୂଳବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ।



### କାର୍ଯ୍ୟ- ୧ : ଗୋଡ଼ି ଖେଳ

**ଶିକ୍ଷଣ ସାମଗ୍ରୀ:** ଗୋଡ଼ି, ମଞ୍ଜି, ଗୋଲି, ବିଦ୍ୟାଳୟରେ ଉପଲବ୍ଧ ଗଣିତ କିଟ୍‌ରେ ଥିବା ସାମଗ୍ରୀ।

**କାର୍ଯ୍ୟ କରିବାର ସୂଚନା :**


- ଯେକୌଣସି ଗୋଟିଏ ପ୍ରକାର ଜିନିଷକୁ କାଗଜ ପୁଡ଼ିଆରେ ୧ , ୨ ,୩, ୪ଟି କରି ରଖିବେ।
- ପିଲା ସଂଖ୍ୟାକୁ ଦେଖି ପୁଡ଼ିଆ ପ୍ରସ୍ତୁତ କରାଯିବ।
- ''କୁହ ଭାଇ କେତେ'' ଶିକ୍ଷକ ଖେଳଟିକୁ ଖେଳାଇବେ।

**କୁହଭାଇ କେତେ ଖେଳ: ୧ମ ପର୍ଯ୍ୟାୟ**

- ଶିକ୍ଷକ ପିଲାଙ୍କୁ କହିବେ- କୁହଭାଇ କେତେ
- ପିଲାମାନେ କହିବେ- ଆପଣ କହିବେ ଯେତେ
- ଶିକ୍ଷକ ୩ କହିଲେ ପିଲାମାନେ ୩ ଜଣ ଏକାଠି ଠିଆ ହେବେ।
- ଶିକ୍ଷକ ଯେଉଁ ସଂଖ୍ୟା କହିବେ ସେତିକି ସଂଖ୍ୟକ ପିଲା ଏକାଠି ଠିଆ ହେବେ।
- ଏହିଭଳି ଖେଳ ଚାଲିବ (ଶିକ୍ଷକ ୨ରୁ ୫ ମଧ୍ୟରେ ସଂଖ୍ୟା କହିବେ)।
- ଶେଷରେ ୨/୩ ମିନିଟ୍ ଖେଳ ପରେ ଶିକ୍ଷକ ୨ କହିବେ, ଦୁଇଜଣ ଲେଖାଏଁ ପିଲା ଠିଆ ହେବେ।
- ଗୋଲି ପୁଟୁଳା ଥିବା ସ୍ଥାନରୁ ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ ପୁଟୁଳା ନେବେ।
- ପ୍ରତ୍ୟେକ ଯୋଡ଼ି ୨ ଟି ପୁଟୁଳାରେ ଥିବା ଗୋଡ଼ିକୁ ମିଶାଇ କେତେ ହେଲା କହିବେ। ଗୋଟିଏ ଯୋଡ଼ି ଅନ୍ୟ ଯୋଡ଼ିର ମିଶାଣ ଫଳକୁ ଦେଖିବେ ଓ ଆଲୋଚନା କରିବେ।

**୨ୟ ପର୍ଯ୍ୟାୟ**

- ଏହିଭଳି ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ପିଲା ୨ଟି ପୁଡ଼ିଆ ଆଣିବେ। ଗୋଡ଼ିକୁ ମିଶାଇ କହିବେ ଓ ଲେଖିବେ।
- ଏହିଭଳି ପ୍ରତ୍ୟେକ ପିଲା ଯେପରି କାର୍ଯ୍ୟ କରିବେ ସେଥିପ୍ରତି ଶିକ୍ଷକ ଦୃଷ୍ଟି ଦେବେ।



### କାର୍ଯ୍ୟ- ୨

**ଶିକ୍ଷଣ ସାମଗ୍ରୀ:** ଗୋଡ଼ି, ମଞ୍ଜି, ଗୋଲି, ବିଦ୍ୟାଳୟରେ ଉପଲବ୍ଧ ଗଣିତ କିଟ୍‌ରେ ଥିବା ସାମଗ୍ରୀ।






**କାର୍ଯ୍ୟ କରିବାର ସୂଚନା :**

- କାର୍ଯ୍ୟ ୧ ଗୋଡ଼ି ଖେଳ ଭଳି ଖେଳ ଚାଲିବ।
- ପିଲାମାନେ ବ୍ୟକ୍ତିଗତ ଭାବେ କାର୍ଯ୍ୟଫର୍ଦ୍ଦ- ୧୧.୧ ପୂରଣ କରିବେ।
- ଶିକ୍ଷକ ଆଲୋଚନା କରି ସଂକ୍ଷେପଣ କରିବେ।



# କାର୍ଯ୍ୟଫର୍ଦ୍ଦ-୧୧.୧

? ଉଦାହରଣଟିକୁ ଦେଖ ଓ ଦୁଇଟି ଘରର ଚିତ୍ରକୁ ମିଶାଇ ଖାଲି ଘରେ ଲେଖ ।

| | | | | | |
|---|---|---|---|---|---|
| କ) |  ୩ | ଓ |  ୨ | ମିଶି |  ୫ |
| ଖ) |  | ଓ |  | ମିଶି |  |
| ଗ) |  | ଓ |  | ମିଶି |  |
| ଘ) |  | ଓ |  | ମିଶି |  |

? ଉଦାହରଣଟିକୁ ଦେଖ ଓ ସଂଖ୍ୟା ଦୁଇଟିକୁ ମିଶାଇ ଖାଲି ଘରେ ଲେଖ ।

| | | | | |
|---|---|---|---|---|
| ୪ | + | ୪ | = | ୮ |
| ୫ | + | ୨ | = | |
| ୬ | + | ୩ | = | |
| ୩ | + | ୪ | = | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୧୩

## ଶିକ୍ଷଣ ଫଳାଫଳ (Learning Outcome) : (LOM-104)
## ସ୍ଥୂଳବସ୍ତୁ ବ୍ୟବହାର କରି ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ ।



### କାର୍ଯ୍ୟ- ୧ : ମଞ୍ଜି ଖେଳ

**ଶିକ୍ଷଣ ସାମଗ୍ରୀ:** ଗୋଡ଼ି, ମଞ୍ଜି, ଗୋଲି

**କାର୍ଯ୍ୟ କରିବାର ସୂଚନା :**

- ପ୍ରତ୍ୟେକ ପିଲା ବାହାରୁ ୯ଟି ଲେଖାଏଁ ଗୋଡ଼ି ଆଣିବେ । (ବିଦ୍ୟାଳୟ ପରିସର ମଧ୍ୟରେ ଗୋଡ଼ି ନମିଳିଲେ ଶିକ୍ଷକ ପୂର୍ବରୁ ବ୍ୟବସ୍ଥା କରିଥିବେ ।)
- ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବେ ଆଣିଥିବା ଗୋଡ଼ିକୁ କେତେ ଉପାୟରେ ୨ ଟି ଭାଗରେ ରଖି ପାରୁଛନ୍ତି ରଖିବେ ।
- ପ୍ରତିଥର ଦୁଇଭାଗ କରିଥିବା ଗୋଡ଼ିଗୁଡ଼ିକୁ ଗଣି ନିଜ ଖାତାରେ ଲେଖିବେ ।
- ଯେପରି ୨ ଓ ୭=୯
- ଯେଉଁ ପିଲା ଅଧିକ ପ୍ରକାର ରଖିପାରିବ ତାକୁ ଶ୍ରେଣୀରେ ଉତ୍ସାହିତ କରାଯିବ ।
- ଏହା ପରେ ପ୍ରତ୍ୟେକ ପିଲା ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବେ ।

**? ଉଦାହରଣ ଦେଖି ଖାଲି ଘର ପୂରଣ କର ।**

| | |
|---|---|
| **୨ ଟି କଲମ ଓ ୫ଟି କଲମ ମିଶି ୭ ଟି କଲମ ।** | **୨ + ୫ = ୭** |
| ୪ ଟି ରବର ଓ ୫ ଟି ରବର ମିଶି .................... ଟି ରବର । | |
| ୬ ଟି ଗଛ ଓ ୨ ଟି ଗଛ ମିଶି .................... ଟି ଗଛ । | |
| ୫ ଟି ଆତ ଓ ୪ ଟି ଆତ ମିଶି .................... ଟି ଆତ । | |
| ୭ ଟି ଗଧ ଓ ୧ ଟି ଗଧ ମିଶି .................... ଟି ଗଧ । | |
| ୪ ଟି ବତକ ଓ ୩ ଟି ବତକ ମିଶି .................... ଟି ବତକ । | |

# ଦିବସ-୧୪

## ଶିକ୍ଷଣ ଫଳାଫଳ (Learning Outcome) : (LOM-104)

## ସ୍ଥୂଳବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ।




### କାର୍ଯ୍ୟ- ୧ : ଆସ ଯୋଗ କରିବା

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଦିଆଯାଇଥିବା ଉଦାହରଣ ଦେଖି କାର୍ଯ୍ୟଟି କରିବେ ଓ ପରେ କାର୍ଯ୍ୟଫର୍ଦ୍ଦ-୧୪.୧ ବ୍ୟକ୍ତିଗତ ଭାବେ ପୂରଣ କରିବେ।
- ଦୁଇ ଦୁଇ ଜଣ ଆଲୋଚନା କରି ସଂଶୋଧନ କାର୍ଯ୍ୟ କରିବେ।

? ଉଦାହରଣକୁ ଦେଖି ଯୋଗଫଳକୁ ଗାର ଟାଣି ଯୋଡ଼।

| | | |
|---|---|---|
| ୩ + ୨ | | ୪ + ୩ |
| ୪ + ୨ | | ୨ + ୩ |
| ୩ + ୪ | | ୧ + ୮ |
| ୮ + ୧ | | ୨ + ୬ |
| ୬ + ୨ | | ୨ + ୪ |
| ୨ + ୧ | | ୩ + ୧ |
| ୧ + ୩ | | ୧ + ୨ |





# କାର୍ଯ୍ୟଫର୍ଦ୍ଦ-୧୪.୧

## ? ଖାଲି ଘର ପୂରଣ କର, ଯେପରି

| | | | | | | | | |
|---|---|---|---|---|---|---|---|---|
| ୩ | + | ୨ | = | ୫ | = | ୧ | + | ୪ |
| | + | | = | ୮ | = | | + | |
| | + | | = | ୪ | = | | + | |
| | + | | = | ୭ | = | | + | |

## ? ଖାଲି ଘର ପୂରଣ କର ଯେପରି

| | | | | | |
|---|---|---|---|---|---|
| ୩ ରେ ୨ ମିଶିଲେ ୫ ହେବ। | ୩ | + | ୨ | = | ୫ |
| ୬ ରେ ............... ମିଶିଲେ ୮ ହେବ। | ୬ | + | | = | ୮ |
| ............... ରେ ୫ ମିଶିଲେ ୯ ହେବ। | | + | ୫ | = | ୯ |
| ୧ ରେ ............... ମିଶିଲେ ୩ ହେବ। | ୧ | + | | = | ୩ |
| ୪ ରେ ............... ମିଶିଲେ ୪ ହେବ। | ୪ | + | | = | ୪ |
| ୪ ରେ ............... ମିଶିଲେ ୯ ହେବ। | | + | | = | |
| ୮ ରେ ............... ମିଶିଲେ ୯ ହେବ। | | + | | = | |
| ୩ ରେ ............... ମିଶିଲେ ୯ ହେବ। | | + | | = | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୧୫

## ଶିକ୍ଷଣ ଫଳାଫଳ (Learning Outcome) : (LOM-104)
## ସ୍ଥୂଳବସ୍ତୁ ବ୍ୟବହାର କରି ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ।



### କାର୍ଯ୍ୟ- ୧ : ଆସ ଯୋଗ କରିବା

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଦିଆଯାଇଥିବା ଉଦାହରଣ ଦେଖି କାର୍ଯ୍ୟଟି କରିବେ ଓ ପରେ କାର୍ଯ୍ୟଫର୍ଦ୍ଦ- ୧୫.୧ ବ୍ୟକ୍ତିଗତ ଭାବେ ପୂରଣ କରିବେ।
- ଯୋଡ଼ିରେ ଆଲୋଚନା କରି ସଂଶୋଧନ କାର୍ଯ୍ୟ କରିବେ।


**? ଦୁଇଟି ସଂଖ୍ୟାକୁ ମିଶାଇ ଠିକ୍ ଉତ୍ତର ଘରକୁ ଗାର ଟାଣ, ଯେପରି : -**

| | | | | |
|---|---|---|---|---|
| ୩ | + | ୨ | = | |
| ୪ | + | ୨ | = | ୬ |
| ୫ | + | ୨ | = | ୫ |
| ୬ | + | ୨ | = | |
| ୭ | + | ୨ | = | ୭ |
| ୩ | + | ୧ | = | |
| ୨ | + | ୨ | = | ୮ |
| ୬ | + | ୩ | = | ୯ |
| ୪ | + | ୪ | = | |
| ୮ | + | ୧ | = | ୪ |

# କାର୍ଯ୍ୟଫର୍ଦ୍ଦ-୧୫.୧


? ଖାଲି ଘରେ କେଉଁ ସଂଖ୍ୟା ଲେଖି ମିଶାଇଲେ, ମିଶାଣ ଫଳ ୯ ହେବ ?

ଯେପରି : -




? ଖ) ଦୁଇଟି ସଂଖ୍ୟାକୁ ମିଶାଇ ମିଶାଣଫଳକୁ ବାହାର ପାଖ ଘରେ ଲେଖ ।

ଯେପରି : -




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଦିବସ-୧୬
## ଶିକ୍ଷଣ ଫଳାଫଳ (Learning Outcome) : (M-104)
## ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ ।



### କାର୍ଯ୍ୟ- ୧ : ବେଲୁନ୍ ଖେଳ

**ସାମଗ୍ରୀ:**

ତଳେ ଦିଆଯାଇଥିବା ବେଲୁନ୍ ବାଲା ବେଲୁନ୍ ଧରିଥିବାର ଚିତ୍ର ।

**କାର୍ଯ୍ୟ କରିବାର ସୂଚନା:**

- ପ୍ରତ୍ୟେକ ବେଲୁନର ଦାମ୍ ତଳ କୋଠରିରେ ଲେଖାଯାଇଛି ।
- ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରି ଉତ୍ତର ଆଦାୟ କରିବେ ।

୧ଟି ଲାଲ୍ ବେଲୁନ୍ - ୫ ଟଙ୍କା
୧ଟି ନୀଳ ବେଲୁନ୍- ୪ ଟଙ୍କା
୧ଟି ହଳଦିଆ ବେଲୁନ୍- ୩ ଟଙ୍କା
୧ଟି ସବୁଜ ବେଲୁନ୍ - ୨ ଟଙ୍କା
୧ଟି ଧଳା ବେଲୁନ୍ - ୧ ଟଙ୍କା



**ବ୍ୟକ୍ତିଗତ କାର୍ଯ୍ୟ (ମୌଖିକ ଓ ଲିଖିତ)**

- କେଉଁ ରଙ୍ଗର ବେଲୁନ୍‌ର ଦାମ୍ କେତେ ଟଙ୍କା ପିଲାମାନେ କହିବେ ।
- କେଉଁ ରଙ୍ଗର ଦୁଇଟି ବେଲୁନ୍ କିଣିଲେ ୮ ଟଙ୍କା ଦେବା ?
- ଗୋଟିଏ ସବୁଜ ଓ ଗୋଟିଏ ଲାଲ ବେଲୁନ୍ କିଣିଲେ କେତେ ଟଙ୍କା ଦେବା ?
- ୫ ଟଙ୍କାରେ କେଉଁ ରଙ୍ଗର ଦୁଇଟି ବେଲୁନ୍ ମିଳିବ ?
- ଗୋଟିଏ ଲାଲ୍ ଓ ଗୋଟିଏ ନୀଳ ବେଲୁନ୍ କିଣିଲେ କେତେ ଟଙ୍କା ଦେବା ?
- ପ୍ରତ୍ୟେକ ରଙ୍ଗର ୨ଟି ଲେଖାଏଁ ବେଲୁନ୍ କିଣିଲେ କେତେ ଟଙ୍କା ଦେବା ?
- ଏହିପରି ୯ ମଧ୍ୟରେ ମିଶାଣ ପାଇଁ ପ୍ରଶ୍ନ କରାଯିବ । ପିଲାମାନେ ବ୍ୟକ୍ତିଗତ ଭାବେ କହିବେ ଓ ଲେଖିବେ ।

## ଦିବସ-୧୭

## ଶିକ୍ଷଣ ଫଳାଫଳ (Learning Outcome) : (LOM-104)

## ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ। (ଯୋଗଫଳ ୧୫ ମଧ୍ୟରେ ହେବ)



### କାର୍ଯ୍ୟ- ୧ : ବେଲୁନ୍ ଖେଳ

**ଶିକ୍ଷଣ ସାମଗ୍ରୀ:** ବେଲୁନ୍‌ବାଲା ବେଲୁନ୍ ଧରିଥିବାର ପୂର୍ବ ପୃଷ୍ଠାର ଚିତ୍ର।

**କାର୍ଯ୍ୟ କରିବାର ସୂଚନା :**

- ପ୍ରତ୍ୟେକ ପିଲା ଚିତ୍ର ଦେଖି ଚିତ୍ରରେ ଥିବା ବେଲୁନ୍‌ଗୁଡ଼ିକର ମୂଲ୍ୟକୁ ଦେଖିବେ। କେଉଁ ରଙ୍ଗର ବେଲୁନ୍ କେତେ ଦାମ୍ ଜାଣିବେ।
- ୩/୪ ଜଣରେ ଦଳ ଗଠନ କରିବେ ଓ ଦଳରେ ପ୍ରତ୍ୟେକ ପିଲା ବ୍ୟକ୍ତିଗତ କାର୍ଯ୍ୟ କରି ଦଳରେ ସଂକ୍ଷେପଣ କରିବେ ଓ ନିମ୍ନ ପ୍ରଶ୍ନର ଉତ୍ତର ଦେବେ।
- ପ୍ରତ୍ୟେକ ପିଲା ୧୦, ୧୨, ୧୫ ଟଙ୍କାରେ କେଉଁ କେଉଁ ରଙ୍ଗର କେତୋଟି ବେଲୁନ୍ ନେଇପାରିବେ, ତାହା ଆଲୋଚନା କରିବେ।

? ଠିକ୍ ମିଶାଣ ଫଳରେ ◯ ଗୋଲ୍ ବୁଲାଅ।

| | |
|---|---|
| ୮ + ୪ = | ୮, (୧୨), ୧୦ |
| ୭ + ୫ = | ୧୨, ୭, ୫ |
| ୬ + ୫ = | ୧୨, ୧୧, ୬ |
| ୮ + ୩ = | ୧୧, ୧୨, ୧୩ |
| ୯ + ୩ = | ୧୧, ୧୩, ୧୨ |

**ଯୋଗ କର :**

| | | |
|---|---|---|
| ୮<br>+ ୪<br>——— | ୭<br>+ ୫<br>——— | ୯<br>+ ୨<br>——— |
| ୬<br>+ ୬<br>——— | ୬<br>+ ୪<br>——— | ୭<br>+ ୪<br>——— |

**ଶିକ୍ଷକଙ୍କ ପାଇଁ ସୂଚନା :** ଦୈନନ୍ଦିନ ଜୀବନରୁ ବିଭିନ୍ନ ଉଦାହରଣ ଦେଇ ଯୋଗ ସମ୍ବନ୍ଧୀୟ ଆଲୋଚନା କରିବେ।

# ଦିବସ-୧୮ ଓ ୧୯

## ଶିକ୍ଷଣ ଫଳାଫଳ (Learning Outcome) : (M-104)

## ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବା (ଯୋଗଫଳ ୧୮ ମଧ୍ୟରେ ହେବ)



### କାର୍ଯ୍ୟ- ୧ : କାଗଜ ଭଙ୍ଗା ଖେଳ

| | | |
|---|---|---|
| ୨ | ୩ | ୮ |
| ୪ | ୭ | ୬ |
| ୯ | ୦ | ୫ |

**ଶିକ୍ଷଣ ସାମଗ୍ରୀ:** ବଲ୍, ସଂଖ୍ୟା ଗ୍ରୀଡ୍ (କଳାପଟାରେ ଲେଖାହେବ)

- ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଲେଖା ଥିବା କାଗଜ ଭଙ୍ଗା ହୋଇ ଡ଼ବାରେ ଥିବ।

**କାର୍ଯ୍ୟ କରିବାର ସୂଚନା :**

- ଦୁଇ ଦଳ ମଧ୍ୟରେ ଖେଳ ହେବ।
- ଗୋଟିଏ ଦଳର ଜଣେ ପିଲା ଡବାରୁ ଗୋଟିଏ କାଗଜ ବାହାର କରିବ ଓ ସେଥିରେ ଲେଖାଥିବା ସଂଖ୍ୟାକୁ ପଢ଼ିବ।
- ଦଳର ପିଲାମାନେ ବ୍ୟକ୍ତିଗତ ଭାବେ ସେହି ସଂଖ୍ୟାକୁ ଖାତାରେ ଲେଖିବେ ଓ ସେହି ଦଳର ଆଉ ଜଣେ ପିଲା ସଂଖ୍ୟା ଗ୍ରୀଡ୍‌କୁ ବଲ ପକାଇବେ।
- ବଲଟି, ଯେଉଁ ସଂଖ୍ୟା ଉପରେ ପଡ଼ିବ, ସେହି ସଂଖ୍ୟାକୁ ପୂର୍ବରୁ ଲେଖାଥିବା ସଂଖ୍ୟା ସହ ଯୋଗ କରି ଯୋଗଫଳ କେତେ ହେଲା କହିବେ, ସେତିକି ପଏଣ୍ଟ ସେହି ଦଳ ପାଇବେ।
- ଅନ୍ୟ ଦଳ ପୂର୍ବ ପରି ଡବାରୁ ସଂଖ୍ୟା କାର୍ଡ଼ ବାହାର କରିବେ ଓ ସେହି ସଂଖ୍ୟାକୁ ଲେଖି, ବଲ୍ ପକାଇବେ ଓ ମିଶାଇ ପଏଣ୍ଟ ପାଇବେ।
- ଏହିଭଳି ଶିକ୍ଷକ ଖେଳ ପରିଚାଳନା କରିବେ ଓ ଉଭୟ ଦଳର ପଏଣ୍ଟକୁ ଲେଖିବେ।
- ପ୍ରତି ପର୍ଯ୍ୟାୟ ଖେଳ ଶେଷରେ କେଉଁ ଦଳ କେତେ ପଏଣ୍ଟ ପାଇଲେ ହିସାବ କରି ସେହି ପର୍ଯ୍ୟାୟର ବିଜେତା ଘୋଷଣା କରାଯିବ।



### କାର୍ଯ୍ୟ- ୨

**କାର୍ଯ୍ୟ କରିବାର ସୂଚନା :**


- ଶିକ୍ଷକ ତିନି ଜଣ ପିଲାଙ୍କୁ ଡାକିବେ ଦୁଇ ଜଣ ପିଲା ନିଜ ମନରୁ ଗୋଟିଏ ଗୋଟିଏ ସଂଖ୍ୟା କହିବେ ଓ କଳାପଟାରେ ଲେଖିବେ। ତୃତୀୟ ପିଲା କଳାପଟାରେ ମିଶାଣ ଫଳଟିକୁ ଲେଖିବ। ଏହିପରି ସମସ୍ତ ପିଲାଙ୍କୁ ନେଇ ଅଭ୍ୟାସ କରାଇବେ।
- ପିଲାମାନେ କାର୍ଯ୍ୟଫର୍ଦ୍ଦ ୧୯.୧ କୁ ବ୍ୟକ୍ତିଗତ ଭାବେ ପୂରଣ କରିବେ।
- ଯୋଡ଼ିରେ କାର୍ଯ୍ୟକୁ ଆଲୋଚନା କରି ସଂଶୋଧନ କରିବେ।
- ଶିକ୍ଷକ ଆଲୋଚନା କରି ସଂଶୋଧନ ଓ ସଂକ୍ଷେପଣ କରିବେ।



# କାର୍ଯ୍ୟଫର୍ଦ୍ଦ-୧୯.୧

**?** ଫୁଲ ପାଖୁଡ଼ାରେ ଏପରି ଦୁଇଟି ସଂଖ୍ୟା ଲେଖ, ଯାହାକୁ ମିଶାଇଲେ ମଝି ସଂଖ୍ୟାଟି ହେବ।

ଯେପରି :




**?** ଉଦାହରଣ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

**ଉଦାହରଣ**

୧. ଗୋଟିଏ ବେଲର ଦାମ ୭ ଟଙ୍କା, ଗୋଟିଏ କମଳାର ଦାମ୍ ୫ ଟଙ୍କା, ଦୁଇଟି ଫଳ କିଣିଲେ ଆମକୁ କେତେ ଟଙ୍କା ଦେବାକୁ ପଡ଼ିବ।

ଦେଖ : ବେଲର ଦାମ [୭ ଟଙ୍କା] + କମଳାର ଦାମ [୫ ଟଙ୍କା] = ମୋଟ୍ [୧୨ ଟଙ୍କା]

**ନିଜେ କର:**

୨. ଗୋଟିଏ ସପୁରୀର ଦାମ ୮ ଟଙ୍କା ଓ ଗୋଟିଏ ଆମ୍ବର ଦାମ୍ ୬ ଟଙ୍କା ହେଲେ ଦୁଇଟି ଫଳ ଆଣିଲେ କେତେ ଟଙ୍କା ଦେବା ?

୩. ୫ଟି ବାଇଗଣ ଓ ୮ଟି ଆଳୁ ଗୋଟିଏ ଝୁଡ଼ିରେ ଥିଲା, ତେବେ ସେ ଝୁଡ଼ିରେ ମୋଟ୍ କେତୋଟି ପରିବା ଥିଲା ?

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୦

## ଶିକ୍ଷଣ ଫଳାଫଳ (Learning Outcome) : (M-104,M-103)

## ୯ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ କରିବ। (ଯୋଗଫଳ ୧୮ ମଧ୍ୟରେ ହେବ), ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ବିୟୋଗ କରିବ।



### କାର୍ଯ୍ୟ- ୧ : ମୋ ଦୋକାନ ଘର

**ସାମଗ୍ରୀ:**

୨. ଗୋଟିଏ ଡ଼ବା, ୨ଟଙ୍କା ଠାରୁ ୧୮ଟଙ୍କା ପର୍ଯ୍ୟନ୍ତ ଟଙ୍କା କାର୍ଡ ।



୩ ଟଙ୍କା





୯ ଟଙ୍କା



୫ ଟଙ୍କା



୬ ଟଙ୍କା



୪ ଟଙ୍କା



୨ ଟଙ୍କା



୮ ଟଙ୍କା




୧ ଟଙ୍କା

**କାର୍ଯ୍ୟ କରିବାର ସୂଚନା:**

- ପ୍ରତି ଦଳରେ ୪/୫ ଜଣ ପିଲା ରହିବେ
- ପ୍ରତ୍ୟେକ ଦଳରେ ୨ ରୁ ୧୮ ପର୍ଯ୍ୟନ୍ତ କାଗଜରେ ଲେଖାଥିବା ଟଙ୍କା କାର୍ଡ଼କୁ ଚାରି ଭାଙ୍ଗକରି ପୁଡ଼ିଆରେ ଦିଆଯିବ।
- ଦଳରେ ଥିବା ପ୍ରତ୍ୟେକ ପିଲା ଗୋଟିଏ ପୁଡ଼ିଆ ଆଣିବେ।
- ଯେତିକି ଟଙ୍କା, ପୁଡ଼ିଆରେ ବାହାରିବ, ସେତିକି ଟଙ୍କାରେ ଉପରେ ଦିଆଯାଇଥିବା କେଉଁ କେଉଁ ଜିନିଷ କିଣି ପାରିବେ ତାହାର ତାଲିକା କରିବେ। (ଏକାଧିକ ଉପାୟରେ ଉତ୍ତର ନିର୍ଣ୍ଣୟ ପାଇଁ ଉତ୍ସାହିତ କରାଯିବ।)
- ଏହିପରି ଦଳରେ ଖେଳ ଚାଲିବ।
- ପିଲାମାନେ ବ୍ୟକ୍ତିଗତ ଭାବେ ଆକଳନ ଫର୍ଦ୍ଦ ପୂରଣ କରିବେ।

ରୋ.ନ. : ________ ନାମ : ____________________



# ଆକଳନ ଫର୍ଦ୍ଦ-୧

## ଖାଲି ଘର ପୂରଣ କର ।

ଯେପରି ୪ + ୨ = ୬ = ୧ + ୫

☐ + ☐ = ୫ = ☐ + ☐

☐ + ☐ = ୯ = ☐ + ☐

## ଖାଲି ଘର ପୂରଣ କର ।

ଯେପରି ୩ + ୪ = ୭

୬ + ☐ = ୧୧

୫ + ୨ = ☐

୬ + ୮ = ☐

୯ + ୯ = ☐

## ଯୋଗ କର ।

| | | | |
|---|---|---|---|
| ୮ | ୭ | ୯ | ୮ |
| + ୫ | + ୬ | + ୭ | + ୭ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୧

## ଶିକ୍ଷଣ ଫଳାଫଳ (Learning Outcome) : (M-105)

୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାରେ ବିୟୋଗ କରିବ ଯେପରି ୯ ଟି ଜିନିଷର ସମୂହରୁ ୩ଟି ଜିନିଷକୁ ବାହାର କରିନେବା ଓ ବଳକା ଜିନିଷକୁ ଗଣି ୯-୩ = ୬ ନିର୍ଣ୍ଣୟ କରିବ।



### କାର୍ଯ୍ୟ- ୧ : କାର୍ଡ଼ ଖେଳ


**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ଼

**କାର୍ଯ୍ୟ କରିବାର ସୂଚନା :**

- ସମସ୍ତ ଶିକ୍ଷାର୍ଥୀ ୩ ଟି ଦଳରେ ଭାଗ ହେବେ ଓ ପ୍ରତି ଦଳକୁ ୦ ଠାରୁ ୯ ପର୍ଯ୍ୟନ୍ତ ଲେଖାଥିବା ସଂଖ୍ୟା କାର୍ଡ଼ ଦିଆଯିବ।
- ଦଳ- ୧ କୁ ମିଳିଥିବା ସଂଖ୍ୟା କାର୍ଡ଼ରୁ ସେମାନେ ଗୋଟିଏ ଦେଖାଇବେ ୨ୟ ଦଳ ମଧ୍ୟ ଗୋଟିଏ ସଂଖ୍ୟା ଦେଖାଇବ।
- ପ୍ରତ୍ୟେକ ଦଳର ଶିକ୍ଷାର୍ଥୀମାନେ ଦେଖାଇଥିବା ସଂଖ୍ୟା କାର୍ଡ଼ର ସଂଖ୍ୟାଟିକୁ ନିଜ ଖାତାରେ ଲେଖିବେ।
- ତା ପରେ ବଡ଼ ସଂଖ୍ୟାରୁ ସାନ ସଂଖ୍ୟାଟିକୁ ବିୟୋଗ କରି ବିୟୋଗ ଫଳ ୩ୟ ଦଳ କହିବ। ଉତ୍ତର ଭୁଲ କି ଠିକ୍ ଆଲୋଚନା ହେବ।
- ଏହି ଖେଳଟି ସବୁ ସଂଖ୍ୟା କାର୍ଡ଼ ସରିବା ପର୍ଯ୍ୟନ୍ତ ଚାଲୁ ରହିବ।

ଯେପରିକି ୧ମ ଦଳ : ୯ (ସଂଖ୍ୟା କାର୍ଡ଼ ଦେଖାଇବ)
୨ୟ ଦଳ : ୪ (ସଂଖ୍ୟା କାର୍ଡ଼ ଦେଖାଇବ)
୩ୟ ଦଳ : ୫ (ସଂଖ୍ୟା କାର୍ଡ଼ ଦେଖାଇବ)


ଏହିପରି ଭାବେ ଦଳ ଅଦଳ ବଦଳ ହୋଇ କାର୍ଯ୍ୟଟି ଚାଲୁ ରହିବ। ଏହା ପରେ ଶିକ୍ଷକ ନିମ୍ନ ସାରଣୀଟି ପୂରଣ କରିବା ପାଇଁ ପିଲାଙ୍କୁ କହିବେ ଓ କାର୍ଯ୍ୟଫର୍ଦ୍ଦ- ୨୧.୧ ସମାଧାନ କରାଇବେ।






# କାର୍ଯ୍ୟଫର୍ଦ୍ଦ-୨୧.୧

? ବିୟୋଗ ଫଳ କେତେ ?  ଏହାକୁ ଏପରି ମଧ୍ୟ ଲେଖାଯାଏ ।




୫ - ୪ = ୧

$$\begin{array}{r} ୫ \\ - ୪ \\ \hline ୧ \end{array}$$



୬ - ୨ = ☐

$$\begin{array}{r} ୬ \\ - ୨ \\ \hline ☐ \end{array}$$



୯ - ୫ = ☐

$$\begin{array}{r} ୯ \\ - ୫ \\ \hline ☐ \end{array}$$

? ଦୁଇଟି ସଂଖ୍ୟାର ବିୟୋଗ ଫଳକୁ ମଝିରେ ଥିବା ସଂଖ୍ୟା ସହ ଗାର ଟାଣି ଯୋଡ଼ ।

| | | |
|---|---|---|
| ୪ - ୨ | ୮ | ୫ - ୩ |
| ୭ - ୨ | ୫ | ୮ - ୦ |
| ୯ - ୧ | ୨ | ୮ - ୩ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୨

## ଶିକ୍ଷଣ ଫଳାଫଳ (Learning Outcome) : (M-105)
## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ । (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)



### କାର୍ଯ୍ୟ-୧ : ଆସ ଗପ ଶୁଣିବା

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ୰ ଆକୃତିରେ ବସାଇ ଗପଟିକୁ କହିବେ ।

**-: ଗପ :-**

ରିମା, ଆଈଙ୍କ ସହ ଗାଁ ରେ ରହେ । ରିମାକୁ କାକରା ପିଠା ଖାଇବାକୁ ଭାରି ଭଲ ଲାଗେ । ଦିନେ ସେ ତା' ଆଈଙ୍କୁ ପିଠା କରିବା ପାଇଁ କହିଲା । ଆଈ ମଧ୍ୟ ଖୁସି ମନରେ ତା' ପାଇଁ ୧୨ଟି ପିଠା କଲେ । ସେହିଦିନ ରିମାର ବାପା, ମା', ଭାଇ ଓ ଭଉଣୀ ଆସି ଗାଁରେ ପହଞ୍ଚିଲେ । ଆଈ ପିଠା କରିଥିବା ଜାଣି ସେମାନେ ଖାଇବାକୁ ଇଚ୍ଛା କଲେ । ଆଈ ସେମାନଙ୍କୁ ୪ଟି ପିଠା ଦେଲେ । ପିଠା ଭାରି ସୁଆଦିଆ ହୋଇଥିଲା । ତେଣୁ ସେମାନେ ଆଈଙ୍କୁ ମାଗି ମାଗି ଆଉ ୪ଟି ପିଠା ଖାଇଦେଲେ । ରିମା ସ୍କୁଲରୁ ଫେରିଲା, ବାପା, ମା', ଭାଇ, ଭଉଣୀଙ୍କୁ ଦେଖି ବହୁତ ଖୁସି ହେଲା । ବହୁତ ଭୋକ ହେଉଥିବାରୁ ଆଈଙ୍କୁ ପିଠା ମାଗିଲା । ରିମା ବାକିତକ ପିଠାରୁ ୩ଟି ଖାଇଲା ଓ ଭାରି ଖୁସି ହେଲା ।

ଗପ କହିବା ସମୟରେ ଶିକ୍ଷକ ନିମ୍ନଲିଖିତ ପ୍ରଶ୍ନ ପିଲାଙ୍କୁ ପଚାରି ଉତ୍ତର ଆଦାୟ କରିବେ ଓ ଆବଶ୍ୟକ ସ୍ଥଳେ ପ୍ରଶ୍ନ ସଂଖ୍ୟା ବଢ଼ାଇ ପାରିବେ ।


- ଆଈ କେତୋଟି ପିଠା କରିଥିଲେ ?
- ରିମା ଖାଇବା ପରେ କେତୋଟି ପିଠା ବଳିଲା ?
- ରିମାର ବାପା, ମା', ଭାଇ, ଭଉଣୀ କେତୋଟି ପିଠା ଖାଇଲେ ?

ପ୍ରଶ୍ନୋତ୍ତର କାର୍ଯ୍ୟ ସରିବା ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ-୨୨.୧ ପୂରଣ କରିବେ ।

# କାର୍ଯ୍ୟଫର୍ଦ୍ଦ-୨୨.୧

କେତେ ରହିଲା ଲେଖ।

ଥିଲା | ଗଲା | ରହିଲା




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୩

## ଶିକ୍ଷଣ ଫଳାଫଳ (Learning Outcome) : (M-105)

## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ।
## (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)



### କାର୍ଯ୍ୟ- ୧ : ସଂଖ୍ୟା ଖେଳ।

**ଶିକ୍ଷଣ ସାମଗ୍ରୀ:** ୧୦ ରୁ ୧୮ ପର୍ଯ୍ୟନ୍ତ ସଂଖ୍ୟା କାର୍ଡ଼

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଦୁଇଟି ଦଳରେ ଭାଗ କରାଯିବ ଓ ଦଳ ଦୁଇଟି ମୁହାଁ ମୁହିଁ ହୋଇ ବସିବେ।
- ଦଳ ଦୁଇଟି ମଝିରେ ସଂଖ୍ୟା କାର୍ଡ଼ ଥିବ (୧୦ ରୁ ୧୮)। ଶିକ୍ଷକ ଯେକୌଣସି ଗୋଟିଏ ସଂଖ୍ୟା କାର୍ଡ ଉଠାଇ ଦୁଇ ଦଳକୁ ଦେଖାଇବେ ଓ ସଂଖ୍ୟାଟି କେତେ ବୋଲି ପଚାରିବେ।
- କଳାପଟାରେ ଗୋଟିଏ ସଂଖ୍ୟା ଗ୍ରୀଡ଼ (୩ x ୩) ଯେଉଁଥିରେ ୦ ରୁ ୮ ପର୍ଯ୍ୟନ୍ତ ସଂଖ୍ୟା ଥିବ।

| | | |
|---|---|---|
| ୦ | ୧ | ୨ |
| ୩ | ୪ | ୫ |
| ୬ | ୭ | ୮ |

- ପ୍ରତ୍ୟେକ ଦଳରୁ ଗୋଟିଏ ପିଲା ସଂଖ୍ୟା ଗ୍ରୀଡ଼କୁ ବଲ୍ ପକାଇବ।
- ବଲ ବାଜିଥିବା ସଂଖ୍ୟାଟିକୁ ଶିକ୍ଷକ ଦେଖାଇଥିବା ସଂଖ୍ୟାରୁ ବିୟୋଗ କରି ବିୟୋଗ ଫଳ ପିଲାମାନେ ଖାତାରେ ଲେଖିବେ। ବିୟୋଗ କରିବା ସମୟରେ କାଠି ବା ଗୋଡ଼ିର ବ୍ୟବହାର କରିବାକୁ କୁହାଯିବ।
- ଯେଉଁ ଦଳର ବିୟୋଗଫଳ ଅଧିକ ସେହି ଦଳ ବିଜେତା ହେବ।
- ଏହିପରି ଖେଳଟି ଚାଲୁ ରହିବ ଏବଂ ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା ଦେବେ।

ଖେଳ ସମାପ୍ତି ପରେ ନିମ୍ନ ସାରଣୀଟି ପୂରଣ କରାଯିବ ଓ କାର୍ଯ୍ୟଫର୍ଦ୍ଦ ୨୩.୧ କରାଯିବ।

? ଖାଲି ଥିବା ଘରେ ଉପଯୁକ୍ତ ସଂଖ୍ୟା ଲେଖ।

| | | | | | |
|---|---|---|---|---|---|
| ୧୮ | | ୧୬ | | ୧୪ | |
| | ୧୧ | | ୯ | | |
| | | ୪ | | | ୧ |





# କାର୍ଯ୍ୟଫର୍ଦ୍ଦ-୨୩.୧

? ଉଦାହରଣ ଦେଖି ଖାଲି ଘର ପୂରଣ କର ।

| | | |
|---|---|---|
| ୧୫ - ୯ | = | ◯ |
| ୧୫ - ୮ | = | ◯ |
| ୧୫ - ୭ | = | ◯ |
| ୧୫ - ୬ | = | ◯ |
| ୧୫ - ୫ | = | ◯ |

| | | |
|---|---|---|
| ୧୭ - ☐ | = | ୮ |
| ୧୭ - ☐ | = | ୯ |
| ୧୭ - ☐ | = | ୧୦ |
| ୧୭ - ☐ | = | ୧୧ |
| ୧୭ - ☐ | = | ୧୨ |




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୪

## ଶିକ୍ଷଣ ଫଳାଫଳ (Learning Outcome) : (M-105)

## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ ।

## (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)

### କାର୍ଯ୍ୟ- ୧ : ବାଘ ହରିଣ ଖେଳ ।


**ଶିକ୍ଷଣ ସାମଗ୍ରୀ:** ହରିଣ, ଗାଈ, ଛେଳି, ଠେକୁଆ, ମେଣ୍ଢା, ବାଘ, ସିଂହ ଆଦି ପଶୁଙ୍କ ଚିତ୍ର ଥିବା କାର୍ଡ଼ରେ ସଂଖ୍ୟା ଲେଖାଯାଇଥିବା ।

ଯେପରିକି :










ଇତ୍ୟାଦି ।

ଏହିପରି ୧ ଠାରୁ ୧୮ ପର୍ଯ୍ୟନ୍ତ ଚିତ୍ରଥିବା ସଂଖ୍ୟା କାର୍ଡ଼ କରାଯିବ ।

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ସମସ୍ତ ପିଲାଙ୍କୁ ନେଇ ଦୁଇଟି ଦଳରେ ଭାଗ କରିବେ । ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଲାକୃତିରେ ବସାଇବେ । ମଝିରେ ଥାଳିରେ ଚିତ୍ରରେ ଲେଖାଥିବା ସଂଖ୍ୟାଗୁଡ଼ିକୁ ରଖିବେ ।
- ଉଭୟ ଦଳରୁ ଦୁଇ ଜଣ ପିଲା ଆସି ଥାଳିରୁ ସଂଖ୍ୟା କାର୍ଡ଼ ନେବେ । ଯଦି ସେଥିରେ ଛେଳି, ମେଣ୍ଢା, ଠେକୁଆ, ଗାଈ ଆଦିର ଚିତ୍ର କାର୍ଡ଼ ଆସେ ତେବେ ସେ ଦୁଇ ଜଣ ନିଜ ଚିତ୍ର କାର୍ଡ଼ରେ ଲେଖାଥିବା ସଂଖ୍ୟାକୁ ଯୋଗ କରି କେତେ ହେବ କହିବେ ।
- ଯଦି ଗୋଟିଏ ପିଲାର ବାଘ ଚିତ୍ର ଥିବା କାର୍ଡ଼ ଓ ଅନ୍ୟର ଛେଳି କିମ୍ବା ଅନ୍ୟ କିଛି ଚିତ୍ର କାର୍ଡ଼ ବାହାରେ, ତେବେ ବାଘ ଚିତ୍ର ଥିବା ପିଲାଟି ଅନ୍ୟ ପିଲା ପଛରେ ଗୋଡ଼େଇବ । ଦୁଇ ଥର ଗୋଡ଼ାଇବା ଭିତରେ କାର୍ଡ଼ରେ ଲେଖାଥିବା ବଡ଼ ସଂଖ୍ୟାରୁ ସାନ ସଂଖ୍ୟାକୁ ବିୟୋଗ କରି ବିୟୋଗ ଫଳକୁ ସେହି ଦଳର ପିଲା କହିବେ । ଗୋଡ଼ାଇବା ସମୟରେ ଦଳର ପିଲାମାନେ ଯଦି ବିୟୋଗ ଫଳ କହିଦିଅନ୍ତି ତେବେ ଖେଳଟି ବନ୍ଦ ହେବ । ତା ପରେ ଆଉ ଦୁଇଜଣ ପିଲା ଆସି ସେହି ଖେଳଟିକୁ ଖେଳିବେ ଏହାପରେ ନିମ୍ନ କାର୍ଯ୍ୟଟି କରିବେ ।

**?** ଖାଲି ଘର ପୂରଣ କର ।

| | |
|---|---|
| ୧୮ - ୭ = ☐ | ୧୮ - ☐ = ୭ |
| ୧୭ - ୫ = ☐ | ୧୭ - ☐ = ୧୨ |
| ୧୫ - ୨ = ☐ | ୧୫ - ☐ = ୧୩ |
| ୧୬ - ୪ = ☐ | ୧୬ - ☐ = ୧୨ |




# କାର୍ଯ୍ୟପତ୍ର-୨୪.୧

୧ ) ଗାର ଟାଣି ଠିକ୍ ଉତ୍ତରକୁ ଚିହ୍ନାଅ ।

| | |
|---|---|
| ୪ - ୨ | ୦ |
| ୯ - ୨ | ୮ |
| ୭ - ୩ | ୭ |
| ୮ - ୫ | ୩ |
| ୯ - ୧ | ୪ |
| ୫ - ୫ | ୨ |

| | |
|---|---|
| ୧୮ - ୧୫ | ୪ |
| ୧୫ - ୫ | ୧୧ |
| ୧୭ - ୬ | ୯ |
| ୧୮ - ୯ | ୩ |
| ୧୧ - ୧୦ | ୧୦ |
| ୧୧ - ୭ | ୧୧ |
| ୧୭ - ୬ | ୧ |

ଏପରି ଦୁଇଟି ସଂଖ୍ୟା ନିଅ ଯେପରି ସେମାନଙ୍କର ବିୟୋଗଫଳ ମଝି ଘରେ ଲେଖାଥିବା ୫ ସହ ସମାନ ହେବ ।




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୫

## ଶିକ୍ଷଣ ଫଳାଫଳ (Learning Outcome) : (M-105)

## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ।

## (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)




### କାର୍ଯ୍ୟ- ୧ : ବାଘ ହରିଣ ଖେଳ।

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ଦିବସ - ୨୪ ରେ ଥିବା ଖେଳଟିକୁ ପୁନରାବୃତ୍ତି କରିବେ କିମ୍ବା ସେହିପରି ବିୟୋଗ ସମ୍ପର୍କୀତ ଖେଳ ଖେଳି ସାରିବା ପରେ ନିମ୍ନ କାର୍ଯ୍ୟଟିକୁ କରିବେ ଏବଂ ପରେ କାର୍ଯ୍ୟଫର୍ଦ୍ଦ ୨୫.୧ ପିଲାମାନେ କରିବେ।

**?** ଫୁଲର ପାଖୁଡ଼ାରେ ଏପରି ଦୁଇଟି ସଂଖ୍ୟା ଲେଖ ଯାହାର ବିୟୋଗ ଫଳ ମଝିରେ ଲେଖାଥିବା ସଂଖ୍ୟାସହ ସମାନ ହେବ।





# କାର୍ଯ୍ୟଫର୍ଦ୍ଦ-୨୫.୧

## ଆସ, ସମାଧାନ କରିବା

୧) ସୀମା ପାଖରେ ୧୭ଟି କମଳା ଥିଲା । ସେଥିରୁ ରୀମା ୧୨ଟି କମଳା ନେଲା । ସୀମା ପାଖରେ ଆଉ କେତୋଟି କମଳା ରହିଲା ?

ସୀମା ପାଖରେ ଥିବା କମଳା = ☐

ରୀମା ନେଇଥିବା କମଳା = ☐

---

ସୀମା ପାଖରେ ରହିଲା = ☐ - ☐ = ☐

୨) ରାମ ପାଖରେ ୧୨ ଟି କଲମ ଥିଲା । ସେ ସେଥିରୁ ୮ ଟି କଲମ ରାଜୁକୁ ଦେଲା । ତା' ପାଖରେ ଆଉ କେତୋଟି କଲମ ରହିଲା ?

ରାମ ପାଖରେ ଥିଲା କଲମ = ☐

ରାଜୁକୁ ଦେଲା = ☐

---

ରାମ ପାଖରେ ରହିଲା = ☐ - ☐ = ☐

## ଉତ୍ତର ଲେଖ ।

୧) ରହିମ ପାଖରେ ୧୫ ଟଙ୍କା ଥିଲା । ସେ ଗୋଟିଏ ଖାତା କିଣି ଦୋକାନୀକୁ ୧୨ ଟଙ୍କା ଦେଲା । ତା' ପାଖରେ ଆଉ କେତେ ଟଙ୍କା ରହିଲା ?

୨) ଜୋସେଫ୍ ପାଖରେ ୧୭ ଟଙ୍କା ଥିଲା । ସେ ରହିମ୍‌କୁ ୧୦ ଟଙ୍କା ଧାର ଦେଲା । ତା' ପାଖରେ ଆଉ କେତେ ଟଙ୍କା ରହିଲା ?

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୬ ଓ ୨୭

## ଶିକ୍ଷଣ ଫଳାଫଳ (Learning Outcome) : (M-105)

## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ।

## (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)




### କାର୍ଯ୍ୟ-୧ : ଆଇଲାରେ ବାଘ ଆଇଲାରେ

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ଶ୍ରେଣୀ କୋଠରି ମଧ୍ୟରେ ଏକ ବଡ ବୃତ୍ତ ଅଙ୍କନ କରିବେ।
- ନଅ ଜଣ ଶିକ୍ଷାର୍ଥୀ ବୃତ୍ତ ଭିତରେ ଠିଆ ହେବେ। (ଦିଆ ଯାଇଥିବା ଚିତ୍ର ଦେଖନ୍ତୁ)
- ଅବଶିଷ୍ଟ ଶିକ୍ଷାର୍ଥୀଙ୍କୁ ବୃତ୍ତ ବାହାରେ ଛିଡ଼ା ହୋଇ ଗୀତ ଗାଇବାକୁ କହିବେ।

ଆରେ ଭାଇ ଆ'ତୁ ଧାଇଁ
ବଜାର ଯିବା ମଜା କରିବା
ଖେଳଣା କିଣି ଖେଳ ଖେଳିବା
ନାଚିବା ଆମେ ମିଠେଇ ଖାଇ
ଆ'ରେ ଭାଇ ଆ' ତୁ ଧାଇଁ ।



- ଏହା ପରେ ଶିକ୍ଷକ କହିବେ 'ଆଇଲାରେ ବାଘ ଆଇଲା'
- ଭିତରେ ଥିବା ପିଲାମାନେ ଏହାର ୨ୟ ପଂକ୍ତିଟିକୁ ଗାଇବେ।

ପାଟିକୁ ଝପି ଉହାଡ଼ ଦେଖି
ନଡରି ମନେ ସାହସ ରଖି
ଯା...ତୁ ଲୁଚି ଯା
ଆରେ ଭାଇ ଆ

- ଗୀତ ଚାଲୁଥିବା ସମୟରେ ଗୋଲ ବାହାରେ ଥିବା ପିଲାଙ୍କ ମଧ୍ୟରୁ ଜଣେ ଏକଗୋଡ଼ିକିଆ ହୋଇ ଭିତରକୁ ଯିବ ଏବଂ ଭିତରେ ଥିବା ପିଲାମାନଙ୍କୁ ଛୁଇଁବାକୁ ଚେଷ୍ଟାକରିବ। ଯାହାକୁ ଛୁଇଁଲା ବା ଯିଏ ବୃତ୍ତ ବାହାରକୁ ବାହାରି ଆସିଲା ସେ ପିଲା ଖେଳରୁ ବାଦ ପଡ଼ିବ।
- ଏବେ ନଅଜଣ ପିଲାଙ୍କ ମଧ୍ୟରୁ ଯେଉଁମାନେ ସମ୍ପୂର୍ଣ୍ଣ ବୃତ୍ତରେ ରହିବେ ସେହି ସଂଖ୍ୟକ ପିଲା ସୁରକ୍ଷିତ ଓ ଅବଶିଷ୍ଟ ପିଲାଙ୍କୁ ବାଘ ନେଇଗଲା ବୋଲି କହିବେ ଓ ନିମ୍ନ ପ୍ରକାରରେ କଳାପଟାରେ ସଂକ୍ଷେପଣ କରିବେ।

| | |
|---|---|
| ପ୍ରଥମେ କେତେ ଜଣ ପିଲା ଭିତରେ ଥିଲେ ? | |
| କେତେ ଜଣଙ୍କୁ ବାଘ ନେଇଗଲା ? | |
| କେତେ ଜଣ ପିଲା ସୁରକ୍ଷିତ ରହିଲେ ? | |

- ଶିକ୍ଷକ ଶ୍ରେଣୀର ପିଲା ସଂଖ୍ୟାକୁ ଦୃଷ୍ଟିରେ ରଖି ୯ ମଧ୍ୟରେ ବିୟୋଗ ପାଇଁ ବିଭିନ୍ନ ଖେଳ କରିପାରିବେ।



# କାର୍ଯ୍ୟପତ୍ର-୨୭.୧

? ଖାଲି ଘର ପୂରଣ କର, ଯେପରିକି ସଂଖ୍ୟା ଦୁଇଟିର ବିୟୋଗଫଳ ୧୦ ହେଉଥିବ।

___ - ୩ = ୧୦

___ - ୪ = ୧୦

___ - ୫ = ୧୦

___ - ୬ = ୧୦

___ - ୭ = ୧୦

___ - ୮ = ୧୦

? ଉପଯୁକ୍ତ ସଂଖ୍ୟା ଲେଖି ଖାଲି ଘର ପୂରଣ କର।

୫ - ___ = ୩

୭ - ___ = ୫

___ - ୨ = ୧୫

___ - ୨ = ୧୦

___ - ୨ = ୪

୧୦ - ___ = ୮

୧୧ - ___ = ୯

୪ - ___ = ୨

୨ - ___ = ୦

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୨୮, ୨୯ ଓ ୩୦

## ଶିକ୍ଷଣ ଫଳାଫଳ (Learning Outcome) : (M-105)

## ଦୈନନ୍ଦିନ ଜୀବନରେ ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବ।
## (୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିୟୋଗ)



### କାର୍ଯ୍ୟ- ୧ : ସଂଖ୍ୟା ଖେଳ।

**ଶିକ୍ଷଣ ସାମଗ୍ରୀ:** ଫ୍ଲାସ୍ କାର୍ଡ଼ / ସଂଖ୍ୟା କାର୍ଡ଼ ( ୧ ରୁ ୧୮ ପର୍ଯ୍ୟନ୍ତ)

**କାର୍ଯ୍ୟ କରିବାର ସୂଚନା :**

- ଶ୍ରେଣୀ ମଝିରେ ଗୋଟିଏ ସେଟ୍ ସଂଖ୍ୟା କାର୍ଡ଼ ରଖାଯିବ।
- ପ୍ରତ୍ୟେକ ପିଲାକୁ ଗୋଟିଏ ଗୋଟିଏ ସଂଖ୍ୟା କାର୍ଡ଼ ଦିଆଯିବ।
- ପ୍ରତ୍ୟେକ ପିଲା ମଝିରେ ଥିବା ସଂଖ୍ୟା କାର୍ଡ଼ରୁ ଯେ କୌଣସି ଗୋଟିଏ କାର୍ଡ଼ ନେବେ।
- ମଝିରୁ ନେଇଥିବା ସଂଖ୍ୟା କାର୍ଡ଼ ଓ ପାଖରେ ଥିବା ସଂଖ୍ୟା କାର୍ଡ଼ ମଧ୍ୟରୁ ବଡ଼ ସଂଖ୍ୟାରୁ ସାନ ସଂଖ୍ୟାକୁ ବିୟୋଗ କରି ବିୟୋଗ ଫଳ ବାହାର କରିବେ। ସମାନ ବିୟୋଗ ଫଳ ପାଇ ଥିବା ପିଲାମାନେ ପରସ୍ପରକୁ ଖୋଜି ସାଙ୍ଗ ହେବେ।
- ଯେଉଁ ପିଲାମାନଙ୍କର ବିୟୋଗ ଫଳ ୧, ସେମାନେ ଗୋଟିଏ ଦଳ, ୨ ସେମାନେ ଅନ୍ୟ ଏକ ଦଳ ଏହିପରି ଭାବେ ୩,୪,୫,୬,୭,୮ ବିୟୋଗ ଫଳ ଥିବା ପିଲାମାନେ ଦଳ ଗଠନ କରିବେ।
- ଯଦି କମ୍ ପିଲା ଥିବେ ତେବେ ଯୋଡ଼ି କାର୍ଯ୍ୟ କରାଯାଇପାରେ।
- ଶିକ୍ଷଣ କାର୍ଯ୍ୟ ଚାଲୁଥିବା ସମୟରେ, ଶିକ୍ଷକ କାର୍ଯ୍ୟକୁ ତଦାରଖ କରୁଥିବେ ଓ ଆବଶ୍ୟକ ସ୍ଥଳେ ସହାୟତା ଦେବେ।
- ଖେଳ ଶେଷ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ୨୮.୧ ପୂରଣ କରିବେ।



### କାର୍ଯ୍ୟ- ୨ : ସଂଖ୍ୟା ଖେଳ।

**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ଼ ( ୧୦ ରୁ ୧୮ ପର୍ଯ୍ୟନ୍ତ)

**କାର୍ଯ୍ୟ କରିବାର ସୂଚନା :**

- ଖେଳଟି ଶ୍ରେଣୀ ଗୃହ ବାହାରେ ହେବ।
- ପ୍ରତି ଥର ୫ ଜଣ ଲେଖାଏଁ ପିଲା ଖେଳରେ ଭାଗ ନେବେ।
- ପିଲାମାନଙ୍କ ଠାରୁ କିଛି ଦୂରରେ ପ୍ଲେଟ୍‌ରେ ସଂଖ୍ୟା କାର୍ଡ଼ ରଖାଯିବ।
- ସଙ୍କେତ ଦେବା ମାତ୍ରେ ପିଲାମାନେ ସଂଖ୍ୟାକାର୍ଡ଼ ଥିବା ସ୍ଥାନକୁ ଦୌଡ଼ିବେ ଓ ଦୁଇଟି ସଂଖ୍ୟା କାର୍ଡ଼ ଉଠାଇବେ।
- ତା’ ପରେ ବଡ଼ ସଂଖ୍ୟାରୁ ସାନ ସଂଖ୍ୟାକୁ ବିୟୋଗ କରି ବିୟୋଗଫଳ ଚଟାଣରେ ଲେଖି ନିଜ ସ୍ଥାନକୁ ଦୌଡ଼ି ଆସିବେ। ଉତ୍ତରଗୁଡ଼ିକୁ ଦେଖି କେଉଁ ପିଲା ଠିକ୍ ଉତ୍ତର ଦେଇଛି ଶିକ୍ଷକ ନିର୍ଣ୍ଣୟ କରିବେ।
- ଠିକ୍ ଉତ୍ତର କରିଥିବା ପ୍ରଥମ ପିଲାକୁ ସମସ୍ତେ ଉତ୍ସାହିତ କରିବେ।
- ଶିକ୍ଷଣ କାର୍ଯ୍ୟ ଚାଲୁଥିବା ସମୟରେ, ଶିକ୍ଷକ କାର୍ଯ୍ୟକୁ ତଦାରଖ କରୁଥିବେ ଓ ଆବଶ୍ୟକ ସ୍ଥଳେ ସହାୟତା ଦେବେ।
- ଖେଳ ଶେଷ ପରେ ପିଲାମାନେ କାର୍ଯ୍ୟଫର୍ଦ୍ଦ ୨୯.୧ ପୂରଣ କରିବେ।



# କାର୍ଯ୍ୟଫର୍ଦ୍ଦ-୨୮.୧

**?** ଠିକ୍ ଉତ୍ତରରେ ( ✓ ) ଚିହ୍ନ ଦିଅ।

| | | | | | | |
|---|---|---|---|---|---|---|
| ୧୩ | - | ୫ | = | ୧୨ | ୮ | ୭ |
| ୧୨ | - | ୦ | = | ୧୧ | ୧୨ | ୧୩ |
| ୧୪ | - | ୫ | = | ୯ | ୧୦ | ୧୧ |
| ୧୮ | - | ୧୩ | = | ୭ | ୬ | ୫ |
| ୧୧ | - | ୮ | = | ୩ | ୪ | ୫ |
| ୯ | - | ୨ | = | ୬ | ୭ | ୮ |
| ୧୫ | - | ୬ | = | ୧୦ | ୯ | ୮ |
| ୧୦ | - | ୧୦ | = | ୧୦ | ୧ | ୦ |
| ୧୮ | - | ୧୪ | = | ୩ | ୪ | ୨ |

**?** ଏପରି ଦୁଇଟି ସଂଖ୍ୟା ଖାଲି ଥିବା ଦୁଇଟି କୋଠରିରେ ଲେଖ, ଯେପରି ସେମାନଙ୍କ ବିୟୋଗ ଫଳ ଡାହାଣ ପାଖ କୋଠରିରେ ଲେଖାଥିବା ସଂଖ୍ୟା ସହ ସମାନ ହେବ।

| | | | | | | | | | |
|---|---|---|---|---|---|---|---|---|---|
| | - | | = | ୧ | | - | | = | ୬ |
| | - | | = | ୨ | | - | | = | ୭ |
| | - | | = | ୩ | | - | | = | ୮ |
| | - | | = | ୪ | | - | | = | ୯ |
| | - | | = | ୫ | | - | | = | ୦ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୨୯.୧

ପ୍ରତ୍ୟେକ କୋଠରିର ବାମ ପଟ ଓ ଡାହାଣ ପଟ ଘରେ ଥିବା ସଂଖ୍ୟାକୁ ବିୟୋଗ କରି ସମାନ ବିୟୋଗ ଫଳକୁ ଗାର ଦେଇ ଯୋଡ଼ ।

| | |
|---|---|
| ୧୧ - ୬ | ୧୩ - ୪ |
| ୮ - ୧ | ୧୫ - ୭ |
| ୧୦ - ୧ | ୧୦ - ୩ |
| ୧୪ - ୬ | ୧୨ - ୭ |

| | |
|---|---|
| ୬ - ୪ | ୧୬ - ୭ |
| ୬ - ୩ | ୯ - ୨ |
| ୧୪ - ୫ | ୧୦ - ୮ |
| ୧୬ - ୯ | ୧୩ - ୧୦ |

| | |
|---|---|
| ୮ - ୩ | ୧୨ - ୧୧ |
| ୧୩ - ୨ | ୧୩ - ୬ |
| ୯ - ୮ | ୧୭ - ୬ |
| ୧୧ - ୪ | ୧୦ - ୫ |

| | |
|---|---|
| ୧୬ - ୯ | ୭ - ୨ |
| ୧୪ - ୬ | ୧୦ - ୩ |
| ୧୩ - ୬ | ୯ - ୧ |
| ୧୧ - ୬ | ୧୧ - ୪ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୧

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ (୨୧ ରୁ ୩୦ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ : ଆସ ଗଣିବା

**ସାମଗ୍ରୀ :**


୨୧ ରୁ ୩୦ ପର୍ଯ୍ୟନ୍ତ ସଂଖ୍ୟା କାର୍ଡ଼ ୨ ସେଟ୍ ତିଆରି କରିବେ।

**କାର୍ଯ୍ୟ କରିବାର ସୂଚନା :**

- ଦୁଇ ଜଣ ଲେଖାଏଁ ପିଲା ଯୋଡ଼ି ହେବେ ଓ ପ୍ରସ୍ତୁତ ସଂଖ୍ୟା କାର୍ଡ଼ର ଗୋଟିଏ ସେଟ୍ ଗୋଟିଏ ସ୍ଥାନରେ ଓ ଅନ୍ୟ ସେଟ୍‌ଟି ଅନ୍ୟ ସ୍ଥାନରେ ଥିବ। (ଯେପରି ସଂଖ୍ୟାଟି ତଳ ପଟକୁ ଥିବ)
- ଯୋଡ଼ିର ୧ମ ପିଲା ଆସି ଗୋଟିଏ ସ୍ଥାନରୁ ଯେକୌଣସି କାର୍ଡ଼ ଆଣି ଦେଖାଇବ ଏବଂ ସଂଖ୍ୟାଟିକୁ କହିବ।
- ସେହି ଯୋଡ଼ିର ୨ୟ ପିଲା ଆସି ଅନ୍ୟ ସ୍ଥାନରୁ ଯେକୌଣସି କାର୍ଡ଼ ଆଣି ଦେଖାଇବ ଏବଂ ସଂଖ୍ୟାଟିକୁ କହିବ।
- ଯଦି ଦୁଇ ଜଣଙ୍କର ସଂଖ୍ୟା ଏକା ହେବ ସେ ଦୁଇଜଣ କାର୍ଡ଼କୁ ନେଇଯିବେ ଏବଂ ସମସ୍ତେ ସେହି ସଂଖ୍ୟାଟିକୁ ଖାତାରେ ଲେଖିବେ। ଯଦି ସଂଖ୍ୟା ଦୁଇଟି ଅଲଗା ହେଲା ତେବେ କାର୍ଡ଼ ଦ୍ୱୟ ରଖିଦେବେ।
- ଏହିପରି ଖେଳାଯିବ। ଶେଷରେ ଯେଉଁ ଯୋଡ଼ି ପାଖରେ ଅଧିକ ମେଳକ କାର୍ଡ଼ ଥିବ ସେହି ଯୋଡ଼ି ଜିତିବ। ଆବଶ୍ୟକ ସ୍ଥଳେ ଶିକ୍ଷକ ସହାୟତା କରିବେ।
- ଏହାପରେ ପିଲାମାନେ ନିମ୍ନ କାର୍ଯ୍ୟଟି କରିବେ ଓ କାର୍ଯ୍ୟଫର୍ଦ୍ଦ : ୩୧.୧ ସମାଧାନ କରିବେ।

? କାଠି ଗଣ ଓ ସଂଖ୍ୟାଟି ଖାଲି ଘରେ ଲେଖ।

 = ୧୦ ଟି କାଠି

 = ୨୧

 = ____

 = ____

 = ____

 = ____



# କାର୍ଯ୍ୟଫର୍ଦ୍ଦ-୩୧.୧

**?** କ୍ରମ ଅନୁଯାୟୀ ଖାଲି ଘରେ ସଂଖ୍ୟା ଲେଖ ।

| | | | | | | | | | |
|---|---|---|---|---|---|---|---|---|---|
| ୧ | | | ୪ | | ୬ | | | ୯ | |
| | | ୧୩ | | ୧୫ | | | | | ୨୦ |
| | ୨୨ | | | | ୨୬ | | ୨୮ | | |

**?** ଡାହାଣ ପଟ ସଂଖ୍ୟାକୁ ଦେଖ, ସେହି ଧାଡ଼ିରେ କେତୋଟି କାଠି ଦରକାର ଗାର ଦିଅ ।
ଯେପରି



= ୨୫

= ୨୪

= ୨୭

**?** ଆସ ଟଙ୍କା ଗଣିବା ।



୧ ଟି ୧୦ ଟଙ୍କିଆ = 



୨ ଟି ୧୦ ଟଙ୍କିଆ = 



୩ ଟି ୧୦ ଟଙ୍କିଆ = ୩୦

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୨

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ (୨୧ ରୁ ୩୦ ପର୍ଯ୍ୟନ୍ତ ସଂଖ୍ୟା)

### କାର୍ଯ୍ୟ- ୧ : ଆସ ଗଣିବା ।


**ସାମଗ୍ରୀ :**

ଗୋଡ଼ି ଓ ତେନ୍ତୁଳି ମଞ୍ଜି

**କାର୍ଯ୍ୟ କରିବାର ସୂଚନା :**

- ୨୧,୨୨,୨୩,୨୪,୨୫,୨୬,୨୭,୨୮,୨୯,୩୦ ସଂଖ୍ୟକ ଲେଖାଏଁ ଗୋଡ଼ି ଓ ତେନ୍ତୁଳି ମଞ୍ଜିକୁ ନେଇ ଅଲଗା ଅଲଗା ପୁଡ଼ିଆ ତିଆରି ହେବ ଓ ସବୁ ପୁଡ଼ିଆ ଶ୍ରେଣୀ କକ୍ଷ ମଝିରେ ରହିବ ।
- ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ ପୁଡ଼ିଆ ନେବେ ।
- ତେନ୍ତୁଳି ମଞ୍ଜି ପାଇଥିବା ପିଲାମାନେ ଓ ଗୋଡ଼ି ପାଇଥିବା ପିଲାମାନେ ମୁହାଁମୁହିଁ ବସିବେ ଓ ନିଜେ ପାଇଥିବା ମଞ୍ଜି / ଗୋଡ଼ି ଗଣିବେ ।
- ସମାନ ସଂଖ୍ୟକ ଗୋଡ଼ି ଓ ମଞ୍ଜି ଥିବା ପିଲା ସାଙ୍ଗ ହେଲେ ବୋଲି କୁହାଯିବ ।
- ଯେଉଁ ପିଲାଟି ତା'ର ସାଙ୍ଗକୁ ଖୋଜି ପାଉନାହିଁ ତାକୁ ଅନ୍ୟ ପିଲାମାନେ ତଥା ଶିକ୍ଷକ ସାହାଯ୍ୟ କରିବେ ।
- ଏହାପରେ ପିଲାମାନେ ନିମ୍ନ କାର୍ଯ୍ୟଟି କରିବେ ଓ କାର୍ଯ୍ୟଫର୍ଦ୍ଦ : ୩୨.୧ ସମାଧାନ କରିବେ ।

? ପ୍ରତ୍ୟେକ ଧାଡ଼ିରେ କେତୋଟି ଚିତ୍ର ଅଛି ଗଣି କୁହ ଓ ଲେଖ ।



# କାର୍ଯ୍ୟଫର୍ଦ୍ଦ-୩୨ . ୧

? ଉଦାହରଣ ଦେଖି ଗାର ଟାଣି ଯୋଡ଼ ।

ଯେପରି ୨୩

୨୧


୨୫

୨୨


୨୪

୨୬


୨୮



? ମୋ ପାଖରେ କେତୋଟି ମାଛ ଅଛି ପାଖ କୋଠରିରେ ଲେଖ ।







ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଦିବସ-୩୩

## ଶିକ୍ଷଣ ଫଳାଫଳ (Learning Outcome) : (M-107)
## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ
## (୨୧ ରୁ ୪୦ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ : ଆସ ଗଣିବା ।

**ସାମଗ୍ରୀ :**


ସଂଖ୍ୟା କାର୍ଡ଼ ( ୨ ୧ ରୁ ୪ ୦ ପର୍ଯ୍ୟନ୍ତ) କାଠି ବିଡ଼ା , ଖଣ୍ଡିକିଆ କାଠି


**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଦୁଇ ଦଳରେ ବିଭକ୍ତ ହେବେ ଓ ମୁହାଁ ମୁହିଁ ହୋଇ ବସିବେ ।
- କାଠି ବିଡ଼ା ଓ ଖୋଲା କାଠି ପ୍ରତି ଦଳକୁ ଆବଶ୍ୟକ ପରିମାଣରେ ଯୋଗାଇ ଦିଆଯିବ ।
- ଶିକ୍ଷକ ସଂଖ୍ୟା କାର୍ଡ଼ରୁ ଯେକୌଣସି ଏକ କାର୍ଡ଼ ଦୁଇ ଦଳକୁ ଦେଖାଇବା ମାତ୍ରେ ସେମାନେ ଯେପରି ସେତିକି ପରିମାଣର କାଠି ଦେଖାଇବେ । ଏହି ସୂଚନା ଦିଆଯିବ ।
- ଯେଉଁ ଦଳ ଆଗ ଓ ନିର୍ଭୁଲ ଭାବରେ ଦେଖାଇବ ସେ ଦଳ ଏକ ପଏଣ୍ଟ ପାଇବ ।
- ଏହି ଖେଳରେ ପିଲାମାନେ ମଧ୍ୟ ସଂଖ୍ୟା କାର୍ଡ଼ ଦେଖାଇ ଅନ୍ୟ ଦଳର ପିଲାଙ୍କଠାରୁ କାଠି ଗଣନ କରାଇ ପାରିବେ ।
- ଏହାପରେ ପିଲାମାନେ ନିମ୍ନ କାର୍ଯ୍ୟଟି କରିବେ ଓ କାର୍ଯ୍ୟଫର୍ଦ୍ଦ : ୩୩. ୧ ସମାଧାନ କରିବେ ।

? ଆସ ଚକଲେଟ୍ ଗଣିବା ।  = ୧୦ଟି ଚକ୍‌ଲେଟ

 =

 =

 =




# କାର୍ଯ୍ୟଫର୍ଦ୍ଦ-୩୩.୧

## ? ଆସ ଗଣିବା ଓ ଲେଖିବା ଯେପରି

| | |
|---|---|
|  | [୧] ଟି ଦଶ ଟଙ୍କିଆ + [୧] ଟି ଏକ ଟଙ୍କିଆ = [୧୧] |
|  | [ ] ଟି ଦଶ ଟଙ୍କିଆ + [ ] ଟି ଏକ ଟଙ୍କିଆ = [ ] |
|  | [ ] ଟି ଦଶ ଟଙ୍କିଆ + [ ] ଟି ଏକ ଟଙ୍କିଆ = [ ] |
|  | [ ] ଟି ଦଶ ଟଙ୍କିଆ + [ ] ଟି ଏକ ଟଙ୍କିଆ = [ ] |
|  | [ ] ଟି ଦଶ ଟଙ୍କିଆ + [ ] ଟି ଏକ ଟଙ୍କିଆ = [ ] |

## ? ଆସ ଗଣିବା ଓ ଲେଖିବା ଯେପରି

 = ୧୦ଟି କାଠି

| | |
|---|---|
|  | = [୩୩] |
|  | = [ ] |
|  | = [ ] |
|  | = [ ] |
|  | = [ ] |
|  | = [ ] |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୪
## ଶିକ୍ଷଣ ଫଳାଫଳ (Learning Outcome) : (M-107)
## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ
## (୨୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା)




### କାର୍ଯ୍ୟ- ୧ : ଆସ ଗଣିବା ।

**କାର୍ଯ୍ୟ କରିବାର ସୂଚନା :**

| | | | |
|---|---|---|---|
| ୩୧ | ୩୨ | ୩୩ | ୩୪ |
| ୩୮ | ୩୭ | ୩୬ | ୩୫ |
| ୩୯ | ୪୦ | ୪୧ | ୪୨ |
| ୪୬ | ୪୫ | ୪୪ | ୪୩ |
| ୪୭ | ୪୮ | ୪୯ | ୫୦ |

- ଶ୍ରେଣୀ କୋଠରିରେ ଦତ୍ତ ଚିତ୍ରକୁ ଚଟାଣରେ ଚକ୍‌ରେ ଅଙ୍କାଯିବ ଓ ୩୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖାଯିବ ।
- ଶ୍ରେଣୀର ପ୍ରତ୍ୟେକ ପିଲା ୫ ଥର ଲେଖାଏଁ ଖପରା ଡ଼ିଆଁ ଖେଳିବେ । ଯେଉଁ ଘରେ ଖପରାଟି ପଡ଼ିବ, ସେ ଘରେ ଥିବା ସଂଖ୍ୟାଟିକୁ ସେ କହିବ ।
- ଯେଉଁ ପିଲାମାନେ ୫ ଥର ଯାକ ଠିକ୍ ଉତ୍ତର ଦେଇ ପାରିବେ, ସେମାନେ ବିଜେତା ହେବେ ।
- ଏହାପରେ ପିଲାମାନେ ନିମ୍ନ କାର୍ଯ୍ୟଟି କରିବେ ଓ କାର୍ଯ୍ୟଫର୍ଦ୍ଦ : ୩୪.୧ ସମାଧାନ କରିବେ ।
- ଖେଳଟିକୁ ବାରମ୍ବାର ପରିଚାଳନା କରିବେ ଯେପରି ସମସ୍ତ ପିଲା ବିଜେତା ହେବାର ସୁଯୋଗ ପାଇବେ ।

? ଆସ କାଠି ସବୁ ଗଣି ଲେଖିବା । = ୧୦ଟି କାଠି



= ☐

= ☐

= ☐

= ☐





= ☐



# କାର୍ଯ୍ୟଫର୍ଦ୍ଦ-୩୪.୧

? ଶୂନ୍ୟସ୍ଥାନ ପୂରଣ କର ।

 = ୧୦ଟି କାଠି

| | | | |
|---|---|---|---|
|  | | = | ୨୫ |
|  | | = | ୩୭ |
|  | | = | |
|  | | = | |
|  | | = | ୩୨ |
|  | | = | |

? ଖାଲି ଘରଟି ପୂରଣ କର ।

| | | | | | |
|---|---|---|---|---|---|
| ୨୫ | ୨୬ | | ୨୮ | | ୩୦ |
| | ୩୨ | | | ୩୫ | |
| ୩୭ | | ୩୯ | | | ୪୨ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଦିବସ-୩୫

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ (୫୧ ରୁ ୬୦ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ : ଆସ ଗଣିବା ।


**ସାମଗ୍ରୀ :**

୪୧ ରୁ ୬୦ ପର୍ଯ୍ୟନ୍ତ ସଂଖ୍ୟା କାର୍ଡ଼ ।

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ଗୋଲାକୃତିରେ ବସାଇବେ ଓ ପ୍ରତ୍ୟେକ ପିଲାଙ୍କୁ ୪୧ ରୁ ୬୦ ପର୍ଯ୍ୟନ୍ତ ଲେଖାଥିବା ସଂଖ୍ୟା କାର୍ଡ଼ରୁ ଗୋଟିଏ ଲେଖାଏଁ ଦେବେ ।
- ଶିକ୍ଷକ ତାଳି ମାରିବା ପରେ, ପ୍ରତ୍ୟେକ ପିଲା ତା'ର ଡାହାଣ ପାଖରେ ବସିଥିବା ପିଲାକୁ କାର୍ଡ଼ଟି ଦେବ । ଯେ ପର୍ଯ୍ୟନ୍ତ ଶିକ୍ଷକ ଅନ୍ୟ ଏକ ତାଳି ନ ମାରିଛନ୍ତି ଏହିପରି ସଂଖ୍ୟା କାର୍ଡ଼ ଦେବା କାର୍ଯ୍ୟ ଚାଲୁ ରହିବ ।
- ଶିକ୍ଷକ ଦ୍ୱିତୀୟ ତାଳି ମାରିବା ପରେ ସଂଖ୍ୟା କାର୍ଡ଼ ଦେବା ବନ୍ଦ ହେବ ।
- ତା ପରେ ଯେଉଁ ପିଲା ପାଖରେ ୪୧ ନମ୍ବର କାର୍ଡ଼ ଥିବ ସେ ଇଞ୍ଜିନ୍ ହେବ ଓ ଅନ୍ୟ ମାନେ କ୍ରମାନ୍ୱୟରେ ତା ପଛରେ ଠିଆ ହୋଇ ରେଳଗାଡ଼ି ପରି ଚାଲିବେ ।
- ଏହିପରି ଭାବରେ ଖେଳଟିକୁ ୨ରୁ ୩ ଥର ଅଭ୍ୟାସ କରାଯିବ ଏବଂ ସମସ୍ତ ସଂଖ୍ୟା କାର୍ଡ଼କୁ ନେଇ ଖେଳଟିକୁ ପରିଚାଳନା କରାଯିବ ।
- ଶେଷରେ କାର୍ଯ୍ୟଫର୍ଦ୍ଦ ୩୫.୧ ଶିକ୍ଷାର୍ଥୀଙ୍କ ଦ୍ୱାରା ସମାଧାନ କରିବେ ଓ ଆବଶ୍ୟକ ଶିକ୍ଷକ ସଂଶୋଧନ ଓ ସଂକ୍ଷେପଣ କରିବେ ।


**?** ଆସ କାଠି ଗଣି ଲେଖିବା, ଯେପରି-





# କାର୍ଯ୍ୟଫର୍ଦ୍ଦ-୩୫.୧

? ଆସ ମହମବତୀ କେତୋଟି ଅଛି ଜାଣିବା, ଯେପରି- (ଚିତ୍ର) = ୧୦ଟି ମହମବତୀ



= ୫୬


=

=

=

=

? ଆସ ଗାର ଦେଇ ଯୋଡ଼ିବା । (ଚିତ୍ର) = ୧୦ଟି କାଠି



୫୮

୫୫

୫୨

୫୪

୫୬

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୬

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ (୬୧ ରୁ ୭୦ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ : ଆସ 'ସଂଖ୍ୟା ଖେଳ' ଖେଳିବା ।

**ଶିକ୍ଷଣ ସାମଗ୍ରୀ:** ଫ୍ଲାସ୍ କାର୍ଡ

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଗୋଲ ହୋଇ ଠିଆ ହେବେ । ଶ୍ରେଣୀ ମଝିରେ ଥିବା ସଂଖ୍ୟାକାର୍ଡ଼ ମଧ୍ୟରୁ ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ କାର୍ଡ଼ ନେବା ପାଇଁ କୁହାଯିବ ।
- ପ୍ରଥମ ଥର ଶିକ୍ଷକ ଛୋଟ ପ୍ଲାଷ୍ଟିକ ବଲକୁ ଗୋଟିଏ ପିଲା ପାଖକୁ ପକାଇ ତା ପାଖରେ ଥିବା ସଂଖ୍ୟାକୁ ପଢ଼ିବା ପାଇଁ କହିବେ ।
- ସେହି ସଂଖ୍ୟାର ପରବର୍ତ୍ତୀ ସଂଖ୍ୟା ଯେଉଁ ପିଲା ପାଖରେ ଥିବ ସେ କାର୍ଡଟି ଦେଖାଇବ ଓ କହିବ ।
- ଯଦି ପିଲାଟି ଠିକ୍ ଉତ୍ତର ଥିବା କାର୍ଡ଼ ଦେଖାଇଲା । ତେବେ ସେହି ନାଲି ବଲ୍‌ଟି ସିଏ ଅନ୍ୟ ଜଣକୁ ପକାଇବ ଏବଂ ଏହିପରି ଭାବରେ ଖେଳଟି ଚାଲୁ ରହିବ ।
- ଯଦି ଭୁଲ୍ ଉତ୍ତର ଥିବା କାର୍ଡ଼ଟି ଦେଖାଇଲା ତେବେ ଅନ୍ୟ ପିଲାମାନଙ୍କ ସାହାଯ୍ୟରେ ସମାଧାନ କରାଯିବ ।
- ଶେଷରେ ଶିକ୍ଷକ କିଛି ପ୍ରଶ୍ନ ପଚାରି ପରବର୍ତ୍ତୀ ସଂଖ୍ୟାର ଧାରଣାକୁ ଦୃଢ଼ୀଭୂତ କରିବେ ଯେପରି
- ୬୧ ର ପରବର୍ତ୍ତୀ ସଂଖ୍ୟା କେତେ ? ଉତ୍ତର ୬୨ ହେଲା ବୋଲି ତୁମେ କିପରି ଜାଣିଲ ?
- ପିଲାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନ ପାଇଲେ ଶିକ୍ଷକ ସମସ୍ୟା ସମାଧାନ କରିବେ ।
- କାର୍ଯ୍ୟଫର୍ଦ୍ଦ ୩୬. ୧ କୁ ଶିକ୍ଷାର୍ଥୀମାନେ ସମାଧାନ କରିବେ ।



# କାର୍ଯ୍ୟଫର୍ଦ୍ଦ-୩୬.୧

? କ) ଖାଲି ଘର ପୂରଣ କର

| | | | | |
|---|---|---|---|---|
| ୨୪, | ୨୫, | ______, | ______ | ୨୮ |
| ୫୦, | ______, | ୫୨, | ______, | ୫୪ |
| ୪୫, | ୪୬, | ______, | ୪୮, | ୪୯ |
| ୬୦, | ______, | ୬୨, | ______, | ୬୪ |
| ୩୩, | ୩୪, | ______, | ୩୬, | ______ |

? ଗାର ଦେଇ ଯୋଡ, ଯେପରି-

| ସଂଖ୍ୟା | ଠିକ୍ ପରବର୍ତ୍ତୀ ସଂଖ୍ୟା |
|---|---|
| ୫୭ | ୬୨ |
| ୫୪ | ୬୪ |
| ୬୩ | ୬୯ |
| ୬୮ | ୫୮ |
| ୬୧ | ୫୫ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୭

## ଶିକ୍ଷଣ ଫଳାଫଳ (Learning Outcome) : (LOM-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ

## ପୂର୍ବବର୍ତ୍ତୀ ସଂଖ୍ୟା



### କାର୍ଯ୍ୟ- ୧ : ଆସ 'କୁଇଜ୍' ଖେଳିବା

| | | |
|---|---|---|
| ୨୫ | ୬୬ | ୫୪ |
| ୬୪ | ୩୭ | ୬୩ |
| ୫୯ | ୫୩ | ୬୨ |

**ଶିକ୍ଷଣ ସାମଗ୍ରୀ:** କାଗଜ ବଲ୍

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ଦୁଇଦଳରେ ବିଭକ୍ତ କରି ମୁହାଁମୁହିଁ ବସିବାକୁ କହିବେ।
- କଳାପଟାରେ ସଂଖ୍ୟା ଗ୍ରୀଡ଼୍ ତିଆରି କରିବେ।
- ପ୍ରଥମ ଦଳର ପିଲା ବଲ୍ କଳାପଟାର ଗ୍ରୀଡ଼୍ ଉପରକୁ ପକାଇବ।
- ବଲ୍‌ଟି ଯେଉଁ ସଂଖ୍ୟାରେ ବାଜିବ, ୨ୟ ଦଳର ପିଲା ତାର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା କହିବ।
- ଯଦି ଉତ୍ତର ଠିକ୍ ହେବ ୨ୟ ଦଳ ୧ଟି ପଏଣ୍ଟ୍ ପାଇବ। ଯଦି ଭୁଲ୍ ହେବ ୧ମ ଦଳକୁ ଉତ୍ତର ଦେବା ପାଇଁ ସୁଯୋଗ ଦେବେ ଏବଂ ପଏଣ୍ଟ ଦେବାର ବ୍ୟବସ୍ଥା କରିବେ।
- ତାପରେ ଦ୍ୱିତୀୟ ଦଳ ବଲ୍ ପକାଇବ ଏବଂ ପୂର୍ବଭଳି ଖେଳ ଚାଲୁ ରହିବ।
- ଶେଷରେ ଅଧିକ ପଏଣ୍ଟ ପାଇଥିବା ଦଳ ବିଜେତା ହେବ।
- କାର୍ଯ୍ୟଫର୍ଦ୍ଦ ୩୭.୧ ଶିକ୍ଷାର୍ଥୀ ସମାଧାନ କରିବାରେ ସାହାଯ୍ୟ କରିବେ।



# କାର୍ଯ୍ୟଫର୍ଦ୍ଦ-୩୭.୧

? ନିମ୍ନଲିଖିତ ସଂଖ୍ୟାଗୁଡ଼ିକର ଠିକ୍ ପୂର୍ବସଂଖ୍ୟା ଲେଖ ।

୨୫ ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ______________

୬୦ ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ______________

୬୫ ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ______________

୬୯ ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ______________

୬୬ ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ______________

? ନିମ୍ନ ସଂଖ୍ୟାଗୁଡ଼ିକର ଠିକ୍ ପୂର୍ବସଂଖ୍ୟା ଓ ଠିକ୍ ପରସଂଖ୍ୟା ଲେଖ ।

_________, ୬୯, _________

_________, ୬୬, _________

_________, ୬୫, _________

_________, ୫୯, _________

_________, ୫୪, _________

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୮

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକ ଲେଖିବ (୧ ରୁ ୮୦ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ :

**କାର୍ଯ୍ୟ କରିବାର ସୂଚନା:**

- ଶ୍ରେଣୀ କୋଠରିର ଚଟାଣରେ ପାର୍ଶ୍ୱରେ ଦିଆଯାଇଥିବା ସଂଖ୍ୟା କୋଠରିଟି ପରି ଚକ୍‌ରେ ଘର କରାଯିବ ।
- ଶ୍ରେଣୀର ପ୍ରତ୍ୟେକ ପିଲା ଖପରାଡ଼ିଆଁ ଖେଳ ପରି ଘର ଡ଼େଇଁ ଡ଼େଇଁ ସଂଖ୍ୟା ପଢ଼ି ପଢ଼ି ଯିବେ ।
- ଯିଏ ଯେଉଁ ସଂଖ୍ୟାକୁ ପଢ଼ି ନ ପାରିବ, ସେ ସାଙ୍ଗ ମାନଙ୍କ ସହାୟତାରେ ପଢ଼ି କହିବ ।
- ସବୁ ପିଲା ଯେପରି ଭାଗ ନେବେ ଶିକ୍ଷକ ସେଥିପ୍ରତି ଧ୍ୟାନ ଦେବେ ।
- ଯେଉଁ ପିଲାକୁ ସଂଖ୍ୟା ପଢ଼ିବାରେ ଅସୁବିଧା ହେବ ତାକୁ ନିଜେ କହିବା ପାଇଁ ବାରମ୍ବାର ସୁଯୋଗ ଦେବେ ।
- କୋଠରିର ସଂଖ୍ୟାଗୁଡ଼ିକୁ ବଦଳାଇ ଏହି ଖେଳଟିକୁ କରାଯାଇ ପାରିବ ।
- ଶେଷରେ କାର୍ଯ୍ୟଫର୍ଦ୍ଦ ୩୮.୧ କୁ ସମାଧାନ କରିବେ ।

| | |
|---|---|
| ୮୦ | ୫୬ |
| ୭୨ | ୬୯ |
| ୬୫ | ୭୩ |
| ୭୧ | ୪୫ |
| ୭୫ | ୪୮ |
| ୭୪ | ୭୦ |
| ୭୬ | ୭୮ |



# କାର୍ଯ୍ୟଫର୍ଦ୍ଦ-୩୮.୧

? ଖାଲି ଘର ପୂରଣ କର ।

୬୫, ୬୬, ୬୭, ________, ୬୯, ________

୪୨, ୪୩, ________, ୪୫, ________, ୪୭

୩୩, ୩୪, ୩୫, ________, ________, ୩୮

୫୧, ୫୨, ୫୩, ୫୪, ________, ________

୭୩, ________, ୭୫, ________, ୭୭, ________

? କ୍ରମ ଅନୁଯାୟୀ ଖାଲି ଥିବା ସ୍ଥାନରେ ସଂଖ୍ୟା ଲେଖ ।

| | | | | | | |
|---|---|---|---|---|---|---|
| ୪୧ | | ୪୩ | | ୪୫ | | ୪୭ |
| | ୪୯ | | | ୫୨ | | ୫୪ |
| | | ୫୭ | | ୫୯ | | ୬୧ |
| | ୬୩ | | ୬୫ | | ୬୭ | |
| ୬୯ | | | | ୭୩ | | ୭୫ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୩୯

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକୁ ଲେଖିବ (୧ ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟା)





### କାର୍ଯ୍ୟ- ୧ :


**କାର୍ଯ୍ୟ କରିବାର ସୂଚନା:**


- କାର୍ଯ୍ୟ-୩୮ରେ ହୋଇଥିବା କାର୍ଯ୍ୟକୁ ପୁନରାବୃତ୍ତି କରି ୮୦ ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଲେଖିବେ।
- ଶେଷରେ କାର୍ଯ୍ୟଫର୍ଦ୍ଦ- ୩୯.୧କୁ ସମାଧାନ କରିବେ।


? ଆସ ଟଙ୍କା ଗଣିବା ଓ ସଂଖ୍ୟା ଲେଖିବା।

 = ______

 = ______

 = ______


 = ______


 = ______





# କାର୍ଯ୍ୟଫର୍ଦ୍ଦ-୩୯.୧


## ? ଆସ କାଠି ଗଣିବା ଓ ଲେଖିବା ଯେପରି :-


 → ୭୬

 → 


 → 


 → 

 → 


 → 


## ? ଆସ, କାଠି ଯୋଡ଼ିବା ଯେପରି :-


 = ୬୩

 = ୫୮

 = ୭୭

 = ୬୧

 = ୭୮

 = ୮୪

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଦିବସ-୪୦

## ଶିକ୍ଷଣ ଫଳାଫଳ (Learning Outcome) : (M-107)

## ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବ ଓ ସଂଖ୍ୟା ସୂଚକଗୁଡ଼ିକୁ ଲେଖିବ (୧ ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟା)



### କାର୍ଯ୍ୟ- ୧ : ବଲ୍ ପକାଇ ଖେଳିବା

| | | | |
|---|---|---|---|
| ୨୧ | ୪୦ | ୯୧ | ୪୫ |
| ୮୩ | ୬୯ | ୪୩ | ୫୭ |
| ୬୬ | ୫୨ | ୯୮ | ୮୫ |
| ୫୨ | ୮୫ | ୬୯ | ୭୪ |

**ସାମଗ୍ରୀ:** କାଗଜ ତିଆରି ବଲ, କାଠି ବିଡ଼ା ଓ ଗୋଟିକିଆ କାଠି

**କାର୍ଯ୍ୟ କରିବାର ସୂଚନା:**

- ଆସ ବଲ୍ ପକାଇ ଖେଳ ଖେଳିବା।
- ଶିକ୍ଷକ କଳାପଟାରେ ଘର କରି ସଂଖ୍ୟାଗୁଡ଼ିକୁ ଲେଖିବେ।
- ପିଲାଙ୍କୁ ଦୁଇଦଳରେ ବିଭକ୍ତ କରି ମୁହାଁମୁହିଁ ବସାଇବେ।
- ଗୋଟିଏ ଦଳ ପିଲାଙ୍କୁ କଳାପଟାରେ ଲେଖାଥିବା ସଂଖ୍ୟାକୁ ବଲ୍ ପକାଇବା ପାଇଁ କହିବେ। ବଲ୍‌ଟି ଯେଉଁ ସଂଖ୍ୟାକୁ ଛୁଇଁଲା ଅନ୍ୟ ଦଳର ପିଲା ମଧ୍ୟରୁ ଜଣ ଜଣ କରି ସେହି ସଂଖ୍ୟାକୁ କହିବେ ଓ ସେତିକିଟି କାଠି ଦେଖାଇବେ।
- ସେହିପରି ଦଳ ଅଦଳ ବଦଳ କରି ଖେଳଟିକୁ ଖେଳାଇବେ।
- ଯେଉଁ ଦଳ ଯେତୋଟି ସଂଖ୍ୟା କରିପାରିବେ ସେତିକିଟି ପଏଣ୍ଟ ପାଇବ।
- ଅଧିକ ପଏଣ୍ଟ ପାଇଥିବା ଦଳ ବିଜେତା ହେବ।
- ସଂଖ୍ୟାକୁ ଶିକ୍ଷକ ବଦଳେଇ ପାରିବେ।
- ଶେଷରେ ଆକଳନ ଫର୍ଦ୍ଦ ୪୦.୧ କୁ ଶିକ୍ଷାର୍ଥୀମାନେ ସମାଧାନ କରିବେ।



# କାର୍ଯ୍ୟଫର୍ଦ୍ଦ-୪୦.୧

? ଖାଲି ଘର ପୂରଣ କର-

| | | | | | | | |
|---|---|---|---|---|---|---|---|
| ୫୧ | | ୫୩ | | | ୫୬ | | ୫୮ |
| | ୬୦ | | | | | ୬୫ | |
| ୬୭ | | | ୭୦ | | | | ୭୪ |
| | ୭୬ | | | | ୮୦ | | |

? ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟାଟି ଲେଖ ଯେପରି :- ଠିକ୍ ପରବର୍ତ୍ତୀ ସଂଖ୍ୟାଟି ଲେଖ ଯେପରି :-

| ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା | ସଂଖ୍ୟା |
|---|---|
| ୨୨ | ୨୩ |
| | ୩୮ |
| | ୪୫ |
| | ୬୫ |
| | ୬୪ |
| | ୮୯ |

| ସଂଖ୍ୟା | ଠିକ୍ ପରବର୍ତ୍ତୀ ସଂଖ୍ୟା |
|---|---|
| ୭୦ | ୭୧ |
| ୬୮ | |
| ୫୪ | |
| ୪୮ | |
| ୨୯ | |
| ୯୮ | |

? ଖାଲି ଘରେ କ୍ରମରେ ସଂଖ୍ୟା ଗୁଡ଼ିକୁ ଲେଖ।

୩୧, ______, ______, ______, ______, ୩୬

୪୫, ______, ______, ______, ______, ୫୦

୬୭, ______, ______, ______, ______, ୭୨

୮୩, ______, ______, ______, ______, ୮୮

୮୬, ______, ______, ______, ______, ୯୧

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ଗଣିତ କାର୍ଯ୍ୟପୁସ୍ତିକା ନିମନ୍ତେ ଶିକ୍ଷକଙ୍କୁ ସୂଚନା

୧. ଏହି ଭାଗରେ ଦ୍ୱିତୀୟ ଶ୍ରେଣୀର ପାଠ୍ୟକ୍ରମ ଅନୁଯାୟୀ ସମସ୍ତ ଗଣିତ ଶିକ୍ଷଣ ଫଳାଫଳ (Learning Outcome) ଅନ୍ତର୍ଭୁକ୍ତ ଏବଂ ପ୍ରତ୍ୟେକ Learning Outcome କୁ ଗଣିତ ଖେଳ ପୁସ୍ତକର ପ୍ରସଙ୍ଗ ସହ ଯୋଡ଼ା ଯାଇଛି ।

୨. ପ୍ରତ୍ୟେକ ଶିକ୍ଷଣ ଫଳାଫଳ ତିନି ଭାଗରେ ବିଭକ୍ତ, ଯଥା-

- କ. ଶିକ୍ଷଣ କାର୍ଯ୍ୟର ସୂଚନା **(Pair / Small Group / Whole Class)**
- ଖ. ଶିକ୍ଷାର୍ଥୀଙ୍କ ଅଭ୍ୟାସ କାର୍ଯ୍ୟଫର୍ଦ୍ଦ
- ଗ. ଆକଳନ ଫର୍ଦ୍ଦ

୩. ଶିକ୍ଷକ ଶିକ୍ଷଣ କାର୍ଯ୍ୟର ପରିଚାଳନା କଲାପରେ ହିଁ ବ୍ୟକ୍ତିଗତ ଅଭ୍ୟାସ କାର୍ଯ୍ୟଫର୍ଦ୍ଦ ପୂରଣ କରିବାପାଇଁ ସୂଚନା ଦେବେ ।

୪. ନିୟମିତ ଭାବେ ଆକଳନ ଫର୍ଦ୍ଦର ବିଶ୍ଳେଷଣ କଲେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ସ୍ତର ଜାଣିପାରିବେ ।

## ସୂଚୀପତ୍ର


| ପ୍ରସ୍ତାବିତ ମାସ | କ୍ରମିକ ସଂଖ୍ୟା | ଗଣିତ ଖେଳ ପୁସ୍ତକର ପାଠର ନାମ | ଶିକ୍ଷଣ ଫଳାଫଳ ସାଙ୍କେତିକ ଚିହ୍ନ | ଶିକ୍ଷଣ ଫଳାଫଳ | ଶିକ୍ଷଣ କାର୍ଯ୍ୟ କ୍ରମିକ ସଂଖ୍ୟା | କାର୍ଯ୍ୟଫର୍ଦ୍ଦ କ୍ରମିକ ସଂଖ୍ୟା | ପୃଷ୍ଠା |
|---|---|---|---|---|---|---|---|
| ଅଗଷ୍ଟ | ୧ | ଚିତ୍ରକୁ ଚିହ୍ନିବା | M207 | ଦ୍ୱି ମାତ୍ରିକ ଆକୃତିକୁ ଚିହ୍ନଟ କରିବେ | ଶିକ୍ଷଣ କାର୍ଯ୍ୟ ୧.୧ | ୧.୧.୧ | ୧ - ୫ |
| | | | | | ଶିକ୍ଷଣ କାର୍ଯ୍ୟ ୧.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୧.୩ | ୧.୩.୧ | |
| | | | | | ଆକଳନ ୧ | | |
| | ୨ | ସିଧା ଗାର ଟାଣିବା | M209 | ଭୂଲମ୍ବ, ଭୂ ସମାନ୍ତର ତଥା ତୀର୍ଯ୍ୟକ ସରଳ ରେଖା ଅଙ୍କନ କରିବେ | ଶିକ୍ଷଣ କାର୍ଯ୍ୟ ୨.୧ | | ୬ - ୯ |
| | | | | | ଶିକ୍ଷଣ କାର୍ଯ୍ୟ ୨.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୨.୩ | | |
| | | | | | ଶିକ୍ଷଣ କାର୍ଯ୍ୟ ୨.୪ | | |
| | | | | | ଆକଳନ ୨ | | |
| ସେପ୍ଟେମ୍ବର | ୩ | ଗଡ଼େଇବା-ଘୋଷାଡ଼ିବା | M207 | ତ୍ରି ମାତ୍ରିକ ଆକୃତିକୁ ଚିହ୍ନଟ କରିବେ | ଶିକ୍ଷଣ କାର୍ଯ୍ୟ ୩.୧ | | ୧୦ - ୧୨ |
| | | | | | ଶିକ୍ଷଣ କାର୍ଯ୍ୟ ୩.୨ | | |
| | | | | | ଆକଳନ ୩ | | |

| ପ୍ରସ୍ତାବିତ ମାସ | କ୍ରମିକ ସଂଖ୍ୟା | ଗଣିତ ଖେଳ ପୁସ୍ତକର ପାଠର ନାମ | ଶିକ୍ଷଣ ଫଳାଫଳ ସାଙ୍କେତିକ ଚିହ୍ନ | ଶିକ୍ଷଣ ଫଳାଫଳ | ଶିକ୍ଷଣ କାର୍ଯ୍ୟ କ୍ରମିକ ସଂଖ୍ୟା | କାର୍ଯ୍ୟପତ୍ର କ୍ରମିକ ସଂଖ୍ୟା | ପୃଷ୍ଠା |
|---|---|---|---|---|---|---|---|
| ସେପ୍ଟେମ୍ବର | ୪ | ଦଳ ଦଳ କରି ଗଣିବା | M202 | ଦୁଇଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କୁ ଲେଖିବ ଓ ତୁଳନା କରିବାରେ ସ୍ଥାନୀୟମାନ ଧାରଣାକୁ ବ୍ୟବହାର କରିବ | ଶିକ୍ଷଣ କାର୍ଯ୍ୟ ୪.୧ | | ୧୩ - ୨୭ |
| | | | | | ଶିକ୍ଷଣ କାର୍ଯ୍ୟ ୪.୨ | ୪.୨.୧ | |
| | | | | | ଶିକ୍ଷଣ କାର୍ଯ୍ୟ ୪.୩ | | |
| | | | | | ଶିକ୍ଷଣ କାର୍ଯ୍ୟ ୪.୪ | ୪.୪.୧ - ୪.୪.୨ | |
| | | | | | ଶିକ୍ଷଣ କାର୍ଯ୍ୟ ୪.୫ | ୪.୫.୧ - ୪.୫.୫ | |
| | | | | | ଶିକ୍ଷଣ କାର୍ଯ୍ୟ ୪.୬ | | |
| | | | | | ଶିକ୍ଷଣ କାର୍ଯ୍ୟ ୪.୭ | ୪.୭.୧ - ୪.୭.୨ | |
| | | | | | ଆକଳନ ୪ | | |
| | ୫. | ସାନ ବଡ଼ ସଂଖ୍ୟା ଚିହ୍ନିବା | M203 | ଦିଆଯାଇଥିବା ଅଙ୍କ ମାନଙ୍କୁ ବ୍ୟବହାର କରି (ଥରେ ବା ଏକାଧିକ ଥର) ଦୁଇ ଅଙ୍କ ବିଶିଷ୍ଟ ବଡ଼ ସଂଖ୍ୟା ଓ ସାନ ସଂଖ୍ୟା ତିଆରି କରିବ | ଶିକ୍ଷଣ କାର୍ଯ୍ୟ ୫.୧ | ୫.୧.୧ | ୨୮ - ୩୫ |
| | | | | | ଶିକ୍ଷଣ କାର୍ଯ୍ୟ ୫.୨ | ୫.୨.୧ - ୫.୨.୪ | |
| | | | | | ଶିକ୍ଷଣ କାର୍ଯ୍ୟ ୫.୩ | | |
| | | | | | ଆକଳନ ୫ | | |
| ଅକ୍ଟୋବର | ୬ | କାହାସ୍ଥାନ କେଉଁଠି ଜାଣିବା | | ପୂରଣ ବାଚକ ସଂଖ୍ୟାର ଧାରଣାକୁ ବ୍ୟବହାର କରିବେ | ଶିକ୍ଷଣ କାର୍ଯ୍ୟ ୬.୧ | | ୩୬ - ୪୧ |
| | | | | | ଶିକ୍ଷଣ କାର୍ଯ୍ୟ ୬.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୬.୩ | ୬.୩.୧ - ୬.୩.୩ | |
| | | | | | ଆକଳନ ୬ | | |
| | ୭ | ମିଶାଣ କରିବା | M204 | ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଯୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବେ | ଶିକ୍ଷଣ କାର୍ଯ୍ୟ ୭.୧ | | ୪୨ - ୫୧ |
| | | | | | ଶିକ୍ଷଣ କାର୍ଯ୍ୟ ୭.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୭.୩ | | |
| | | | | | ଶିକ୍ଷଣ କାର୍ଯ୍ୟ ୭.୪ | ୭.୪.୧-୭.୪.୨ | |
| | | | | | ଶିକ୍ଷଣ କାର୍ଯ୍ୟ ୭.୫ | | |
| | | | | | ଆକଳନ ୭ | | |
| ନଭେମ୍ବର | ୮ | ଫେଡ଼ାଣ କରିବା | M205 | ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଫେଡ଼ାଣ ଆଧାରିତ ଦୈନନ୍ଦିନ ଜୀବନର ପରିସ୍ଥିତିକୁ ସମାଧାନ କରିବେ | ଶିକ୍ଷଣ କାର୍ଯ୍ୟ ୮.୧ | | ୫୨ - ୫୫ |
| | | | | | ଶିକ୍ଷଣ କାର୍ଯ୍ୟ ୮.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୮.୩ | | |
| | | | | | ଆକଳନ ୮ | | |
| | ୯ | ଶୂନ ଯୋଡ଼ିବା ଓ ଫେଡ଼ିବା | M204<br>M205<br>M112 | ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଯୋଗ ଓ ବିୟୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବେ (କୌଣସି ସଂଖ୍ୟାରେ ୦ ଯୋଗ ବା ବିୟୋଗ କଲେ ସେହି ସଂଖ୍ୟା ହୁଏ ବୋଲି ଉଦାହରଣ ଦେଇ ବୁଝାଇବେ | ଶିକ୍ଷଣ କାର୍ଯ୍ୟ ୯.୧ | ୯.୧.୧ | ୫୬ - ୫୯ |
| | | | | | ଶିକ୍ଷଣ କାର୍ଯ୍ୟ ୯.୨ | | |
| | | | | | ଶିକ୍ଷଣ କାର୍ଯ୍ୟ ୯.୩ | | |
| | | | | | ଆକଳନ ୯ | | |

| ପ୍ରସ୍ତାବିତ ମାସ | କ୍ରମିକ ସଂଖ୍ୟା | ଗଣିତ ଖେଳ ପୁସ୍ତକର ପାଠର ନାମ | ଶିକ୍ଷଣ ଫଳାଫଳ ସାଙ୍କେତିକ ଚିହ୍ନ | ଶିକ୍ଷଣ ଫଳାଫଳ | ଶିକ୍ଷଣ କାର୍ଯ୍ୟ କ୍ରମିକ ସଂଖ୍ୟା | କାର୍ଯ୍ୟପର୍ଦ୍ଦ କ୍ରମିକ ସଂଖ୍ୟା | ପୃଷ୍ଠା |
|---|---|---|---|---|---|---|---|
| ନଭେମ୍ବର | ୧୦ | ମିଶାଇବା ବଦଳରେ ଗୁଣିବା | M304 | ଦୁଇ, ତିନି, ......... ଦଶ ପର୍ଯ୍ୟନ୍ତ ଗୁଣନ ଖନ୍ଦା ପ୍ରସ୍ତୁତ କରି ବ୍ୟବହାର କରିବେ ଏବଂ ଦୈନନ୍ଦିନ ପରିସ୍ଥିତିରେ ତାର ବ୍ୟବହାର କରିବେ | ଶିକ୍ଷଣ କାର୍ଯ୍ୟ ୧୦.୧<br>ଶିକ୍ଷଣ କାର୍ଯ୍ୟ ୧୦.୨<br>ଶିକ୍ଷଣ କାର୍ଯ୍ୟ ୧୦.୩<br>ଶିକ୍ଷଣ କାର୍ଯ୍ୟ ୧୦.୪<br>ଆକଳନ ୧୦ | ୧୦.୨.୧ | ୬୦ - ୬୩ |
| ଡିସେମ୍ବର | ୧୧ | ସମାନ ଭାଗରେ ବାଣ୍ଟିବା | M306 | ସମାନ ଦଳରେ ଭାଗ କରି / ସମୂହ ସୃଷ୍ଟି କରି ହରଣର ଅର୍ଥ ବୁଝିବ | ଶିକ୍ଷଣ କାର୍ଯ୍ୟ ୧୧.୧<br>ଶିକ୍ଷଣ କାର୍ଯ୍ୟ ୧୧.୨<br>ଆକଳନ ୧୧ | ୧୧.୨.୧ | ୬୪ - ୬୬ |
| | ୧୨ | ଟଙ୍କା ପଇସା ଦିଆ ନିଆ କରିବା | M206 | ତିନୋଟି/ ଚାରୋଟି ନୋଟ୍ ମୁଦ୍ରା ବ୍ୟବହାର କରି (ସମାନ ବା ଭିନ୍ନ ମୂଲ୍ୟର) ୧୦୦ ଟଙ୍କା ମଧ୍ୟରେ ଯେ କୌଣସି ପରିମାଣକୁ ଉପସ୍ଥାପନ କରିବ | ଶିକ୍ଷଣ କାର୍ଯ୍ୟ ୧୨.୧<br>ଶିକ୍ଷଣ କାର୍ଯ୍ୟ ୧୨.୨<br>ଆକଳନ ୧୨ | ୧୨.୨.୧ - ୧୨.୨.୨ | ୬୭ - ୭୧ |
| ଜାନୁଆରୀ | ୧୩ | ଲମ୍ବ କେତେ ଜାଣିବା | M210 | ଦୂରତା / ଦୈର୍ଘ୍ୟ ବିଭିନ୍ନ ଅଣମାନକ ଏକକ (ବାଡ଼ି/ ପେନସିଲ୍ / ହାତ / ପାଦ ଚାଖଣ୍ଡ ଇତ୍ୟାଦି) ରେ ଆକଳନ କରିବ ଓ ମାପିବ | ଶିକ୍ଷଣ କାର୍ଯ୍ୟ ୧୩.୧<br>ଶିକ୍ଷଣ କାର୍ଯ୍ୟ ୧୩.୨<br>ଶିକ୍ଷଣ କାର୍ଯ୍ୟ ୧୩.୩<br>ଶିକ୍ଷଣ କାର୍ଯ୍ୟ ୧୩.୪<br>ଆକଳନ ୧୩ | | ୭୨ - ୭୪ |
| | ୧୪ | କିଏ ଭାରୀ କିଏ ହାଲୁକା ଜାଣିବା | M211 | ସରଳ ନିକିତି ବ୍ୟବହାର କରି ଓଜନିଆ ହାଲୁକା ବସ୍ତୁ ମାନଙ୍କୁ ତୁଳନା କରିବ | ଶିକ୍ଷଣ କାର୍ଯ୍ୟ ୧୪.୧<br>ଶିକ୍ଷଣ କାର୍ଯ୍ୟ ୧୪.୨<br>ଶିକ୍ଷଣ କାର୍ଯ୍ୟ ୧୪.୩<br>ଶିକ୍ଷଣ କାର୍ଯ୍ୟ ୧୪.୪<br>ଆକଳନ ୧୪ | | ୭୫ - ୭୭ |
| | ୧୫ | ପାତ୍ର ନେଇ ପାଣି ମାପିବା | M210 | ଅଣମାନକ ଏକକ ବ୍ୟବହାର କରି ଆକଳନ କରିବ ଓ ମାପିବ | ଶିକ୍ଷଣ କାର୍ଯ୍ୟ ୧୫.୧<br>ଶିକ୍ଷଣ କାର୍ଯ୍ୟ ୧୫.୨<br>ଆକଳନ ୧୫ | | ୭୮ - ୭୯ |
| ଫେବୃଆରୀ | ୧୬ | ବାର ମାସର ନାମ ଜାଣିବା | M212 | ସପ୍ତାହର ଦିନ ଓ ବର୍ଷର ମାସ ମାନଙ୍କର ନାମ କହିବେ | ଶିକ୍ଷଣ କାର୍ଯ୍ୟ ୧୬.୧<br>ଶିକ୍ଷଣ କାର୍ଯ୍ୟ ୧୬.୨<br>ଶିକ୍ଷଣ କାର୍ଯ୍ୟ ୧୬.୩<br>ଶିକ୍ଷଣ କାର୍ଯ୍ୟ ୧୬.୪<br>ଶିକ୍ଷଣ କାର୍ଯ୍ୟ ୧୬.୫<br>ଶିକ୍ଷଣ କାର୍ଯ୍ୟ ୧୬.୬<br>ଆକଳନ ୧୬ | | ୮୦ - ୮୪ |
| | ୧୭ | ସାଜସଜ୍ଜା କରିବା | M110 | ସଂଖ୍ୟା ଓ ସରଳ ଆକୃତିରେ ଥିବା ସଂରଚନାକୁ ଆଗକୁ ବଢ଼େଇବେ | ଶିକ୍ଷଣ କାର୍ଯ୍ୟ ୧୭.୧<br>ଆକଳନ ୧୭ | ୧୭.୧.୧ | ୮୫ - ୮୭ |

ବି.ଦ୍ର. : ପାଠର କ୍ରମାଙ୍କ ଓ ଶିକ୍ଷଣ କାର୍ଯ୍ୟର କ୍ରମିକ ସଂଖ୍ୟା ଅନୁଯାୟୀ କାର୍ଯ୍ୟପର୍ଦ୍ଦର କ୍ରମିକ ସଂଖ୍ୟା ଦିଆଯାଇଛି ।

# ପାଠ - ୧ : ଚିତ୍ରକୁ ଚିହ୍ନିବା
## ଶିକ୍ଷଣ ଫଳାଫଳ (L O) : (M-207) ଦ୍ୱିମାତ୍ରିକ ଆକୃତିକୁ ଚିହ୍ନଟ କରିବ।



### ଶିକ୍ଷଣ କାର୍ଯ୍ୟ - ୧.୧ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ଗଳ୍ପ ଆଧାରିତ ଚିତ୍ର

**କାର୍ଯ୍ୟ କରିବାର ସୂଚନା :**

- ଶ୍ରେଣୀର ସମସ୍ତ ପିଲାଙ୍କୁ U ଆକୃତିରେ ବସାଇ ପାଠ୍ୟ ପୁସ୍ତକର ପୃଷ୍ଠା ନଂ ୧ ରେ ଥିବା 'ଚିତ୍ରକୁ ଚିହ୍ନିବା' ପାଠର ହାତୀ – ହରିଣ ଗପଟି କୁହାଯିବ।
- ଗପ କହିବା ସମୟରେ ମଝିରେ ମଝିରେ ଶିକ୍ଷକ ଚିତ୍ର ଦେଖାଉଥିବେ ଓ ବହିରେ ଥିବା ପ୍ରଶ୍ନଗୁଡ଼ିକୁ ପଚାରୁଥିବେ।
- ଗପ କହି ସାରିବା ପରେ ତଳେ ଦିଆଯାଇଥିବା କାର୍ଯ୍ୟକୁ ସମାଧାନ କରିବାକୁ ସୂଚନା ଦିଆଯିବ।

**ତଳେ ଦିଆଯାଇଥିବା ପଶୁପକ୍ଷୀଙ୍କ ଚିତ୍ର ସହ ସେମାନଙ୍କର ପାଦ ଚିହ୍ନକୁ ଗାର ଟାଣି ଯୋଡ଼।**


| ପଶୁ / ପକ୍ଷୀ | ପାଦ ଚିହ୍ନ |
|---|---|
|  |  |



# କାର୍ଯ୍ୟଫର୍ଦ୍ଦ-୧.୧.୧- ବିଭିନ୍ନ ଆକୃତି ଆଙ୍କିବା

?

କଟର, ରବର, ଦିଆସିଲି ଖୋଳ, ବୋତଲ ଠିପି, ଏକଟଙ୍କିଆ ମୁଦ୍ରା, ଲୁଡୁ ଗୋଟି, NCERT Kit, GKA Kitରେ ଥିବା ବିଭିନ୍ନ ଆକୃତିର ଫୋମ୍‌ଗୁଡ଼ିକୁ ନେଇ/ପ୍ରତ୍ୟେକ ଜିନିଷକୁ ଥୋଇ ତା'ର ଧାରରେ ଗାର ଟାଣି ଖାଲି ଥିବା ସ୍ଥାନରେ ଚିତ୍ର ତିଆର କର । ତିଆରି କରିଥିବା ଆକୃତିକୁ ଦିଆଯାଇଥିବା ସମାନ ଆକୃତି ସହ ଗାର ଟାଣି ଯୋଡ଼ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଶିକ୍ଷଣ କାର୍ଯ୍ୟ - ୧.୨ ବିଭିନ୍ନ ଆକୃତି ଆଙ୍କିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା - ୨ ରେ ଥିବା (କେଉଁ କେଉଁ ଜିନିଷକୁ ଥୋଇ ତା'ର ଧାରରେ ଗାର ଟାଣିଲେ.........) କାର୍ଯ୍ୟଟିକୁ କରାଯିବ।
- ପୃଷ୍ଠା ୩ ରେ ଥିବା କାର୍ଯ୍ୟଫର୍ଦ୍ଦଟିକୁ ପିଲାମାନେ ସମାଧାନ କରିବେ। ସେଠାରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ।
- ଉପରୋକ୍ତ କାର୍ଯ୍ୟଫର୍ଦ୍ଦରେ କେତୋଟି ଚିତ୍ରରେ ଆଦୌ ସିଧା ଗାର ନାହିଁ? ପ୍ରଶ୍ନଟିକୁ ଶିକ୍ଷକ ପଚାରିବେ ଓ ଆଲୋଚନା କରିବେ।
- ଏହାପରେ ସୀମାର କାଗଜ କଟା ପୃଷ୍ଠା ନଂ - ୪ କାର୍ଯ୍ୟଟି ପିଲାମାନେ କରିବେ। ପୃଷ୍ଠା ୫ ରୁ ୮ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ପାଠ୍ୟ ପୁସ୍ତକରେ ପିଲାମାନେ ସମାଧାନ କରିବେ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।

## ଶିକ୍ଷଣ କାର୍ଯ୍ୟ - ୧.୩ ବିଭିନ୍ନ ଆକୃତିକୁ ଆଙ୍କିବା ଓ ରଙ୍ଗ ଦେବା

**ଶିକ୍ଷଣ ସାମଗ୍ରୀ:** ପେନ୍‌ସିଲ୍, ରବର, ମହମ / ପେନ୍‌ସିଲ୍ ରଙ୍ଗ,


**କାର୍ଯ୍ୟ କରିବାର ସୂଚନା :**

- ଦୁଇ ଦୁଇଟି ପିଲାଙ୍କୁ ନେଇ (ଯୋଡ଼ି କାର୍ଯ୍ୟ) ଦଳ ଗଠନ କରିବେ।
- କାର୍ଯ୍ୟଫର୍ଦ୍ଦ ୧.୩.୧ ରେ ଥିବା କାର୍ଯ୍ୟଗୁଡ଼ିକୁ କରିବେ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତକ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।




## କାର୍ଯ୍ୟଫର୍ଦ୍ଦ-୧.୩.୧- ଆସ, ଚିତ୍ର କରି ରଙ୍ଗ ଦେବା

? ୧. (କ) ଆସ ଚିତ୍ର ଦେଖି ସେହିପରି ଆଉ କେତୋଟି ଚିତ୍ର କରିବା ।



? ଆକୃତିକୁ ନୀଳ ରଙ୍ଗ, ଆକୃତିକୁ ହଳଦିଆ, ଆକୃତିକୁ ସବୁଜ, ଆକୃତିକୁ ଲାଲ୍ ରଙ୍ଗ ଦିଅ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

କ୍ର.ନ. : __________

ନାମ : ______________________________



# ଆକଳନ ଫର୍ଦ୍ଦ-୧

ଶିକ୍ଷଣ ଫଳାଫଳ (L O) : (M-207) ଦ୍ୱି-ମାତ୍ରିକ ଆକୃତିକୁ ଚିହ୍ନଟ କରିବ।

? ୧. ବିନ୍ଦୁଗୁଡ଼ିକୁ ଯୋଡ଼।  ▲ ଆକୃତିକୁ ଲାଲ୍ ରଙ୍ଗ, ■ ଆକୃତିକୁ ହଳଦିଆ ରଙ୍ଗ ଓ ▬ ଆକୃତିକୁ ସବୁଜ ରଙ୍ଗ ଦିଅ।



? (ଖ) ଏକାଭଳି ଦେଖା ଯାଉଥିବା ଆଉ ୨ ଟି ବସ୍ତୁର ନାମ ଲେଖ।

| | | |
|---|---|---|
| (କ) ବଲ୍ | | |
| (ଖ) ରୁଲ୍ ବାଡ଼ି | | |
| (ଗ) ଦିଆସିଲି ଖୋଳ | | |
| (ଘ) କାହାଳୀ | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ – ୨ : ସିଧା ଗାର ଟାଣିବା ।

## ଶିକ୍ଷଣ ଫଳାଫଳ (L O) : (M - 209) ଭୂଲମ୍ବ, ଭୂସମାନ୍ତର ଓ ତୀର୍ଯ୍ୟକ ରେଖା ଅଙ୍କନ କରିବ ।

### ଶିକ୍ଷଣ କାର୍ଯ୍ୟ – ୨.୧ ଗାର ଟାଣିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ପେନ୍‌ସିଲ୍, ରବର

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପାଠ୍ୟ ପୁସ୍ତକର ପୃଷ୍ଠା – ୯ ରେ ଥିବା ଚିତ୍ରକୁ ଆଧାର କରି ଶ୍ରେଣୀରେ ଆଲୋଚନା କରିବେ ।
- ବହିରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପିଲାମାନେ ଦୁଇ ଦୁଇ ଜଣ (ଯୋଡ଼ିରେ) ଆଲୋଚନା କରି ଉପସ୍ଥାପନ କରିବେ ।
- ବହିର ଖାଲି ସ୍ଥାନରେ ଲେଖିବେ ଓ ପୃଷ୍ଠା – ୧୦ ରେ ଥିବା 'କେଉଁ ଜିନିଷଟି ପାଇଁ କେଉଁ ଚିତ୍ର........' ଏବଂ 'ଖାଲି ଘରେ ଏହି ଭଳି ଗାର ଟାଣ' କାର୍ଯ୍ୟ କରିବେ ।
- ଏହାପରେ ପିଲାମାନେ ନିମ୍ନ ଚିତ୍ରକୁ ଦେଖି ବିଭିନ୍ନ ପ୍ରକାର ସିଧା ଗାର ଖାଲି ସ୍ଥାନରେ ଅଙ୍କନ କରିବେ ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



ରମେଶ ଧରିଥିବା ଷ୍ଟମ୍ପ୍ ଭଳି ଗାର ଟାଣ



ରାନୀ ଧରିଥିବା ଷ୍ଟମ୍ପ୍ ଭଳି ଗାର ଟାଣ



ମନିଷା ଧରିଥିବା ଷ୍ଟମ୍ପ୍ ଭଳି ଗାର ଟାଣ


## ଶିକ୍ଷଣ କାର୍ଯ୍ୟ - ୨.୨ ଆସ କାଗଜ ଭାଙ୍ଗିବା

**ଶିକ୍ଷଣ ସାମଗ୍ରୀ:** କାଗଜ ଖଣ୍ଡ

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଦୁଇ ଦୁଇ ଜଣରେ (ଯୋଡ଼ିରେ) ବସାଯିବ।
- ପ୍ରତି ଯୋଡ଼ିକୁ ଖଣ୍ଡିଏ ଖଣ୍ଡିଏ କାଗଜ ଦେଇ କାଗଜ ଭାଙ୍ଗିବାକୁ କୁହାଯିବ। ଯେପରି-ଭୂମି ଉପରେ ଠିଆ ହୋଇଥିବା ସିଧା ଗାର, ଭୂମି ଉପରେ ଶୋଇଥିବା ସିଧା ଗାର ଓ ଭୂମି ଉପରେ ତେରେଛା ଭାବେ ଥିବା ସିଧା ଗାର (ତୀର୍ଯ୍ୟକ) ତିଆରି କରିବେ।
- ଶିକ୍ଷକ ତିନି ପ୍ରକାରର ସିଧା ଗାର ଯଥା : ଭୂମି ଉପରେ ଠିଆ ହୋଇ ରହିବା ଭଳି, ଭୂମି ଉପରେ ଶୋଇଥିବା ଭଳି ଓ ଭୂମି ଉପରେ ତେରେଛା ଭାବେ ଥିବା ସିଧା ଗାର ସମ୍ପର୍କରେ ପିଲାମାନଙ୍କ ସହିତ ଆଲୋଚନା କରି ସିଦ୍ଧାନ୍ତିକରଣ କରାଇବେ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।


**? ଚିତ୍ର ଦେଖି ଖାଲି କୋଠରି ପୂରଣ କର।**



ଭୂମି ଉପରେ ଶୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି

ଭୂମି ଉପରେ ଠିଆ ହୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି


ଭୂମି ଉପରେ ତେରେଛା ହୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି



ଭୂମି ଉପରେ ଶୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି

ଭୂମି ଉପରେ ଠିଆ ହୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି

ଭୂମି ଉପରେ ତେରେଛା ଭାବରେ ଥିବା ସିଧା ଗାର ସଂଖ୍ୟା ..................ଟି



ଭୂମି ଉପରେ ଶୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି

ଭୂମି ଉପରେ ଠିଆ ହୋଇ ରହିଥିବା ସିଧା ଗାର ସଂଖ୍ୟା ..................ଟି

ଭୂମି ଉପରେ ତେରେଛା ଭାବରେ ଥିବା ସିଧା ଗାର ସଂଖ୍ୟା ..................ଟି

## ଶିକ୍ଷଣ କାର୍ଯ୍ୟ - ୨.୩ ବିନ୍ଦୁ ଯୋଡ଼ିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ପେନ୍‌ସିଲ୍, ରବର

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା – ୧୩ରେ ଥିବା ବିନ୍ଦୁ ଗ୍ରୀଡ଼ରେ ବିନ୍ଦୁ ଯୋଡ଼ି ତିନି ପ୍ରକାର ସିଧା ଗାର ତିଆରି କରାଇବେ ଓ ଆଲୋଚନା କରି ଖାଲି ସ୍ଥାନ ପୂରଣ କରାଯିବ ।
- ପାଠ୍ୟ ପୁସ୍ତକ ପୃଷ୍ଠା : ୧୬ ର 'ଅଭ୍ୟାସ କାର୍ଯ୍ୟ' ପ୍ରଶ୍ନ – ୪ର ସମାଧାନ କରାଯିବ ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

## ଶିକ୍ଷଣ କାର୍ଯ୍ୟ - ୨.୪ ସ୍କେଲ ବ୍ୟବହାର କରି ସିଧା ଗାର ଟାଣିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ପେନ୍‌ସିଲ୍, ରବର, ସ୍କେଲ୍

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା – ୧୪ ରେ ଥିବା 'ସ୍କେଲ ବ୍ୟବହାର କରି ସିଧା ଗାର ତିଆରି' କାର୍ଯ୍ୟଟିକୁ ବ୍ୟକ୍ତିଗତ ଭାବେ ପିଲାମାନେ କରିବେ ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

**?** କୋଠରି ତଳେ ଥିବା ସୂଚନା ଅନୁସାରେ କୋଠରି ମଧ୍ୟରେ ଗାର ଟାଣ ।

| ଭୂମି ଉପରେ ଠିଆ ହୋଇଥିବା । | ଭୂମି ଉପରେ ଶୋଇ ରହିଥିବା । | ଭୂମି ଉପରେ ତେରେଛା ଭାବେ ଠିଆ ହୋଇଥିବା । |
|---|---|---|


**?** ବିଭିନ୍ନ ପ୍ରକାର ସିଧା ଗାର ବ୍ୟବହାର କରି ୩ଟି ଚିତ୍ର କର ।

ରୋଲ ନଂ. : ______ ନାମ : ______________________

# ଆକଳନ ଫର୍ଦ୍ଦ- ୨

ଶିକ୍ଷଣ ଫଳାଫଳ (L O) : (M-209) ଭୂଲମ୍ବ, ଭୂସମାନ୍ତର ଓ ତୀର୍ଯ୍ୟକ ରେଖା ଅଙ୍କନ କରିବ।

୧. ଚିତ୍ର ଦେଖି ଶୂନ୍ୟ ସ୍ଥାନ ପୂରଣ କର।



(କ) ଭୂମି ଉପରେ ଠିଆ ହୋଇ ରହିଥିବା ସିଧା ଗାର ସଂଖ୍ୟା ...............ଟି

(ଖ) ଭୂମି ଉପରେ ଶୋଇ ହୋଇ ରହିଥିବା ସିଧା ଗାର ସଂଖ୍ୟା ...............ଟି

(ଗ) ଭୂମି ସହ ତେରେଛା ଭାବରେ ଥିବା ସିଧା ଗାର ସଂଖ୍ୟା ...............ଟି

୨. ତଳ କୋଠରିରେ ଭୂମି ଉପରେ ଶୋଇ ରହିଥିବା ସିଧା ଗାର ତିନୋଟି ଅଙ୍କନ କର।

୩. ତଳ କୋଠରିରେ ଭୂମି ସହ ତେରେଛା ଥିବା ତିନୋଟି ସିଧା ଗାର ଅଙ୍କନ କର।

୪. ତଳ କୋଠରିରେ ଭୂମି ଉପରେ ଠିଆ ହୋଇ ରହିଥିବା ତିନୋଟି ସିଧା ଗାର ଅଙ୍କନ କର।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୩ : ଗଡ଼େଇବା - ଘୋଷାଡ଼ିବା

## ଶିକ୍ଷଣ ଫଳାଫଳ (L O) : (M-207) ତ୍ରି-ମାତ୍ରିକ ଆକୃତିକୁ ଚିହ୍ନଟ କରିବ।




### ଶିକ୍ଷଣ କାର୍ଯ୍ୟ - ୩.୧ ଗଡ଼ି ପାରୁଥିବା ଓ ଘୋଷାଡ଼ି ହେଉଥିବା ବସ୍ତୁକୁ ଚିହ୍ନଟ କରିବେ।

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ପାଠ - ୩ ରେ ଥିବା ଗଳ୍ପ ଆଧାରିତ ଚିତ୍ର, ୨ ଫୁଟ ଲମ୍ବର କାଠପଟା, ଲୁଡୁ ଗୋଟି, ଜ୍ୟାମିତି ବାକ୍ସ, ବଲ୍, ଗୋଲାକାର ଫଳ (ପୋଲାଙ୍ଗ, ଡିମିରି), ପେନ୍‌ସିଲ୍

**କାର୍ଯ୍ୟ କରିବାର ସୂଚନା :**

- ପିଲାଙ୍କୁ U ଆକୃତିରେ ବସାଇ ପାଠ୍ୟ ପୁସ୍ତକର ପାଠ - ୩ରେ ଥିବା ଗପକୁ କୁହାଯିବ।
- ଗପ କହିବା ସମୟରେ ପୁସ୍ତକରେ ଥିବା ଗଳ୍ପ ଆଧାରିତ ଚିତ୍ରକୁ ପ୍ରଦର୍ଶନ କରାଯିବ ଓ ଗଳ୍ପ ଆଧାରିତ ପ୍ରଶ୍ନ ପଚରାଯିବ।
- ଯଥା : ବୁଢ଼ୀମା କାହିଁକି ଉପାୟ ପାଞ୍ଚିଲା ? ବୁଢ଼ୀମା ମେଣ୍ଢା ଛୁଆ ପାଇଁ ଢୋଲ ବାଛିଲା କାହିଁକି ? ଏହାପରେ ପାଠ୍ୟ ପୁସ୍ତକର ପୃଷ୍ଠା - ୨୦ରେ ଥିବା ପ୍ରଶ୍ନ ଗୁଡ଼ିକୁ ''ଏବେ ତଳ ପ୍ରଶ୍ନମାନଙ୍କର ଉତ୍ତର କହ'' ଶ୍ରେଣୀରେ ଆଲୋଚନା କରାଯିବ ଓ ସବୁ ପିଲାଙ୍କୁ ଉତ୍ତର କହିବା ପାଇଁ ସୁଯୋଗ ଦିଆଯିବ।
- ୪ ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ। ପ୍ରତ୍ୟେକ ଦଳରେ ୨ ଫୁଟ ଲମ୍ବର କାଠପଟା, ଗୋଟିଏ ବା ଦୁଇଟି ଇଟା, ଲୁଡୁ ଗୋଟି, ଜ୍ୟାମିତି ବାକ୍ସ, ବଲ୍, ଗୋଲାକାର ଫଳ (ପୋଲାଙ୍ଗ, ଡିମିରି ଇତ୍ୟାଦି) ଦିଆଯିବ।
- ଇଟା ଉପରେ ପଟାକୁ ତେରେଛା କରି ରଖି ଲୁଡୁ ଗୋଟି, ଜ୍ୟାମିତି ବାକ୍ସ, ବଲ୍, ଗୋଲାକାର ଫଳ (ପୋଲାଙ୍ଗ, ଡିମିରି), ପେନ୍‌ସିଲ୍ ଇତ୍ୟାଦି ଚିତ୍ରରେ ଦର୍ଶାଯାଇଥିବା ଭଳି ପିଲାମାନେ ଗଡ଼ାଇବେ।

ଚିତ୍ର :



ପୂର୍ବ ପରୀକ୍ଷାରେ କେଉଁ ଜିନିଷ ଗଡ଼ି ପାରିଲା, କେଉଁ ଜିନିଷ ଘୋଷାଡ଼ି ହେଲା ଏବଂ କେଉଁ ଜିନିଷ ଉଭୟ ଗଡ଼ିପାରିଲା ଓ ଘୋଷାଡ଼ି ହେଲା ସେମାନଙ୍କର ନାମ ନିମ୍ନ ସାରଣୀରେ ଲେଖ ।

| ଗଡ଼ିପାରିଲା | ଘୋଷାଡ଼ି ହେଲା | ଉଭୟ ଗଡ଼ିପାରିଲା ଓ ଘୋଷାଡ଼ି ହେଲା |
|---|---|---|
| | | |




## ଶିକ୍ଷଣ କାର୍ଯ୍ୟ - ୩.୨ ଗଡ଼ି ପାରୁଥିବା ଓ ଘୋଷାଡ଼ି ହେଉଥିବା ବସ୍ତୁକୁ ଚିହ୍ନଟ କରିବେ ।

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ପାଠ - ୩ ର ପୃଷ୍ଠା ୨୦ରେ ଥିବା ଚିତ୍ର ଓ ସାରଣୀ

**କାର୍ଯ୍ୟ କରିବାର ସୂଚନା :**

- ୪ ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ ।
- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୨୦ ଠାରୁ ୨୩ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକୁ ପିଲାମାନେ ବ୍ୟକ୍ତିଗତ ଭାବେ କରିବେ ।
- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।
- ଆକଳନ ଫର୍ଦ୍ଦକୁ ପିଲାମାନେ ନିଜ ନିଜ କାର୍ଯ୍ୟ ପୁସ୍ତିକାରେ ସମାଧାନ କରିବେ ।
- ପ୍ରକଳ୍ପ କାର୍ଯ୍ୟ : ପାଠ୍ୟ ପୁସ୍ତକ ପୃଷ୍ଠା ନମ୍ବର ୨୨ ରେ ଥିବା 'ଗାଡ଼ି ତିଆରି ଖେଳ' କାର୍ଯ୍ୟକୁ ପ୍ରକଳ୍ପ କାର୍ଯ୍ୟ ରୂପେ ପିଲାମାନେ ଘରୁ କରି ଆଣିବା ପରେ ପିଲାମାନେ ଶ୍ରେଣୀରେ ପ୍ରଦର୍ଶନ କରିବେ ଓ ସେ ସମ୍ପର୍କରେ ଆଲୋଚନା କରିବେ ।



ରୋଲ ନଂ. : ______ ନାମ : ______



# ଆକଳନ ଫର୍ଦ୍ଦ-୩

**ଶିକ୍ଷଣ ଫଳାଫଳ (L O) : (M-207) ତ୍ରି-ମାତ୍ରିକ ଆକୃତିକୁ ଚିହ୍ନଟ କରିବ।**
**(ଗଡ଼ି ପାରୁଥିବା ଓ ଘୋଷାଡ଼ି ହେଉଥିବା ବସ୍ତୁକୁ ଚିହ୍ନଟ କରିବେ)**

? ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଗଡ଼ି ପାରିବ, ସେହି ଚିତ୍ରଗୁଡ଼ିକର ଡ଼ାହାଣ ପଟେ ଥିବା ଖାଲି ଘରେ ଠିକ୍ ଚିହ୍ନ (✓) ଦିଅ।

| | | | |
|---|---|---|---|
|  | |  | |
|  | |  | |
|  | |  | |
|  | |  | |
|  | |  | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୪ : ଦଳ ଦଳ କରି ଗଣିବା

## ଶିକ୍ଷଣ ଫଳାଫଳ (L O) : (M-202) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କୁ ଲେଖିବ ଓ ତୁଳନା କରିବାରେ ସ୍ଥାନୀୟମାନ ଧାରଣାକୁ ବ୍ୟବହାର କରିବ



### ଶିକ୍ଷଣ କାର୍ଯ୍ୟ - ୪.୧ ଡ଼ିଆଁ ଖେଳ

**କାର୍ଯ୍ୟ କରିବାର ସୂଚନା :**

- ଶ୍ରେଣୀ ବାରଣ୍ଡାର ଚଟାଣରେ ୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକୁ ଚକ୍‌ରେ ଗୋଟିଏ ଗୋଟିଏ ଗୋଲ୍ ମଧ୍ୟରେ ଲେଖାଯିବ ।

  (୧)(୨)(୩)(୪)(୫)........

- ଗୋଟିଏ ପିଲା ମଝିକୁ ଆସି ବାମ ଗୋଡ଼ ଉପରକୁ ଟେକି ଡ଼ାହାଣ ଗୋଡ଼ରେ ଗୋଟିଏ ଗୋଟିଏ ଘରକୁ ଛାଡ଼ି ଡ଼େଇଁବ । ଅନ୍ୟ ପିଲାମାନେ ଡେଇଁଥିବା ଘରର ସଂଖ୍ୟାକୁ କହିବେ । ଯେପରି ୧,୩,୫.
- ଏହିପରି ଜଣକ ପରେ ଜଣେ ମଝିକୁ ଆସି ଗୋଟିଏ ଗୋଡ଼ରେ ଡେଇଁବେ ।
- ଏହିପରି ଭାବରେ ୨ଟି / ୩ଟି ଲେଖାଏଁ ଘର ଛାଡ଼ି ଡେଇଁବା କାର୍ଯ୍ୟ କରାଯିବ ।



### ଶିକ୍ଷଣ କାର୍ଯ୍ୟ - ୪.୨ ଦଳ ଦଳ କରି ଗଣିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୨୪ରେ ଥିବା 'ଯାଦୁକର' ଗପଟିକୁ ଶ୍ରେଣୀରେ ସମସ୍ତ ପିଲାଙ୍କୁ U ଆକୃତିରେ ବସାଇ କୁହାଯିବ ।
- କହି ସାରିବା ପରେ ବହିରେ ଥିବା ପ୍ରଶ୍ନଗୁଡ଼ିକୁ ଆଲୋଚନା କରାଯିବ ।
- ପାଠ୍ୟ ପୁସ୍ତକ ପୃଷ୍ଠା-୨୫ରେ ଥିବା କାର୍ଯ୍ୟଟିକୁ ପିଲାମାନେ ବ୍ୟକ୍ତିଗତ ଭାବେ କରିବେ ଓ ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରାଯିବ ।

## ଶିକ୍ଷଣ କାର୍ଯ୍ୟ - ୪.୩ ଗାଁ ହାଟ

**ଶିକ୍ଷଣ ସାମଗ୍ରୀ :** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ୨୬ ର ଗାଁ ହାଟକୁ ଉପସ୍ଥାପନ କରାଯିବ। ବଣଭୋଜି ପାଇଁ ହାଟରୁ କିପରି ସଉଦା ଅଣାଯାଉଛି ତା' ଉପରେ ଆଲୋଚନା କରାଯିବ।
- ଦଳ ଦଳ କରି ଗଣିବାର ଆବଶ୍ୟକତା ସମ୍ପର୍କରେ ଶ୍ରେଣୀରେ ଆଲୋଚନା କରାଯିବ। କେଉଁ କେଉଁ ପରିସ୍ଥିତିରେ ଦଳ ଦଳ କରି ଗଣିବା କାର୍ଯ୍ୟ କରାଯାଇଥାଏ ସେ ସମ୍ପର୍କରେ ଆଲୋଚନା ହେବ।
- ପାଠ୍ୟପୁସ୍ତକର ପୃଷ୍ଠା ୨୬, ୨୭ ଓ ୨୮ରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମାଧାନ ପିଲାଙ୍କ ଦ୍ୱାରା କରାଯିବ।

## ଶିକ୍ଷଣ କାର୍ଯ୍ୟ - ୪.୪ ଆସ ସଜାଇବା

**ଶିକ୍ଷଣ ସାମଗ୍ରୀ:** ଗୋଡ଼ି, କାଠି, ମଞ୍ଜି ........... ଇତ୍ୟାଦି


**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ଶ୍ରେଣୀର ସବୁ ପିଲାଙ୍କୁ ୪ଟି ଦଳ କରିବେ। ପ୍ରତ୍ୟେକ ଦଳକୁ ଶ୍ରେଣୀ କକ୍ଷର ଚାରି କୋଣରେ ବସାଇବେ।
- ପ୍ରତ୍ୟେକ ଦଳକୁ ଯେ କୌଣସି ଗୋଟିଏ ସାମଗ୍ରୀରୁ ୩୦ ଟି ଲେଖାଏଁ ସଂଗ୍ରହ କରିବାକୁ କୁହାଯିବ ଓ ପରେ ନିମ୍ନ ସୂଚନା ଦିଆଯିବ।
- **ସୂଚନା :** ୧ମ ଦଳ - ତିନି - ତିନୋଟି କରି ସଜାଇବେ ଓ ଗଣିବେ,
  ୨ୟ ଦଳ - ପାଞ୍ଚ - ପାଞ୍ଚୋଟି କରି ସଜାଇବେ ଓ ଗଣିବେ,
  ୩ୟ ଦଳ - ଛଅ - ଛଅଟି କରି ସଜାଇବେ ଓ ଗଣିବେ,
  ୪ର୍ଥ ଦଳ - ଦଶ - ଦଶଟି କରି ସଜାଇବେ ଓ ଗଣିବେ।
- କେଉଁ ଦଳ କିପରି ସଜାଇଛି ଅନ୍ୟ ଦଳ ମାନେ ତାହା ଲକ୍ଷ୍ୟ କରିବେ।
- ପାଠ୍ୟ ପୁସ୍ତକର ପୃଷ୍ଠା ୨୯ରେ ଥିବା ପ୍ରଶ୍ନର ସମାଧାନ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ପିଲା କରିବେ।
- ଦଳରେ ଆଲୋଚନା କରି ପିଲାମାନେ ବ୍ୟକ୍ତିଗତ ଭାବେ ନିଜ କାର୍ଯ୍ୟ ପୁସ୍ତିକାରେ ଥିବା କାର୍ଯ୍ୟଫର୍ଦ୍ଦ ୪.୪.୧ ଓ ୪.୪.୨ ପୂରଣ କରିବେ।
- ପିଲାମାନେ କାର୍ଯ୍ୟଫର୍ଦ୍ଦରେ ଲେଖିସାରିବା ପରେ ଦଳ ମଧ୍ୟରେ କାର୍ଯ୍ୟ ପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।




# କାର୍ଯ୍ୟଫର୍ଦ୍ଦ-୪.୪.୧- ଦଳ ଦଳ କରି ଗଣିବା

? ଦୁଇ ଦୁଇଟି ଚିତ୍ର ଚାରିପଟେ ଗୋଟିଏ ଗୋଲ '◯' ବୁଲାଅ । ଗୋଲ ସଂଖ୍ୟା ଓ ମୋଟ ଚିତ୍ର ସଂଖ୍ୟାକୁ ସାରଣୀରେ ଲେଖ । **ଦୁଇଟିରେ, ଗୋଟିଏ ଯୋଡ଼ା ବା ହଳ ହୁଏ ।**



| ଗୋଲ ସଂଖ୍ୟା | ମୋଟ ଚିତ୍ର ସଂଖ୍ୟା |
|---|---|
| | |

? ଚାରୋଟି ଲେଖାଏଁ ଚିତ୍ର ଚାରିପଟେ ଗୋଟିଏ କୋଠରି '□' କର । କୋଠରି ସଂଖ୍ୟା ଓ ମୋଟ୍ ଚିତ୍ର ସଂଖ୍ୟାକୁ ସାରଣୀରେ ଲେଖ । **ଚାରୋଟିରେ ଗୋଟିଏ ପୁଞ୍ଜା / ଗଣ୍ଡା ହୁଏ ।**



| କୋଠରି ସଂଖ୍ୟା | ମୋଟ ଚିତ୍ର ସଂଖ୍ୟା |
|---|---|
| | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୪.୪.୨- କେତେ ଦଶ ଜାଣିବା

? ଉଦାହରଣ ଦେଖି ଚିତ୍ର ସଂଖ୍ୟା ଓ କେତେ ଦଶ ହେଲା ଲେଖିବା ।

| ଚିତ୍ର | ଚିତ୍ର ସଂଖ୍ୟା | କେତୋଟି ଦଶ |
|---|---|---|
|  | ୧୦ | ୧ ଦଶ |
|  | | |
|  | | |
|  | | |
|  | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଶିକ୍ଷଣ କାର୍ଯ୍ୟ - ୪.୫ କାଠି ବିଡ଼ା ଖେଳ



**ଶିକ୍ଷଣ ସାମଗ୍ରୀ:** କାଠି, ରବର ବ୍ୟାଣ୍ଡ, ଚକ୍‌ଖଡ଼ି

**କାର୍ଯ୍ୟ କରିବାର ସୂଚନା :**

- ଚାରି ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ ।
- ପ୍ରତ୍ୟେକ ଦଳକୁ ବିଭିନ୍ନ ସଂଖ୍ୟକ ( ୧୫, ୨୩, ୩୫, ୪୨ ............ ଇତ୍ୟାଦି) କାଠି ଓ ରବର ବ୍ୟାଣ୍ଡ ଦିଆଯିବ ।
- ୧୦ - ୧୦ ଟିକିଆ ବିଡ଼ା କରିବାକୁ ସୂଚନା ଦିଆଯିବ । ନିଜ ପାଖରେ ଥିବା ସାମଗ୍ରୀକୁ ନେଇ ଚଟାଣରେ ନିମ୍ନ ପ୍ରକାର ସାରଣୀ କରି ସଜାଇବେ ।

**ସାରଣୀ**

ଉଦାହରଣ : (୩୭ କୁ ନିମ୍ନ ପ୍ରକାରରେ ସଜା ଯାଇଛି)

| | କେତୋଟି ୧୦ ଟିକିଆ ବିଡ଼ା | କେତୋଟି କାଠି |
|---|---|---|
| କାଠିବିଡ଼ା ଓ କାଠି → |  |  |

↓ ↓

| | କେତୋଟି ଦଶ | କେତୋଟି ଏକ |
|---|---|---|
| ସଂଖ୍ୟା → | ୩ | ୭ |

| ସଂଖ୍ୟାଟି |
|---|
| ୩୭ |

- ଏହାପରେ କାର୍ଯ୍ୟଫର୍ଦ୍ଦ ୪.୫.୧ ଠାରୁ ୪.୫.୫ ପର୍ଯ୍ୟନ୍ତ ପିଲାମାନେ ଦଳରେ ବ୍ୟକ୍ତିଗତ ଭାବେ ସମାଧାନ କରିବେ ।
- ଯୋଡ଼ିରେ କାର୍ଯ୍ୟ ପୁସ୍ତିକାକୁ ଅଦଳ ବଦଳ କରି ସଂଶୋଧନ କାର୍ଯ୍ୟ କରାଯିବ ।





# କାର୍ଯ୍ୟଫର୍ଦ୍ଦ-୪.୫.୧- ଦଶ ଓ ଏକ ଜାଣିବା

? ଶୂନ୍ୟସ୍ଥାନ ପୂରଣ କର ।

 ୧୮



 ( )

 ( )

ସଂଖ୍ୟା ଲେଖ ।



| ଦଶ | ଏକ |
|---|---|
| ୧ | ୪ |

୧୪



| ଦଶ | ଏକ |
|---|---|
| | |

( )




| ଦଶ | ଏକ |
|---|---|
| | |

( )



| ଦଶ | ଏକ |
|---|---|
| | |

( )



| ଦଶ | ଏକ |
|---|---|
| | |

( )



| ଦଶ | ଏକ |
|---|---|
| | |

( )

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୪.୫.୨- ଦଶ ଓ ଏକ ଜାଣିବା

? ଉଦାହରଣକୁ ଦେଖି ଶୂନ୍ୟସ୍ଥାନରେ ସଂଖ୍ୟା ଲେଖ।



| ଦଶ | ଏକ |
|---|---|
| ୨ | ୫ |


୨୫




| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |




| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |



| ଦଶ | ଏକ |
|---|---|
| | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୪.୫.୩- ଦଶ ଓ ଏକ ଜାଣିବା

? ଉଦାହରଣକୁ ଦେଖି ଶୂନ୍ୟସ୍ଥାନରେ ସଂଖ୍ୟା ଲେଖ ।



୪ ଦଶ ୧ ଏକ ୪୧




___ ଦଶ ___ ଏକ ___




___ ଦଶ ___ ଏକ ___




___ ଦଶ ___ ଏକ ___




___ ଦଶ ___ ଏକ ___




___ ଦଶ ___ ଏକ ___



___ ଦଶ ___ ଏକ ___



___ ଦଶ ___ ଏକ ___



___ ଦଶ ___ ଏକ ___




___ ଦଶ ___ ଦଶ ___

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର




## କାର୍ଯ୍ୟଫର୍ଦ୍ଦ-୪.୫.୪- ଦଶ ଓ ଏକ ଲେଖିବା

? ଚିତ୍ର ଦେଖି ଶୂନ୍ୟସ୍ଥାନରେ ସଂଖ୍ୟା ଲେଖ । (  = ୧୦ ଟି କାଠି)



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୪.୫.୫- ଦଶ ଓ ଏକ ଲେଖିବା

? ଉଦାହରଣକୁ ଦେଖି ଶୂନ୍ୟସ୍ଥାନ ପୂରଣ କର ।




ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଶିକ୍ଷଣ କାର୍ଯ୍ୟ - ୪.୬ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ୩୨ - ୩୩ରେ ଥିବା ଗପଟିକୁ ପିଲାମାନଙ୍କୁ ' U' ଆକୃତିରେ ବସାଇ କୁହାଯିବ ।
- ବିଲୁଆ କିଭଳି ଶୁଆମାନଙ୍କୁ ଗଣିଛି ତାକୁ ଉପସ୍ଥାପନ କରିବେ । ମଝିରେ ମଝିରେ ପିଲାଙ୍କୁ ପ୍ରଶ୍ନ ପଚାରିବେ ।
- ପୃଷ୍ଠା ୩୪ରେ ଥିବା ଶୁଆମାନଙ୍କର ସଂଖ୍ୟାକୁ ସଂଖ୍ୟା କାର୍ଡ଼ ତିଆରି କରି ଦର୍ଶାଇବେ ।



## ଶିକ୍ଷଣ କାର୍ଯ୍ୟ - ୪.୭ ସ୍ଥାନୀୟ ମାନର ଧାରଣା



**ଶିକ୍ଷଣ ସାମଗ୍ରୀ:** Base Ten Blocks ର ରଡ଼ ଓ ଗୋଟି, ଖେଳଣା ନୋଟ୍ (୧୦ ଟଙ୍କିଆ, ୧ ଟଙ୍କିଆ ନୋଟ୍), କାଠି ବିଡ଼ା ଓ କାଠି

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଯୋଡ଼ିରେ ବସାଇ ପ୍ରତ୍ୟେକ ଯୋଡ଼ିକୁ ୧୦ରୁ ଅଧିକ ପରିମାଣର ହଳଦିଆ ଗୋଟି ଏବଂ ୨ଟି ରଡ଼ ଦିଆଯିବ ।
- ୧୦ଟି ହଳଦିଆ ଗୋଟି / ଏକକକୁ ନେଇ ଦଶ ଟିକିଆ ଗୋଟିଏ ଦଳ କରି ଏହାକୁ ଦଶର ଗୋଟିଏ ରଡ଼ ସହ ପରଖିବେ ଏବଂ ଏହାର ଫଳାଫଳକୁ ଆଲୋଚନା କରାଯିବ ଓ ଶିକ୍ଷକ ନିମ୍ନ ପ୍ରଶ୍ନଗୁଡ଼ିକୁ ଆଲୋଚନା କରିବେ ।
- ପ୍ରଶ୍ନ : ୨ ଟି ରଡ଼ ବଦଳରେ କେତୋଟି (ଏକ ଟିକିଆ) ଗୋଟି ପାଇବା ?
- ୩ ଟି ରଡ଼ ବଦଳରେ କେତୋଟି ଗୋଟି ପାଇବା ?
- ପୁନଶ୍ଚ ଖେଳଣା ନୋଟ୍ ୧୦ ଟଙ୍କା ବଦଳରେ କେତୋଟି ୧ ଟଙ୍କିଆ ନୋଟ୍ ମିଳିବ ଖେଳ ମାଧ୍ୟମରେ ପିଲାଙ୍କୁ ଅଭ୍ୟାସ କରାଯିବ ।
- ପ୍ରତ୍ୟେକ ଯୋଡ଼ି / ଦଳ Base Ten Blocks ର ରଡ଼ ଓ ଗୋଟି, ଖେଳଣା ନୋଟ୍ ନେଇ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ଚଟାଣରେ ସ୍ଥାନୀୟ ମାନ ସାରଣୀ ତିଆରି କରି ଦର୍ଶାଇବେ ।
- ଏହା ପରେ ପିଲାମାନେ ବ୍ୟକ୍ତିଗତ ଭାବେ ୪.୭.୧ ରୁ ୪.୭.୨ କାର୍ଯ୍ୟପତ୍ର ସମାଧାନ କରିବେ ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

**ଉଦାହରଣ :**

| ଦଶକ | ଏକକ | ସଂଖ୍ୟା |
|---|---|---|
|  |  | ୨୬ |

| ଦଶକ | ଏକକ | ସଂଖ୍ୟା |
|---|---|---|
|  |  | ୨୨ |



# କାର୍ଯ୍ୟଫର୍ଦ୍ଦ-୪.୭.୧- ଦଶ ଓ ଏକରେ ସଂଖ୍ୟା ଲେଖିବା

? ଉଦାହରଣ ଦେଖି ସଂଖ୍ୟାଗୁଡ଼ିକୁ ବର୍ଗାକାର ଘର ଥିବା କାଗଜରେ ଲେଖିବା ।

| | | | | | |
|---|---|---|---|---|---|
| ୧୦ | ୧୦ | ୧୦ | ୧ | ୧ | ୧ |
| | | | ୧ | ୧ | |
| | | | | | |
| | ୩ | | | ୫ | |

→

| ଦଶ | ଏକ |
|---|---|
| ୩ | ୫ |

୪୨ କୁ ଦର୍ଶାଇବା

| | |
|---|---|
| ୪ | ୨ |

| ଦଶ | ଏକ |
|---|---|
| | |

୪୭ କୁ ଦର୍ଶାଇବା

| | |
|---|---|
| ୪ | ୭ |

| ଦଶ | ଏକ |
|---|---|
| | |

୬୩ କୁ ଦର୍ଶାଇବା

| | |
|---|---|
| ୬ | ୩ |

| ଦଶ | ଏକ |
|---|---|
| | |

୭୦ କୁ ଦର୍ଶାଇବା

| | |
|---|---|
| ୭ | ୦ |

| ଦଶ | ଏକ |
|---|---|
| | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୪.୭.୨- ବିସ୍ତାରିତ କରି ଲେଖିବା

? ଉଦାହରଣକୁ ଦେଖି ଖାଲି ସ୍ଥାନ ପୂରଣ କର ।

- ୧୯ → ୧ (ଦଶ), ୯ (ଏକ)
- ୧୮ → ___ (ଦଶ), ___ (ଏକ)
- ୧୫ → ___ (ଦଶ), ___ (ଏକ)
- ୧୭ → ___ (ଦଶ), ___ (ଏକ)
- ୧୧ → ___ (ଦଶ), ___ (ଏକ)
- ୧୨ → ___ (ଦଶ), ___ (ଏକ)

**୨. ଖାଲି ସ୍ଥାନ ପୂରଣ କର ।**

| | |
|---|---|
| ୧୫ ରେ ୧ର ସ୍ଥାନୀୟ ମାନ = ୧୦ | ୪୫ ରେ ୪ର ସ୍ଥାନୀୟ ମାନ = ___ |
| ୩୬ ରେ ୬ର ସ୍ଥାନୀୟ ମାନ = ___ | ୬୧ ରେ ୬ର ସ୍ଥାନୀୟ ମାନ = ___ |
| ୫୮ ରେ ୮ର ସ୍ଥାନୀୟ ମାନ = ___ | ୭୬ ରେ ୬ର ସ୍ଥାନୀୟ ମାନ = ___ |
| ୮୧ ରେ ୮ର ସ୍ଥାନୀୟ ମାନ = ___ | ୫୬ ରେ ୫ର ସ୍ଥାନୀୟ ମାନ = ___ |

୩. ସ୍ଥାନୀୟ ମାନ ଅନୁସାରେ ବିସ୍ତାରିତ କରି ଲେଖ ।

| | | | | | | | | | | |
|---|---|---|---|---|---|---|---|---|---|---|
| ୩୧ = | ୩ | ଦଶ | + | ୧ | ଏକ | = | ୩୦ | + | ୧ |
| ୩୪ = | | ଦଶ | + | | ଏକ | = | | + | |
| ୩୫ = | | ଦଶ | + | | ଏକ | = | | + | |
| ୫୭ = | | ଦଶ | + | | ଏକ | = | | + | |
| ୬୩ = | | ଦଶ | + | | ଏକ | = | | + | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର




ରୋଲ. ନ. : ______ ନାମ : ____________________



# ଆକଳନ ଫର୍ଦ୍ଦ-୪

ଶିକ୍ଷଣ ଫଳାଫଳ (L O) : (M-202) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କୁ ଲେଖିବ ଓ ତୁଳନା କରିବାରେ ସ୍ଥାନୀୟମାନ ଧାରଣାକୁ ବ୍ୟବହାର କରିବ

**୧.** ଗଣ ଓ ଖାଲି ଘରେ ସଂଖ୍ୟା ଲେଖ

| | |
|---|---|
|  | ୧୩ |
|  | |
|  | |

**୨.** ଉଦାହରଣ ଦେଖି ଖାଲି ଘର ପୂରଣ କର ।

| | | | | | | | | | |
|---|---|---|---|---|---|---|---|---|---|
| ୩୧ = | ୩୦ | + | ୧ | = | ୩ | ଦଶ | ୧ | ଏକ |
| ୨୪ = | | + | | = | | ଦଶ | | ଏକ |
| ୫୬ = | | + | | = | | ଦଶ | | ଏକ |
| ୮୭ = | | + | | = | | ଦଶ | | ଏକ |

**୩.** ଖାଲି ଘର ପୂରଣ କର ।

| ସଂଖ୍ୟା | | ଦଶ | ଏକ |
|---|---|---|---|
| ୩୫ | = | | |
| | = | ୭ | ୩ |
| ୫୯ | = | | |

**୪.** ୫, ୦, ୭, ୨ କୁ ବ୍ୟବହାର କରି ପାଞ୍ଚୋଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଗଢ଼ । ପ୍ରତ୍ୟେକ ସଂଖ୍ୟାକୁ ବିସ୍ତାରିତ କରି ଲେଖ ।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ପାଠ - ୫ : ସାନ ବଡ଼ ସଂଖ୍ୟା ଚିହ୍ନିବା ।

**ଶିକ୍ଷଣ ଫଳାଫଳ (L O) : (M-203)** ଦିଆଯାଇଥିବା ଅଙ୍କମାନଙ୍କୁ ବ୍ୟବହାର କରି (ଥରେ ବା ଏକାଧିକ ଥର) ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ଓ ସାନ ସଂଖ୍ୟା ତିଆରି କରିବ ।



### ଶିକ୍ଷଣ କାର୍ଯ୍ୟ - ୫.୧ ମଞ୍ଜି ଗୋଟାଇବା ଖେଳ

**ଶିକ୍ଷଣ ସାମଗ୍ରୀ:** ମଞ୍ଜି / ବାଟି / ଗୋଡ଼ି .........

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ବିଦ୍ୟାଳୟ ପରିସରରେ ଶ୍ରେଣୀ କକ୍ଷ ବାହାରକୁ ନେଇ ଦୁଇ ଦୁଇ ଜଣ କରି ଖେଳାଇବେ ।
- ମଞ୍ଜି ବା ବାଟି ବା ଗୋଡ଼ିକୁ ଚାରିଆଡ଼େ ବିଛାଇ କରି ପକାଇ ଦେବେ ।
- ପକାଯାଇଥିବା ଗୋଡ଼ି / ବାଟି / ମଞ୍ଜିକୁ ଗୋଟାଇବା ପାଇଁ ପିଲାଙ୍କୁ ଗୋଟିଏ ମିନିଟ୍ ସମୟ ଦେବେ ।
- ଗୋଟାଇ ଥିବା ମଞ୍ଜିକୁ ସମସ୍ତଙ୍କ ଆଗରେ ଗଣାଯିବ । ଅଧିକ ଗୋଟାଇ ଥିବା ପିଲାକୁ ତାଳି ମାରି ଉତ୍ସାହିତ କରାଯିବ ।
- ପୁଣି ମଞ୍ଜି, ବାଟି ବା ଗୋଡ଼ି..... ପକାଇ ଆଉ ଦୁଇ ଜଣଙ୍କୁ ଗୋଟାଇବା ପାଇଁ କୁହାଯିବ । ଯିଏ ଅଧିକ ଗୋଟାଇଛି ତାଳି ମାରି ଉତ୍ସାହିତ କରାଯିବ ।
- ଏହାପରେ କାର୍ଯ୍ୟଫର୍ଦ୍ଦ : ୫.୧.୧ ର ସମାଧାନ କରାଯିବ ।
- କାର୍ଯ୍ୟଫର୍ଦ୍ଦ କରିବା ପରେ ପିଲାମାନେ କାର୍ଯ୍ୟପୁସ୍ତିକାକୁ ନିଜ ନିଜ ମଧ୍ୟରେ ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



### ଶିକ୍ଷଣ କାର୍ଯ୍ୟ - ୫.୨ ସଂଖ୍ୟା କାର୍ଡ଼ ଖେଳ

**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ଼ ( ୧ , ୨ ,୩ .................. ଶ୍ରେଣୀର ପିଲା ସଂଖ୍ୟା ଅନୁଯାୟୀ)







**କାର୍ଯ୍ୟ କରିବାର ସୂଚନା :**

- ସଂଖ୍ୟା କାର୍ଡ଼ ଦେଇ ପିଲାମାନଙ୍କୁ ସଂଖ୍ୟା କ୍ରମ ଅନୁସାରେ ସଜାଇ ଠିଆ ହେବାକୁ କୁହାଯିବ ।
- ପର୍ଯ୍ୟାୟ କ୍ରମେ ସଂଖ୍ୟା କାର୍ଡ଼କୁ ଅଦଳ ବଦଳ କରି କାର୍ଯ୍ୟଟିକୁ କରାଇବେ ।
- କାର୍ଯ୍ୟଫର୍ଦ୍ଦ - ୫.୨.୧ ରୁ ୫.୨.୪ ପର୍ଯ୍ୟନ୍ତ ଓ ଆକଳନ ଫର୍ଦ୍ଦ ସମାଧାନ କରାଯିବ ।
- କାର୍ଯ୍ୟଫର୍ଦ୍ଦ କରିବା ପରେ ପିଲାମାନେ କାର୍ଯ୍ୟପୁସ୍ତିକାକୁ ନିଜ ନିଜ ମଧ୍ୟରେ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



## କାର୍ଯ୍ୟଫର୍ଦ୍ଦ-୫.୧.୧- କମ୍ ବେଶି ଜାଣିବା

? ଉଦାହରଣ ଦେଖି ଗୋଟିଏକୁ ଗୋଟିଏ ସହିତ ଯୋଡ଼ । କମ୍ ସଂଖ୍ୟକ ବସ୍ତୁ ପାଇଁ ଠିକ୍ '✓' ଚିହ୍ନ ଦିଅ ।

| | | |
|---|---|---|
| ଉଦାହରଣ |  | ✓<br>☐ |
| (କ) |  | ☐<br>☐ |
| (ଖ) |  | ☐<br>☐ |
| (ଗ) |  | ☐<br>☐ |
| (ଘ) |  | ☐<br>☐ |
| (ଙ) |  | ☐<br>☐ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୫.୨.୧- ସାନ ବଡ଼ ଜାଣିବା

? ଉଦାହରଣ ଭଳି ସବୁଠାରୁ ସାନ ସଂଖ୍ୟାରେ ଗୋଲ ବୁଲାଅ ।

(କ) ୫, ୩, (୨)　　(ଖ) ୭, ୬, ୯　　(ଗ) ୮, ୫, ୭

(ଘ) ୨, ୩, ୧　　(ଙ) ୫, ୬, ୨　　(ଚ) ୭, ୮, ୫

? ସାନରୁ ବଡ଼ କ୍ରମରେ ୪ ରୁ ୯ ପର୍ଯ୍ୟନ୍ତ ସଂଖ୍ୟା ଲେଖ ।

୪, ୫, .........., .........., .........., ..........

? ସବୁଠାରୁ ବଡ଼ ସଂଖ୍ୟାରେ ଗୋଲ ବୁଲାଅ ।

(କ) ୧, (୩), ୨　　(ଖ) ୫, ୪, ୩

(ଗ) ୬, ୫, ୪　　(ଘ) ୫, ୬, ୭

(ଙ) ୮, ୬, ୭　　(ଚ) ୫, ୭, ୮

? ନିମ୍ନ କୋଠରିଗୁଡ଼ିକରୁ ଯେ କୌଣସି ତିନୋଟି ସଂଖ୍ୟାକୁ ନେଇ ଉଦାହରଣରେ ଦିଆଯାଇଥିବା ଭଳି ସଂଖ୍ୟା ତିନୋଟିକୁ ତଳକୁ ତଳ ଲେଖ । ସବୁଠାରୁ ବଡ଼ ସଂଖ୍ୟାକୁ ଗୋଲ ବୁଲାଅ ।

| | | | | | | | | |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |

ଯେପରି

| | | | | | |
|---|---|---|---|---|---|
| ୨<br>୩<br>(୫) | | | | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୫.୨.୨- କିଏ ସାନ କିଏ ବଡ଼

? ଉଦାହରଣ ଭଳି ଖାଲି ଘର ପୂରଣ କର । (କିଏ ସାନ କିଏ ବଡ଼)

| ସଂଖ୍ୟା | | ସାନ ସଂଖ୍ୟା | ବଡ଼ ସଂଖ୍ୟା |
|---|---|---|---|
| ୧୨ |  | ୧୨ | ୧୪ |
| ୧୪ |  | | |
| ୧୬ | | | |
| ୧୮ | | | |
| ୧୩ | | | |
| ୧୯ | | | |
| ୧୫ | | | |
| ୧୨ | | | |

? ସାନ ସଂଖ୍ୟାକୁ ଗୋଲ ବୁଲାଅ ।

(କ) ୧୪,୧୭ (ଖ) ୧୧,୯ (ଗ) ୧୮,୧୭

(ଘ) ୧୫,୧୧ (ଙ) ୮, ୭ (ଚ) ୯, ୧୦

? ବଡ଼ ସଂଖ୍ୟା ତଳେ ଗାର ଦିଅ ।

(କ) ୧୨,୧୦ (ଖ) ୧୫,୧୩ (ଗ) ୧୧,୧୭

(ଘ) ୯, ୧୨ (ଙ) ୧୮,୧୧ (ଚ) ୮, ୧୨

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୫.୨.୩- ସଂଖ୍ୟାକୁ କ୍ରମରେ ସଜାଇବା

? ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟାଗୁଡ଼ିକୁ ସାନରୁ ବଡ଼ ସଂଖ୍ୟା କ୍ରମରେ ସଜାଅ ।

(କ) ୫, ୩, ୭, ୧ = ୧, ୩, ୫, ୭

(ଖ) ୬, ୮, ୫, ୯ =

(ଗ) ୮, ୯, ୬, ୭ =

(ଘ) ୧୯, ୧୫, ୧୮, ୧୬, =

(ଙ) ୮, ୧୨, ୯, ୭, =

? ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନ ସଂଖ୍ୟା କ୍ରମରେ ସଜାଅ ।

(କ) ୨, ୪, ୬, ୮ = ୮, ୬, ୪, ୨

(ଖ) ୭, ୯, ୬, ୪ =

(ଗ) ୫, ୭, ୩, ୯ =

(ଘ) ୧୮, ୧୪, ୧୭, ୧୫, =

(ଙ) ୯, ୧୩, ୧୦, ୮, =

? ଉଦାହରଣ ଭଳି ସବୁଠାରୁ ସାନ ସଂଖ୍ୟା ଓ ସବୁଠାରୁ ବଡ଼ ସଂଖ୍ୟାକୁ ସାରଣୀରେ ଲେଖ ।

| ସଂଖ୍ୟା | ସବୁଠାରୁ ସାନ ସଂଖ୍ୟା | ସବୁଠାରୁ ବଡ଼ ସଂଖ୍ୟା |
|---|---|---|
| ୪, ୨, ୮, ୭, ୯ | ୨ | ୯ |
| ୬, ୭, ୫, ୮, ୪ | | |
| ୩, ୫, ୧, ୬, ୭ | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୫.୨.୪- ଠିକ୍ ପୂର୍ବ, ଠିକ୍ ପର ଓ ମଧ୍ୟବର୍ତ୍ତୀ ସଂଖ୍ୟା ଜାଣିବା ।

? ଖାଲି ଘର ପୂରଣ କର ।

| ଠିକ୍ ପୂର୍ବ ସଂଖ୍ୟା | ସଂଖ୍ୟା | ଠିକ୍ ପର ସଂଖ୍ୟା |
|---|---|---|
| ୫ | ୬ | ୭ |
| | ୮ | |
| ୯ | | |
| ୧୦ | | |
| | ୧୨ | |
| | | ୧୯ |
| | ୨୧ | |
| | | ୨୫ |

? ଶୂନ୍ୟସ୍ଥାନ ପୂରଣ କର ।

(କ) ୧୪ ପରେ ୧୫ ଲେଖିଲେ, ୧୭ ପରେ ................. ଲେଖିବା ।

(ଖ) ୯, ୮, ୭ ଭଳି ଲେଖ । ୧୫, .................., ..................

(ଗ) ୧୪ ର ଠିକ୍ ପୂର୍ବ ସଂଖ୍ୟା ୧୩ ହେଲେ ୧୮ ର ଠିକ୍ ପୂର୍ବ ସଂଖ୍ୟା .................. ହେବ ।

(ଘ) ୧୬ ର ଠିକ୍ ପର ସଂଖ୍ୟା ................. ।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର





## ଶିକ୍ଷଣ କାର୍ଯ୍ୟ - ୫.୩ ବଲ୍ ଖେଳ

**ଶିକ୍ଷଣ ସାମଗ୍ରୀ:** ବଲ୍

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ଗୋଲାକୃତିରେ '◯' ବସିବେ ।
- ଜଣେ ପିଲା ବଲ୍ ଧରି ଗୋଟିଏ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା କହିବ ।
- ସେ ପିଲାଟି ଆଉ ଗୋଟିଏ ପିଲା ପାଖକୁ ବଲ୍ ଫିଙ୍ଗିବ । ଯେଉଁ ପିଲାଟି ବଲ୍ ଧରିବ ସେ ପୂର୍ବ ପିଲା କହିଥିବା ସଂଖ୍ୟାର ଠିକ୍ ପରବର୍ତ୍ତୀ ସଂଖ୍ୟାଟିକୁ କହିବ । ସେହିପରି ସେ ମଧ ବଲ୍ ଅନ୍ୟ ଜଣଙ୍କ ପାଖକୁ ଫିଙ୍ଗିବ । ଏହିପରି ଖେଳ ଚାଲିବ । ଉଦାହରଣ-ଯଦି ବଲ୍ ଧରିଥିବା ପିଲାଟି ୫୬ କହେ ପରବର୍ତ୍ତୀ ବଲ୍ ଧରିବା ପିଲାଟି ୫୬ର ଠିକ୍ ପରବର୍ତ୍ତୀ ସଂଖ୍ୟା ୫୭ କହିବ ।
- ଏହିପରି ପିଲାମାନେ ଉର୍ଦ୍ଧ୍ୱ କ୍ରମରେ ସଂଖ୍ୟା କହିବେ । ଯିଏ ଭୁଲ୍ କହିଲା, ଗୋଲ୍ ମଝିକୁ ଆସିବ ଓ ଖେଳ ପରିଚାଳନା କରିବ ।
- ସେହି ଖେଳକୁ ଅଧଃ କ୍ରମରେ ମଧ କରାଯିବ । ଯେପରି ଗୋଟିଏ ପିଲା ୨୫ କହିଲେ ପରେ ଯିଏ ବଲ୍ ଧରିବ ସେ ପିଲାଟି ୨୪ କହିବ ।
- ଶ୍ରେଣୀର ପ୍ରତ୍ୟେକ ପିଲା ଖେଳରେ ଅଂଶ ଗ୍ରହଣ କରିବେ ଓ ସଂଖ୍ୟା କହିବା ପାଇଁ ସୁଯୋଗ ଦିଆଯିବ ।
- ବର୍ଗ ଘର ଖାତା ବ୍ୟବହାର କରି ସଂଖ୍ୟାଗୁଡ଼ିକୁ ତୁଳନା କରାଯିବ । ଉଦାହରଣ : ୩୧ ଓ ୨୩ ମଧ୍ୟରେ ତୁଳନା




- ଏହାପରେ ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୩୬ ଠାରୁ ୪୨ ପର୍ଯ୍ୟନ୍ତ ସମାଧାନ କରାଯିବ ।
- ପାଠ୍ୟ ପୁସ୍ତକରେ କାର୍ଯ୍ୟ କରିବା ପରେ ପିଲାମାନେ ପାଠ୍ୟ ପୁସ୍ତକକୁ ନିଜ ନିଜ ମଧ୍ୟରେ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

ରୋଲ. ନ. : ______ ନାମ : ______________________



# ଆକଳନ ଫର୍ଦ୍ଦ-୫

**ଶିକ୍ଷଣ ଫଳାଫଳ (L O) : (M-203)** ଦିଆଯାଇଥିବା ଅଙ୍କମାନଙ୍କୁ ବ୍ୟବହାର କରି (ଥରେ ବା ଏକାଧିକ ଥର) ଦୁଇ ଅଙ୍କ ବିଶିଷ୍ଟ ସବୁଠାରୁ ବଡ଼ ଓ ସାନ ସଂଖ୍ୟା ତିଆରି କରିବ।

? ପ୍ରତି ଧାଡ଼ିରେ ଥିବା ସଂଖ୍ୟାମାନଙ୍କ ମଧ୍ୟରୁ ସବୁଠାରୁ ସାନ ସଂଖ୍ୟା ଚାରିପଟେ '◯' ଓ ସବୁଠାରୁ ବଡ଼ ସଂଖ୍ୟା ଘରିପଟେ ☐ କର।

(କ) ୨୧, ୨୨, ୨୩, ୨୪, ୨୫

(ଖ) ୩୬, ୩୪, ୩୮, ୩୩, ୩୯

(ଗ) ୬୦, ୫୦, ୮୦, ୨୦, ୭୦,

(ଘ) ୫୭, ୫୫, ୫୮, ୫୯, ୫୩,

(ଙ) ୯୨, ୮୯, ୯୮, ୭୨, ୨୭,

? ସଂଖ୍ୟାଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଇ ଲେଖ।

(କ) ୩୪, ୪୫, ୨୮, ୫୩, ୨୨ ______

(ଖ) ୪୯, ୩୬, ୫୫, ୮୨, ୩୧ ______

(ଗ) ୮୫, ୮୮, ୮୨, ୮୬, ୮୩ ______

(ଘ) ୯୪, ୫୯, ୩୨, ୪୬, ୯୭ ______

? ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନ କ୍ରମରେ ସଜାଇ ଲେଖ।

(କ) ୩୫, ୬୫, ୯୫, ୨୫, ୮୫ ______

(ଖ) ୩୭, ୪୨, ୭୧, ୫୬, ୩୩ ______

(ଗ) ୫୫, ୪୭, ୮୭, ୨୧, ୬୯ ______

(ଘ) ୭୮, ୭୩, ୭୦, ୭୯, ୭୬ ______

______________
ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୬ : କାହା ସ୍ଥାନ କେଉଁଠି ଜାଣିବା

## ଶିକ୍ଷଣ ଫଳାଫଳ (L O) : ପୂରଣ ବାଚକ ସଂଖ୍ୟାର ଧାରଣାକୁ ବ୍ୟବହାର କରିବେ



### ଶିକ୍ଷଣ କାର୍ଯ୍ୟ - ୬.୧ ବେଙ୍ଗ ଡ଼ିଆଁ ଖେଳ

**ଶିକ୍ଷଣ ସାମଗ୍ରୀ:** ପ୍ରଥମ, ଦ୍ୱିତୀୟ, ତୃତୀୟ....... ଦଶମ ଲେଖା ହୋଇଥିବା ଫ୍ଲାସ୍ କାର୍ଡ

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ଶ୍ରେଣୀ କକ୍ଷ ବାହାରକୁ ନେଇ ୧୦ ଟି ପିଲାଙ୍କର ବେଙ୍ଗ ଡ଼ିଆଁ ପ୍ରତିଯୋଗିତା କରିବେ ।
- ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ..........., ଦଶମ ସ୍ଥାନରେ ରହିବେ ସେମାନଙ୍କୁ କାର୍ଡ଼ / ବ୍ୟାଚ ପିନ୍ଧାଇ ଉତ୍ସାହିତ କରିବେ ।
- ସେହି ପିଲାମାନଙ୍କୁ କ୍ରମରେ ଠିଆ କରାଇବେ ।
- ପ୍ରତ୍ୟେକ ପିଲା ପିନ୍ଧିଥିବା କାର୍ଡ଼ / ବ୍ୟାଚ ଅନୁଯାୟୀ ସେମାନଙ୍କର ସ୍ଥାନ କହିବେ ।
- 'ପ୍ରଥମ, ଦ୍ୱିତୀୟ, ତୃତୀୟ ............ ଦଶମ' ପୂରଣବାଚକ ସଂଖ୍ୟା । ଏହା ଗୋଟିଏ ଗୋଟିଏ ସ୍ଥାନକୁ ଦର୍ଶାଏ ବୋଲି ଧାରଣା ଦେବେ ।
- ପ୍ରତ୍ୟେକ ପିଲା ଭାଗ ନେବା ପର୍ଯ୍ୟନ୍ତ ଖେଳ ଚାଲିବ ।



### ଶିକ୍ଷଣ କାର୍ଯ୍ୟ - ୬.୨ ରେଳ ଗାଡ଼ି ଗୀତ

**ଶିକ୍ଷଣ ସାମଗ୍ରୀ:** ରେଳଗାଡ଼ିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ............. ଦଶମ ଡ଼ବା ଦର୍ଶାଉ ଥିବା ଚିତ୍ର । ପଶୁ ପକ୍ଷୀଙ୍କ ମୁଖା / ଚିତ୍ର କାର୍ଡ଼

**କାର୍ଯ୍ୟ କରିବାର ସୂଚନା :**

- ସମସ୍ତ ପିଲାମାନଙ୍କୁ ଗୋଲାକୃତିରେ ଠିଆ କରାଇ ଗୀତ ଗାଇ ଗାଇ ରେଳଗାଡ଼ି ଖେଳ କରାଯିବ । ପର ପୃଷ୍ଠାରେ ଥିବା ଗୀତଟିକୁ ଶିକ୍ଷକ ଓ ପିଲାମାନେ ଅଭିନୟ ସହ ଆବୃତି କରିବେ ।
- ପିଲାମାନେ ଚିତ୍ରରେ ଥିବା ପଶୁ ପକ୍ଷୀଙ୍କ ମୁଖା ପିନ୍ଧିବେ / ସେମାନଙ୍କ ଚିତ୍ର ଥିବା କାର୍ଡ଼ ଧରିବେ ।



**ଗୀତ:** ଛୁକୁ ଛୁକୁ ଶବଦରେ ରେଳଗାଡ଼ି ଆସିବ ।
ଠିଆ ହୋଇଥାଅ ସବୁ ବେଗେବେଗେ ବସିବ ।
ଠେଲା ପେଲା ହେବ ନାହିଁ ପଶିଯିବ ଭିତରେ ।
ବାଘ, ଭାଲୁ, କାଉ, ବଗ ବସିଯିବେ ଛାତରେ ।
ଠେକୁଆ, ମୟୂର, ଶୁଆ ଚଟାପଟ ଚଢ଼ିବେ ।
ଗଧ, ସାପ, ହରିଣ ବି ନିଜ କଥା ବୁଝିବେ ।
ଆସିଗଲା ରେଳଗାଡ଼ି ଲମ୍ବା ସିଟି ବଜାଇ
ନେଇଗଲା ଯେତେ ଥିଲେ, ନିଜ ଦେହେ ସଜାଇ ।

- ଗୀତ ସରିଲା ପରେ ଚିତ୍ର ଆଧାରରେ ପ୍ରଶ୍ନଗୁଡ଼ିକୁ ପଚରାଯିବ ।

**ଚିତ୍ର ଦେଖି କହ:**

୧. କାଉ ରେଳଗାଡ଼ିରେ କେଉଁ ଡବାରେ ବସିଛି ?
୨. ସାପ କେଉଁ ଡବାରେ ବସିଛି ?
୩. ପଞ୍ଚମ ଡବାରେ କିଏ ବସିଛି ?
୪. ବାଘ କେଉଁ ଡବାରେ ବସିଛି ?
୫. ହରିଣ କେଉଁ ଡବାରେ ବସିଛି ?
୬. ନବମ ଡବାରେ କିଏ ବସିଛି ?



## ଶିକ୍ଷଣ କାର୍ଯ୍ୟ - ୬.୩ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ରେଳଗାଡ଼ିରେ ପ୍ରଥମ, ଦ୍ୱିତୀୟ, ତୃତୀୟ .............. ଦଶମ ଡବା ଦର୍ଶାଉ ଥିବା ଚିତ୍ର ।


**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା:୪୩ରେ ଥିବା 'କାହାସ୍ଥାନ କେଉଁଠି' ଗପଟିକୁ ସମଗ୍ର ଶ୍ରେଣୀରେ ପିଲାଙ୍କୁ U ଆକୃତିରେ ବସାଇ ଉପଯୁକ୍ତ ଅଙ୍ଗଭଙ୍ଗୀ କରି ଶିକ୍ଷକ କହିବେ । କହିସାରିବା ପରେ ବହିରେ ଥିବା ପ୍ରଶ୍ନଗୁଡ଼ିକ ଆଲୋଚନା କରାଯିବ ।
- ଏହାପରେ ପାଠ୍ୟପୁସ୍ତକର ପୃଷ୍ଠା : ୪୩ ରୁ ୪୮ ପର୍ଯ୍ୟନ୍ତ ଥିବା କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ସମାଧାନ କରିବେ ।
- ବହିର ପ୍ରଶ୍ନ ଗୁଡ଼ିକର ସମାଧାନ ପରେ କାର୍ଯ୍ୟଫର୍ଦ୍ଦ ୬.୩.୧ଠାରୁ ୬.୩.୩ ପର୍ଯ୍ୟନ୍ତ ଓ ଆକଳନ ଫର୍ଦ୍ଦକୁ ପିଲାମାନେ ବ୍ୟକ୍ତିଗତ ଭାବରେ ସମାଧାନ କରିବେ ।
- ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତିକାକୁ ପିଲାମାନେ ନିଜ ନିଜ ମଧ୍ୟରେ ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



# କାର୍ଯ୍ୟଫର୍ଦ୍ଦ-୬.୩.୧- କାହା ସ୍ଥାନ କେଉଁଠି ଲେଖିବା

? ଚିତ୍ର ଦେଖି ଖାଲି ସ୍ଥାନ ପୂରଣ କର ।




? କାର୍ ଗୁଡ଼ିକୁ ଠିକ୍ ସ୍ଥାନ ଅନୁଯାୟୀ ଗାର ଟାଣି ଯୋଡ଼ ।




? ଯେପରି ପ୍ରଥମକୁ ୧ମ ଲେଖାଯାଇଛି ସେହିପରି ଅନ୍ୟ ସ୍ଥାନଗୁଡିକୁ ପୂରଣ କର ।

| ପ୍ରଥମ | ଦ୍ୱିତୀୟ | ତୃତୀୟ | ଚତୁର୍ଥ | ପଞ୍ଚମ | ଷଷ୍ଠ | ସପ୍ତମ | ଅଷ୍ଟମ | ନବମ | ଦଶମ |
|---|---|---|---|---|---|---|---|---|---|
| ୧ମ | | | | | | | | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# କାର୍ଯ୍ୟଫର୍ଦ୍ଦ-୬.୩.୨- କାହା ସ୍ଥାନ କେଉଁଠି ଜାଣିବା



ପ୍ରଥମ ଦ୍ୱିତୀୟ ତୃତୀୟ ଚତୁର୍ଥ ପଞ୍ଚମ ଷଷ୍ଠ ସପ୍ତମ ଅଷ୍ଟମ ନବମ ଦଶମ

? ଚିତ୍ରଟି ଯେଉଁ ସ୍ଥାନରେ ଅଛି, ସେହି ଘରେ '✓' ଚିହ୍ନ ଦିଅ।

| କପ୍ | | ମାଛ | | ପେନ୍‌ସିଲ୍ | |
|---|---|---|---|---|---|
| ଦ୍ୱିତୀୟ | | ସପ୍ତମ | | ପ୍ରଥମ | |
| ତୃତୀୟ | ✓ | ଅଷ୍ଟମ | | ଦ୍ୱିତୀୟ | |
| ଅଷ୍ଟମ | | ନବମ | | ନବମ | |
| **ଗ୍ଲାସ୍** | | **ଫୁଲ** | | **ବାଲ୍‌ଟି** | |
| ପ୍ରଥମ | | ଚତୁର୍ଥ | | ଦ୍ୱିତୀୟ | |
| ଅଷ୍ଟମ | | ପଞ୍ଚମ | | ସପ୍ତମ | |
| ସପ୍ତମ | | ଅଷ୍ଟମ | | ଦଶମ | |
| **ବେଲଣା କାଠି** | | **ବଗ** | | **ମାଠିଆ** | |
| ଅଷ୍ଟମ | | ଷଷ୍ଠ | | ଚତୁର୍ଥ | |
| ସପ୍ତମ | | ପଞ୍ଚମ | | ତୃତୀୟ | |
| ନବମ | | ଚତୁର୍ଥ | | ପଞ୍ଚମ | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## କାର୍ଯ୍ୟଫର୍ଦ୍ଦ-୬.୩.୩- କାହା ସ୍ଥାନ କେଉଁଠି ଜାଣିବା

? ଖାଲି ଘରେ ଉତ୍ତର ଲେଖ ।



| ବାଘ ୧ମ ସ୍ଥାନରେ ରହିଲେ | |
|---|---|
| ହରିଣର ସ୍ଥାନ | |
| ଛେଳିର ସ୍ଥାନ | |
| ଠେକୁଆର ସ୍ଥାନ | |
| ସିଂହର ସ୍ଥାନ | |

| ସିଂହର ସ୍ଥାନ ୧ମ ହେଲେ | |
|---|---|
| ଛେଳିର ସ୍ଥାନ | |
| ବାଘର ସ୍ଥାନ | |
| ହରିଣର ସ୍ଥାନ | |
| ଠେକୁଆର ସ୍ଥାନ | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

ରୋଲ.ନ. : ______


ନାମ : ______



# ଆକଳନ ଫର୍ଦ୍ଦ-୬

## ଶିକ୍ଷଣ ଫଳାଫଳ : ପୂରଣବାଚକ ସଂଖ୍ୟାର ଧାରଣାକୁ ବ୍ୟବହାର କରିବ

? ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।




ପ୍ରଥମ →

| | |
|---|---|
| • କେଉଁ ସ୍ଥାନରେ କଦଳୀ ଅଛି ? | |
| • କେଉଁ ସ୍ଥାନରେ ଚକୋଲେଟ୍ ଅଛି ? | |
| • କେଉଁ ସ୍ଥାନରେ ପେନ୍‌ସିଲ୍ ଅଛି ? | |
| • ରବର କେଉଁ ସ୍ଥାନରେ ଅଛି ? | |
| • କଲମ କେଉଁ ସ୍ଥାନରେ ଅଛି ? | |
| • ନବମ ସ୍ଥାନରେ କେଉଁ ଜିନିଷ ଅଛି ? | |
| • ବେଲୁନ୍‌ଟି କେଉଁ ସ୍ଥାନରେ ଅଛି ? | |
| • ବେଲୁନ୍ ଠାରୁ ବାମକୁ ଗଲେ ଦ୍ୱିତୀୟ ସ୍ଥାନରେ କେଉଁ ଜିନିଷ ଅଛି ? | |
| • ଆମ୍ବର ଠିକ୍ ପରବର୍ତ୍ତୀ ଘରର ସ୍ଥାନ କ'ଣ ? | |
| • କଲମ ଠାରୁ ଡାହାଣକୁ ଆସିଲେ ତୃତୀୟ ସ୍ଥାନରେ କେଉଁ ଜିନିଷ ଅଛି ? | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୭ : ମିଶାଣ କରିବା

## ଶିକ୍ଷଣ ଫଳାଫଳ (L O) : (M-204) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ସମ୍ବନ୍ଧୀୟ  ସମସ୍ୟା ସମାଧାନ କରିବେ ।

### ଶିକ୍ଷଣ କାର୍ଯ୍ୟ - ୭.୧ ଗୋଲି ଖେଳ

**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ ( ୧ ରୁ ୧୮ ମଧ୍ୟରେ), ଗୋଲି ୯ଟି ଲେଖାଏଁ ଅତି କମ୍‌ରେ ୪ ସେଟ୍

**କାର୍ଯ୍ୟ କରିବାର ସୂଚନା :**

- ଶ୍ରେଣୀର ସମସ୍ତ ପିଲାଙ୍କୁ ନେଇ ଦୁଇଟି ଦଳ କରାଯିବ ।
- ଉଭୟ ଦଳର ଜଣେ ଜଣେ ପିଲାଙ୍କୁ ଡାକି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୋଲି ବାକ୍ସ ମଧ୍ୟରୁ ଗୋଟିଏ ଗୋଟିଏ କରି ଗୋଲି କାଢ଼ିବା ପାଇଁ ସୂଚନା ଦିଆଯିବ ।
- ହୁଇସିଲ୍ ବାଜିଲେ ଯିଏ ଯେତୋଟି ଗୋଲି କାଢ଼ିଛନ୍ତି ସେଗୁଡ଼ିକ ଆଣି ମଝିରେ ବସି ମିଶାଇବେ ।
- ମିଶାଇବା ଗୋଲି ସଂଖ୍ୟା ଯାହା ହେଲା କହିବେ ଏବଂ ମଝିରେ ଥିବା ସଂଖ୍ୟାକାର୍ଡ଼ରୁ ସେହି ସଂଖ୍ୟା ଲେଖା ଥିବା କାର୍ଡ଼ଟି କାଢ଼ି ଦେଖାଇବେ ।
- ପ୍ରତ୍ୟେକ ଥର ଦୁଇଟି ପିଲା (ଉଭୟ ଦଳର ଗୋଟିଏ ଲେଖାଏଁ) ଆସି ଗୋଡ଼ି ଆଣିବେ, ଗଣିବେ, ମିଶାଇବେ ଓ ସଂଖ୍ୟାକାର୍ଡ ଦେଖାଇବା ପର୍ଯ୍ୟନ୍ତ ଖେଳଟି ଚାଲିବ ।

### ଶିକ୍ଷଣ କାର୍ଯ୍ୟ - ୭.୨ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପାଠ - ୭ ପୃଷ୍ଠା ୪୯ରେ ଥିବା ଗପ ''ଆଖି ଡାକ୍ତର ବାଦୁଡ଼ି''କୁ ଶ୍ରେଣୀର ସମସ୍ତ ପିଲାଙ୍କୁ 'U' ଆକୃତିରେ ବସାଇ କୁହାଯିବ ଓ ଗଳ୍ପ ଆଧାରିତ ପ୍ରଶ୍ନ ପଚରାଯିବ ।
- ପୃଷ୍ଠା -୫୦ରେ ଥିବା ଗାଣିତିକ ପ୍ରକ୍ରିୟାଟିକୁ ଆଲୋଚନା କରି କଳାପଟାରେ ଉପସ୍ଥାପନା କରି ସଂକ୍ଷେପଣ କରାଯିବ ।



## ଶିକ୍ଷଣ କାର୍ଯ୍ୟ - ୭.୩ ମିଶାଣ ଶିଖିବା

**ଶିକ୍ଷଣ ସାମଗ୍ରୀ:** କାଠି ବିଡ଼ା ( ୧ ୦ ଟିକିଆ), କାଠି, GKA Kit ରଡ୍ ଓ ଗୋଟି, ଖେଳଣା ନୋଟ୍ ( ୧ ୦ ଟଙ୍କିଆ ଓ ୧ ଟଙ୍କିଆ) ଦୁଇଟି ରଙ୍ଗର ଲୁଡୁ ଗୋଟି ( ନୀଳ ରଙ୍ଗର ଲୁଡୁ ଗୋଟି ଦଶକ ସ୍ଥାନ ଓ ହଳଦିଆ ଗୋଟି ଏକକ ସ୍ଥାନ) ପ୍ରତ୍ୟେକ ଗୋଟିର ଛରୋଟି ପାର୍ଶ୍ୱରେ ୧ ଠାରୁ ୪ ପର୍ଯ୍ୟନ୍ତ ସଂଖ୍ୟା (ଗୋଟିଏ ପାର୍ଶ୍ୱରେ ଗୋଟିଏ ସଂଖ୍ୟା) ଲେଖା ହେବ।


| ଦଶ | ଏକ |
|---|---|
| | |
| | |
| | |

**କାର୍ଯ୍ୟ କରିବାର ସୂଚନା :**

- ୪ ଟି ଦଳରେ ଗୋଲ୍ ହୋଇ ପିଲାମାନେ ବସିବେ।
- ପାର୍ଶ୍ୱସ୍ଥ ଚିତ୍ର ଭଳି ପ୍ରତ୍ୟେକ ଦଳ ପାଇଁ ଚଟାଣରେ ସ୍ଥାନୀୟମାନ ସାରଣୀ ପ୍ରସ୍ତୁତ କରାଯିବ।
- ପ୍ରତ୍ୟେକ ଦଳକୁ ଉପରୋକ୍ତ ସାମଗ୍ରୀ ଦିଆଯିବ।

**ସୋପାନ – ୧**



- ପ୍ରତ୍ୟେକ ଦଳର ଜଣେ ଉଭୟ ରଙ୍ଗର ଲୁଡୁ ଗୋଟିକୁ ଏକାଥରରେ ଗଡ଼ାଇବେ। ହଳଦିଆ ଗୋଟିରେ ଯେଉଁ ସଂଖ୍ୟକ ଗୋଲି ପଡ଼ିଲା ତାକୁ ଏକକ ଏବଂ ନୀଳ ଗୋଟିରେ ଯାହା ପଡ଼ିଲା ତାକୁ ଦଶକ ସ୍ଥାନ କୋଠରୀରେ ଦର୍ଶାଇବେ।
- ଯେଉଁ ସଂଖ୍ୟା ଗଠନ ହେଲା ସେହି ଅନୁସାରେ ଚଟାଣରେ ଥିବା ସ୍ଥାନୀୟମାନ ସାରଣୀରେ କାଠି ବିଡ଼ା, କାଠି / Base ten blocks ର ରଡ୍ ଓ ଗୋଟି / ଖେଳଣା ନୋଟ ( ୧ ୦ ଟଙ୍କିଆ, ୧ ଟଙ୍କିଆ) କୁ ନେଇ ରଖିବେ।

| ଦଶ | ଏକ |
|---|---|
|  |  |
| | |
| | |

ଉଦାହରଣ:- ୩୨କୁ ସ୍ଥାନୀୟମାନ ସାରଣୀରେ ଦେଖେଇବା।

**ସୋପାନ – ୨**


- ପୁନର୍ବାର ଅନ୍ୟ ଜଣେ ପିଲା ଉଭୟ ରଙ୍ଗର ଲୁଡୁ ଗୋଟି ଏକାଥରକେ ଗଡ଼ାଇବ ଏବଂ ଯେଉଁ ସଂଖ୍ୟା ଗଠନ ହେଲା ସେହି ଅନୁସାରେ ଚଟାଣରେ ଥିବା ସ୍ଥାନୀୟମାନ ସାରଣୀରେ ପ୍ରଥମ ପିଲା ରଖିଥିବା କାଠି ତଳକୁ କାଠି ବିଡ଼ା ଓ କାଠି / Base ten blocks ର ରଡ୍, ଗୋଟି / ଖେଳନା ନୋଟ୍ ( ୧ ୦ ଟଙ୍କିଆ, ୧ ଟଙ୍କିଆ) କୁ ନେଇ ରଖିବ।

| ଦଶ | ଏକ |
|---|---|
|  |  |
|  |  |
| | |

ଉଦାହରଣ:- ୨୪କୁ ସ୍ଥାନୀୟମାନ ସାରଣୀରେ ଦେଖେଇବା।


**ସୋପାନ - ୩**

- ସ୍ଥାନୀୟମାନ ସାରଣୀରେ ଉଭୟ ସଂଖ୍ୟାର ଏକକ କାଠିଗୁଡ଼ିକୁ ଏକାଠି କରିବେ ଏବଂ ମୋଟ କାଠି ସଂଖ୍ୟାକୁ ତଳେ ଲେଖିବେ ।




**ସୋପାନ - ୪**

- ଦଶକ ସ୍ଥାନର କାଠି ବିଡ଼ା ଗୁଡ଼ିକୁ ଏକାଠି କରିବେ ମୋଟ ବିଡ଼ା ସଂଖ୍ୟାକୁ ତଳେ ଲେଖିବେ ଓ ଯୋଗଫଳ କେତେ ହେଲା କହିବେ ।
- ଏହିପରି ଭାବରେ ପ୍ରତ୍ୟେକ ଦଳ ଲୁଡୁଗୋଟିକୁ ଗଡାଇ ଦୁଇଟି ଲେଖାଏଁ ସଂଖ୍ୟା ଗଠନ କରିବେ ଏବଂ ରଡ-ଗୋଟି, ଖେଳଣା ନୋଟ୍ ବ୍ୟବହାର କରି ଯୋଗଫଳ ବାହାର କରିବେ ।




- ସଂଖ୍ୟାଗୁଡ଼ିକୁ ଚଟାଣରେ ସ୍ଥାନୀୟମାନ ସାରଣୀରେ ଦେଖେଇ ସାରିଲା ପରେ ପ୍ରତ୍ୟେକ ପିଲା ସଂଖ୍ୟାଗୁଡ଼ିକୁ ବର୍ଗାକାର ଘର ଥିବା ଖାତାରେ ସମାଧାନ କରିବେ । ନିମ୍ନରେ ୩୨ ଓ ୨୪ର ଯୋଗଫଳକୁ ବର୍ଗାକାର ଖାତାରେ ଦର୍ଶାଯାଇଛି ।

**ସୋପାନ - ୧** ବର୍ଗାକାର ଥିବା କାଗଜରେ ୩୨+୨୪କୁ ନିମ୍ନ ପ୍ରକାରରେ ସଂଖ୍ୟା ଦ୍ୱୟକୁ ଦର୍ଶାଇବେ

| | | | | | | |
|---|---|---|---|---|---|---|
| ୩୨ | ୧୦ | ୧୦ | ୧୦ | ୧ | ୧ | |
| + | | | | | | |
| ୨୪ | ୧୦ | ୧୦ | | ୧ | ୧ | ୧ |
| | | | | ୧ | | |
| = | | | | | | |
| | | | | | | |

**ସୋପାନ-୨** ଏକକ ସ୍ଥାନରେ ଥିବା '୧' ଗୁଡ଼ିକୁ ଗଣି ଗୋଲ ବୁଲାଅ ଏବଂ ସମଷ୍ଟିକୁ ତଳ ଘରେ ସେତିକି ସଂଖ୍ୟକ '୧' ଲେଖ ଏବଂ ଯେତିକି '୧' ହେଲା ସେହି ସଂଖ୍ୟାକୁ ଲେଖ ।

| | | | | | | |
|---|---|---|---|---|---|---|
| ୩୨ | ୧୦ | ୧୦ | ୧୦ | (୧) | (୧) | |
| + | | | | | | |
| ୨୪ | ୧୦ | ୧୦ | | (୧) | (୧) | (୧) |
| | | | | (୧) | | |
| = | | | | | | |
| | | | | ୧ | ୧ | ୧ |
| | | | | ୧ | ୧ | ୧ |
| | | | | | ୬ | |

**ସୋପାନ - ୩** ଦଶକ ସ୍ଥାନରେ ଥିବା ଦଶ ଗୁଡ଼ିକୁ ଗୋଲ୍ ବୁଲାଇ ଗଣି ସମଷ୍ଟି ଘରେ ସେତିକି ସଂଖ୍ୟକ ଦଶ ଲେଖିବେ ଏବଂ ଯେତିକି ୧୦ ହେଲା ଲେଖିବେ।

| | ଦଶ | | | ଏକ | | |
|---|---|---|---|---|---|---|
| ୩୨ | (୧୦) | (୧୦) | (୧୦) | (୧) | (୧) | |
| + | | | | | | |
| ୨୪ | (୧୦) | (୧୦) | | (୧) (୧) | (୧) | (୧) |
| = | | | | | | |
| | ୧୦ | ୧୦ | ୧୦ | ୧ | ୧ | ୧ |
| | ୧୦ | ୧୦ | | ୧ | ୧ | ୧ |
| | | ୫ | | | ୬ | |

**ସୋପାନ - ୪** ଯୋଗଫଳ ଲେଖିବେ।

| | ଦଶ | ଏକ |
|---|---|---|
| | ୩ | ୨ |
| + | ୨ | ୪ |
| | ୫ | ୬ |

? ଉପରେ କରାଯାଇଥିବା ସମାଧାନ ଭଳି ତଳ କୋଠରିରେ ମିଶାଣ କାର୍ଯ୍ୟ କର।

| | ଦଶ | ଏକ |
|---|---|---|
| ୨୩ | | |
| + | | |
| ୪୫ | | |
| = | | |
| | | |

| | ଦଶ | ଏକ |
|---|---|---|
| | | |
| + | | |
| | | |



## ଶିକ୍ଷଣ କାର୍ଯ୍ୟ - ୭.୪ ମିଶାଣ କରିବା

**ଶିକ୍ଷଣ ସାମଗ୍ରୀ:** ସଂଖ୍ୟା କାର୍ଡ ( ୧୦ ରୁ ୪୯ ), କାଠି ବିଡ଼ା ଓ ଖୋଲା କାଠି


**କାର୍ଯ୍ୟ କରିବାର ସୂଚନା :**

- ସବୁ ପିଲାଙ୍କୁ ତିନୋଟି ଦଳରେ ଭାଗ କରିବେ।
- ପ୍ରତି ଦଳକୁ କାଠି ବିଡ଼ା, କାଠି ଓ ୧୦ ରୁ ୪୯ ପର୍ଯ୍ୟନ୍ତ ସଂଖ୍ୟା କାର୍ଡ଼ ଦିଆଯିବ।
- ପ୍ରତ୍ୟେକ ଦଳ ଖାତାରେ ଗୋଟିଏ ସ୍ଥାନୀୟମାନ ସାରଣୀ କରିବେ।

| ଦଶକ | ଏକକ |
| --- | --- |
| | |
| | |
| | |


**ସୋପାନ : ୧**

- ଦଳରେ ଗୋଟିଏ ପିଲା ୧୦ ରୁ ୪୯ ମଧ୍ୟରେ ଗୋଟିଏ ସଂଖ୍ୟା କାର୍ଡ଼ କାଢ଼ି ସେହି ସଂଖ୍ୟା ଅନୁସାରେ ଚଟାଣରେ ଥିବା ସ୍ଥାନୀୟମାନ ସାରଣୀର ପ୍ରଥମ ଧାଡ଼ିରେ କାଠି ବିଡ଼ା ଓ କାଠି ରଖିବ। ମନେକର ୨୭ ସଂଖ୍ୟା କାର୍ଡ଼ଟି କାଢ଼ିଲା। ସେ ଚିତ୍ରରେ ଥିବା ଭଳି କାଠିବିଡ଼ା ଓ କାଠିକୁ ସଜାଇ ରଖିବ।





- ଦଳରେ ଆଉ ଗୋଟିଏ ପିଲା ଆଉ ଗୋଟେ ସଂଖ୍ୟା କାଢ଼ି ସେହି ସଂଖ୍ୟା ଅନୁସାରେ ଚଟାଣରେ ଥିବା ସ୍ଥାନୀୟ ମାନ ସାରଣୀର ୨ୟ ଧାଡ଼ିରେ କାଠି ବିଡ଼ା ଓ କାଠି ରଖିବ। ମନେକର ୨୫ ବାହାରିଲା। ସେ ଦ୍ୱିତୀୟ ଧାଡ଼ିରେ ଚିତ୍ରରେ ଥିବା ଭଳି ସଜାଇ ରଖିବ।

**ସୋପାନ : ୨**




- ଦଳର ଆଉ ଗୋଟିଏ ପିଲା ପ୍ରଥମେ ଏକକ ଘରେ ଥିବା କାଠି ଗୁଡ଼ିକୁ ସ୍ଥାନୀୟମାନ ସାରଣୀର ତଳ ଧାଡ଼ିରେ ଏକାଠି କରିବ ଏବଂ ଗଣିବ।
- ଦଳର ଚତୁର୍ଥ ପିଲାଟି ଏକକ ସ୍ଥାନରେ ଯଦି ୧୦ଟି ବା ୧୦ ଟିରୁ ଅଧିକ କାଠି ହେଉଛି ତେବେ ତାକୁ ବିଡ଼ାରେ ପରିବର୍ତ୍ତନ କରିବ ଏବଂ ବିଡ଼ାକୁ ଦଶକ ସ୍ଥାନରେ ରଖିବ ଏବଂ ଏକକ ଘରେ ଯେତେ ବଳକା କାଠି ଥିବ ତାକୁ ଗଣି ତଳେ ସଂଖ୍ୟାଟି ଲେଖିବ।


**ସୋପାନ : ୩**





- ଦଳର ଶେଷ ପିଲାଟି ଦଶକ ସ୍ଥାନରେ ଥିବା କାଠି ବିଡ଼ାକୁ ଏକାଠି କରି ଗଣିବ ଏବଂ ଯେତୋଟି ବିଡ଼ା ହେଲା ତଳେ ସଂଖ୍ୟାଟି ଲେଖିବ।

ବର୍ଗ ଘର କାଗଜ ବ୍ୟବହାର କରି ୨୭+୧୮ କୁ ଦର୍ଶାଇବା ।

ସୋପାନ:୧ ନିମ୍ନମତେ ସଂଖ୍ୟା ଦୁଇଟିକୁ ଦର୍ଶାଇବା ।





ସୋପାନ:୨ – ଏକକ ସ୍ଥାନରେ ଥିବା '୧' ଗୁଡ଼ିକୁ ଗଣି ଦଶଟିରେ ଗୋଲ ବୁଲାଇବ ୧୦ଟି '୧'କୁ ନେଇ ଗୋଟିଏ ୧୦ ହେବ ଏବଂ ଉକ୍ତ '୧୦' କୁ ଦଶକ ସ୍ଥାନର ଉପରେ ଲେଖିବ । ଏକକ ସ୍ଥାନରେ ଥିବା ବଳକା '୧' କୁ ଗଣି ସବା ତଳ ଘରେ ସେତିକି ସଂଖ୍ୟକ '୧' ଲେଖିବ ।




**ସୋପାନ:୩**

ଦଶକ ସ୍ଥାନ ତଥା ଉପରେ ଥିବା '୧୦' ଗୁଡ଼ିକୁ ଗୋଲ ବୁଲାଇ ଗଣିବା ଏବଂ ସମଷ୍ଟି ଘରେ ସେତିକି ସଂଖ୍ୟକ '୧୦' ଲେଖିବା ।




**ସୋପାନ:୪**

| | ଦଶକ | ଏକକ |
|---|---|---|
| | ୨ | ୭ |
| + | ୧ | ୮ |
| | ୪ | ୫ |



# କାର୍ଯ୍ୟଫର୍ଦ୍ଦ-୭.୪.୧- ମିଶାଣ କରିବା

? ବର୍ଗାକାର କାଗଜ ବ୍ୟବହାର କରି ଯୋଗଫଳ ନିର୍ଣ୍ଣୟ କର ।

| | ଦଶ | ଏକ |
|---|---|---|
| ୧୮ | | |
| + | | |
| ୬ | | |
| = | | |

| | ଦଶ | ଏକ |
|---|---|---|
| + | | |
| | | |

| | ଦଶ | ଏକ |
|---|---|---|
| ୨୨ | | |
| + | | |
| ୧୫ | | |
| = | | |

| | ଦଶ | ଏକ |
|---|---|---|
| + | | |
| | | |

| | ଦଶ | ଏକ |
|---|---|---|
| ୩୭ | | |
| + | | |
| ୨୮ | | |
| = | | |

| | ଦଶ | ଏକ |
|---|---|---|
| + | | |
| | | |

| | ଦଶ | ଏକ |
|---|---|---|
| ୪୭ | | |
| + | | |
| ୨୯ | | |
| = | | |

| | ଦଶ | ଏକ |
|---|---|---|
| + | | |
| | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



## କାର୍ଯ୍ୟଫର୍ଦ୍ଦ-୭.୪.୨- ମିଶାଣ କରିବା

**?** ଯୋଗ କର ।

| | | | |
|---|---|---|---|
| ୩୨ | ୧୭ | ୪୯ | ୪୩ |
| + ୧୫ | + ୩୨ | + ୩୨ | + ୪ |
| ______ | ______ | ______ | ______ |
| ୪୪ | ୫୩ | ୭ | ୩୨ |
| + ୯ | + ୮ | + ୫୧ | + ୪ |
| ______ | ______ | ______ | ______ |

**?** ଯୋଗ କର ।

| | | | |
|---|---|---|---|
| ୭୨ | ୫୭ | ୪୯ | ୪୩ |
| + ୧୯ | + ୩୩ | + ୪୪ | + ୪୮ |
| ______ | ______ | ______ | ______ |

**?** ସଂଖ୍ୟା ଦୁଇଟିର ମିଶାଣଫଳକୁ ଖାଲି କୋଠରିରେ ଲେଖ ।

କ) ୫୨ + ୧୩ = ☐

ଖ) ୪୭ + ୩୫ = ☐

ଗ) ୪୪ + ୩୦ = ☐

ଘ) ୬୮ + ୨୨ = ☐

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



## ଶିକ୍ଷଣ କାର୍ଯ୍ୟ - ୭.୫ ଦୈନନ୍ଦିନ ଜୀବନରେ ମିଶାଣର ପ୍ରୟୋଗ କରିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ୪ ଟି ଦଳରେ ପିଲାମାନେ ବସିବେ ।
- ଶିକ୍ଷକ ବହିରେ ଥିବା ପୃଷ୍ଠା ୫୧ ଓ ୫୨ ସମସ୍ୟାକୁ ଆଲୋଚନା କରିବେ ।
- ପ୍ରତ୍ୟେକ ଦଳର ପିଲାମାନେ ବହିର ପୃଷ୍ଠା ୫୩ ଠାରୁ ୫୮ ପର୍ଯ୍ୟନ୍ତ ଥିବା ସମସ୍ୟାଗୁଡ଼ିକୁ ନିଜ ମଧ୍ୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବେ ଓ ବ୍ୟକ୍ତିଗତ ରୂପେ ନିଜ ବହିର କାର୍ଯ୍ୟ କରିବେ ।
- ଶିକ୍ଷକ ନିମ୍ନ ସମସ୍ୟାକୁ ପୁର୍ନବାର ସମଗ୍ର ଶ୍ରେଣୀରେ ଆଲୋଚନା କରିବେ ।

ଗୋଟିଏ ବସ୍‌ରେ ୩୫ ଜଣ ପୁଅ ଓ ୩୭ ଜଣ ଝିଅ ବସି ମେଳା ଦେଖିବାକୁ ଗଲେ । ତେବେ ସେହି ବସ୍‌ରେ ସମୁଦାୟ କେତେ ଜଣ ପିଲା ବସିଥିଲେ ?

ବସ୍‌ରେ ବସିଥିବା ପୁଅଙ୍କ ସଂଖ୍ୟା = ☐

ବସ୍‌ରେ ବସିଥିବା ଝିଅଙ୍କ ସଂଖ୍ୟା = ☐

ବସ୍‌ରେ ବସିଥିବା ସମୁଦାୟ ପିଲାଙ୍କ ସଂଖ୍ୟା = ☐ + ☐

= ☐

- ପ୍ରତ୍ୟେକ ଦଳର ପିଲାମାନେ ବହିର ପୃଷ୍ଠା ୫୯ ଠାରୁ ୬୩ ପର୍ଯ୍ୟନ୍ତ ଥିବା ସମସ୍ୟାଗୁଡ଼ିକୁ ନିଜ ମଧ୍ୟରେ ଆଲୋଚନା କରି ସମସ୍ୟାର ସମାଧାନ କରିବେ ଓ ବ୍ୟକ୍ତିଗତ ରୂପେ ନିଜ ବହିର କାର୍ଯ୍ୟ କରିବେ ।
- ସମସ୍ୟାକୁ ସମାଧାନ କରିବା ପରେ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ପିଲାମାନେ ସଂଶୋଧନ କରିବେ ।
- କେତେଜଣ ପିଲାଙ୍କୁ କଳାପଟାରେ ସମାଧାନ କରିବାକୁ ଓ ତା'ର ସୋପାନଗୁଡ଼ିକୁ ବୁଝାଇବାକୁ କୁହାଯିବ ।

ରୋ.ନ. : ________ ନାମ : ________________________




# ଆକଳନ ଫର୍ଦ୍ଦ-୭

**ଶିକ୍ଷଣ ଫଳାଫଳ (L O) : (M-204) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାମାନଙ୍କର ଯୋଗ ସମ୍ବନ୍ଧୀୟ ସମସ୍ୟା ସମାଧାନ କରିବ ।**

? ତଳ ବାକ୍ସ ମଧ୍ୟରେ ଥିବା ସଂଖ୍ୟାମାନଙ୍କ ମଧ୍ୟରୁ କେଉଁ କେଉଁ ସଂଖ୍ୟାଗୁଡ଼ିକୁ ମିଶାଇଲେ ମିଶାଣଫଳ ୯୨ ହେଉଛି ଲେଖ । ତୁମେ ଯେତେ ଅଧିକ ପ୍ରକାରର ମିଶାଣ କରିପାରୁଛ କର ।

**୩୫, ୩୬, ୩୨, ୨୫, ୩୭, ୪୦, ୪୪, ୫୨, ୪୮, ୪୫, ୪୭, ୫୫, ୫୬, ୬୭, ୫୭ । ଯେପରି : ୫୬ + ୩୬ = ୯୨**

? ତଳେ ଥିବା ଚିତ୍ରର ମଝି ସଂଖ୍ୟା ସହିତ ପାଖ ସଂଖ୍ୟାକୁ ମିଶାଇ ଖାଲି ଘରେ ମିଶାଣ ଫଳ ଲେଖ ।




**ସମାଧାନ କର :**

ସୁଜାତା ପରୀକ୍ଷାରେ ଗଣିତରେ ୩୬, ସାହିତ୍ୟରେ ୩୪, ଓ ପରିବେଶ ପାଠରେ ୨୯ ନମ୍ବର ରଖିଛି ତେବେ ସେ ପରୀକ୍ଷାରେ ତିନୋଟି ବିଷୟରେ ମୋଟ୍ କେତେ ନମ୍ବର ରଖିଛି ?

ସୁଜାତା ଗଣିତରେ ରଖିଥିବା ନମ୍ବର = ........................

ସୁଜାତା ସାହିତ୍ୟରେ ରଖିଥିବା ନମ୍ବର = ........................

ସୁଜାତା ପରିବେଶ ପାଠରେ ରଖିଥିବା ନମ୍ବର = ........................

ସୁଜାତା ତିନୋଟି ବିଷୟରେ ରଖିଥିବା ମୋଟ୍ ନମ୍ବର = ............ + ............ + ...........

= ..............................

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୮ : ଫେଡ଼ାଣ କରିବା

## ଶିକ୍ଷଣ ଫଳାଫଳ (L O) : (M-205) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଫେଡ଼ାଣ ଆଧାରିତ ଦୈନନ୍ଦିନ ଜୀବନର ପରିସ୍ଥିତିକୁ ସମାଧାନ କରିବେ ।



### ଶିକ୍ଷଣ କାର୍ଯ୍ୟ - ୮.୧ ଗପ ଶୁଣିବା ଓ ଖେଳିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ମାଟି ଗୋଲି, ଖାଲି ଡ଼ବା, ସଂଖ୍ୟା କାର୍ଡ଼ ( ୧ ରୁ ୨୦ )

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପାଠ୍ୟ ପୁସ୍ତକର ପୃଷ୍ଠା ନଂ - ୬୪ରେ ଥିବା କାଉ ଓ ପେଚା ସମ୍ପର୍କିତ ଗପଟିକୁ ପିଲାମାନଙ୍କୁ 'U' ଆକୃତିରେ ବସାଇ କହିବେ ।
- ଗପଟି କହିସାରିବା ପରେ ଗୋଟିଏ ପିଲାକୁ ଟେବୁଲ ଉପରେ ଥିବା ଗୋଲି ମଧ୍ୟରୁ ୧୭ଟି ଗଣି ନେବାକୁ କହିବେ । ତା ପାଖରେ ୫ଟି ଗୋଲି ରଖି ଅବଶିଷ୍ଟ ଗୋଲିକୁ ଗୋଟିଏ ଖାଲି ଡବାରେ ପକାଇବା ପାଇଁ କହିବେ ।
- ବର୍ତ୍ତମାନ ଡବା ମଧ୍ୟରେ କେତେ ଗୋଟି ଗୋଲି ରହିଲା ପିଲାଟି ଗଣି କହିବ ।
- ଶିକ୍ଷକ ଏହାକୁ ସଂକ୍ଷେପଣ କରିବେ ।
- ଏହିପରି ଭାବେ ପ୍ରତ୍ୟେକ ପିଲା କାର୍ଯ୍ୟଟିକୁ କରିବେ ।
- ଏହାପରେ ଶିକ୍ଷକ ଅନ୍ୟ ସମସ୍ତ ପିଲାଙ୍କୁ ଯୋଡ଼ି ଯୋଡ଼ି ବସାଇ ପ୍ରତ୍ୟେକ ଯୋଡ଼ିକୁ ( ୧ ରୁ ୯ ) ସଂଖ୍ୟା କାର୍ଡ଼ ସେଟ୍ ଓ ( ୧୦ ରୁ ୨୦ ) ସଂଖ୍ୟା କାର୍ଡ଼ ସେଟ୍, କିଛି ଗୋଲି, ଖାଲି ଡବା ଦେବେ ।
- ଯୋଡ଼ି ମଧ୍ୟରୁ ଗୋଟିଏ ପିଲା ୧୦ ରୁ ୨୦ ମଧ୍ୟରେ ଥିବା ସଂଖ୍ୟା କାର୍ଡ଼ ମଧ୍ୟରୁ ଗୋଟିଏ ସଂଖ୍ୟା ବାହାର କରି ସେହି ସଂଖ୍ୟକ ଗୋଲି ଗଣି କାଢ଼ି ନିଜ ପାଖରେ ରଖିବ । ଅନ୍ୟ ପିଲାଟି ୧ ରୁ ୯ ମଧ୍ୟରେ ଥିବା ସଂଖ୍ୟା କାର୍ଡ଼ରୁ ଗୋଟିଏ ସଂଖ୍ୟା କାର୍ଡ଼ କାଢ଼ି ଦେଖାଇଲେ, ପ୍ରଥମ ପିଲାଟି ତାକୁ ସେତିକି ସଂଖ୍ୟକ ଗୋଡ଼ି, ରଖିଥିବା ଗୋଡ଼ିରୁ ଦେବ ।
- ବର୍ତ୍ତମାନ ପ୍ରଥମ ପିଲାଟି ନିଜ ପାଖରେ କେତୋଟି ଗୋଡ଼ି ରହିଲା କହିବ ।
- ଏହାପରେ ଶିକ୍ଷକ କଳାପଟାରେ ସ୍ଥାନୀୟମାନ ସାରଣୀ ଅଙ୍କନ କରାଇ ସେଥିରେ ଆଲୋଚିତ ସଂଖ୍ୟା ଲେଖିବାକୁ କହିବେ । ବିୟୋଗଫଳ ପିଲାମାନଙ୍କ ଦ୍ୱାରା ନିରୂପଣ କରାଯିବ ।

| | ଦଶକ | ଏକକ |
|---|---|---|
| | ୧ | ୪ |
| - | | ୨ |
| | | |

| | ଦଶକ | ଏକକ |
|---|---|---|
| | ୧ | ୭ |
| - | | ୩ |
| | | |



## ଶିକ୍ଷଣ କାର୍ଯ୍ୟ - ୮.୨ ଆସ ହିସାବ କରିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ସ୍ଥାନୀୟ ମାନ ପଟି, ୧୦ ଆଧାର ବିଶିଷ୍ଟ ବ୍ଲକ / ମାଟି ଗୋଲି / କାଠି

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପୃଷ୍ଠା ନଂ ୬୬ ଓ ୬୭ ରେ ଥିବା ଆମ୍ଭ ଓ ବୁଢ଼ୀ ମାଉସୀର କଦଳୀ ସମ୍ବନ୍ଧୀୟ ସମସ୍ୟାକୁ ଆଲୋଚନା କରିବା ପରେ ନିମ୍ନରେ ଥିବା ସମସ୍ୟାକୁ ପିଲାଙ୍କ ଦ୍ୱାରା କରାଇବେ ।


**ସୋପାନ - ୧ :** ସ୍ଥାନୀୟମାନ ପଟିରେ ୧୦ ଆଧାର ବିଶିଷ୍ଟ ବ୍ଲକ୍ ବ୍ୟବହାର କରି ଫେଡ଼ାଣ ।

୩୬ - ବଡ଼ ସଂଖ୍ୟା

୧୫ - ସାନ ସଂଖ୍ୟା

**ସୋପାନ - ୨ :**

ଏକକ ସ୍ଥାନରୁ ଫେଡ଼ିବା ଆରମ୍ଭ କରିବା ଓ ତା' ପରେ ଦଶକ ସ୍ଥାନକୁ ଯିବା




**ସୋପାନ - ୩ :**

ସାନ ସଂଖ୍ୟାକୁ ବାହାର କରି ନିଅନ୍ତୁ । (ସ୍ଥାନୀୟମାନ ପଟିରେ ବ୍ଲକ୍ ଗୁଡିକ ବିୟୋଗ ଫଳକୁ ସୂଚାଏ)

ପ୍ରକ୍ରିୟା :

| | ଦଶକ | ଏକକ |
|---|---|---|
| | ୩ | ୬ |
| - | ୧ | ୫ |
| | | ୧ |

→

| | ଦଶକ | ଏକକ |
|---|---|---|
| | ୩ | ୬ |
| - | ୧ | ୫ |
| | ୨ | ୧ |

ଆସ ଏଗୁଡ଼ିକ ସମାଧାନ କରିବା →

| | ଦଶକ | ଏକକ |
|---|---|---|
| | ୧ | ୪ |
| - | ୧ | ୨ |
| | | |

| | ଦଶକ | ଏକକ |
|---|---|---|
| | ୧ | ୯ |
| - | ୧ | ୩ |
| | | |



## ଶିକ୍ଷଣ କାର୍ଯ୍ୟ - ୮.୩ ଆସ ହିସାବ କରିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ଦଶଟି ଫୁଲରେ ହୋଇଥିବା ହାର, କିଛି ଖାଲି ଫୁଲ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକ ପୃଷ୍ଠା ୬୬ ରେ ଥିବା ''ବୁଢ଼ୀ ମାଉସୀର କଦଳୀ'' ପ୍ରସଙ୍ଗଟିକୁ ସମଗ୍ର ଶ୍ରେଣୀରେ ଆଲୋଚନା କରାଯାଇ ନିମ୍ନ ପ୍ରଶ୍ନଗୁଡ଼ିକୁ ପଚରାଯିବ ।
- ଗପଟିକୁ କହିସାରିବା ପରେ ତଳ ଲିଖିତ ପ୍ରଶ୍ନଗୁଡିକୁ ପଚାରିବେ ।

ଟୋକେଇରେ ଥିବା କଦଳୀ ସଂଖ୍ୟା କେତେ ?

ମାଙ୍କଡ଼ ନେଇଥିବା କଦଳୀ ସଂଖ୍ୟା କେତେ ?

୩୨ ର ଏକକ ସ୍ଥାନର ଅଙ୍କଟି କେତେ ?

୧୫ ର ଏକକ ସ୍ଥାନର ଅଙ୍କଟି କେତେ ?


ଏଠାରେ ୨ ଏକରୁ ୫ ଏକ ଫେଡ଼ାଣ କିପରି କରିବା ?

ଏହା ସହିତ ତଳେ ଦିଆଯାଇଥିବା ସୋପାନକୁ ଆଲୋଚନା କରାଯିବ ।

ଗୁଲି/କାଠି/ଚିତ୍ର ନେଇ ସୋପାନ ଗୁଡିକୁ ଆଲୋଚନା କରାଯାଇପାରେ ।

ବଡ଼ସଂଖ୍ୟା


୩୨ = ୩ ଦଶ ୨ ଏକ

| ଦଶକ | ଏକକ |
|---|---|
|  |  |

ଏଠାରେ ୧୦ଟି ଫୁଲରେ ଗୋଟିଏ ହାର କରାଯାଇଛି ଓ ୨ଟି ଫୁଲଅଛି । ଏଥିରୁ ୧୫ଟି ଫୁଲ କାଢ଼ିବାକୁ ପଡ଼ିବ । ୨ଟି ଫୁଲରୁ ୫ଟି ଫୁଲ କାଢ଼ି ଆଣି ହେବନାହିଁ । ତେଣୁ ଗୋଟିଏ ହାରକୁ ଖୋଲା ଯାଇଛି ।



**ବଡ଼ ସଂଖ୍ୟା**

୨ ଦଶ ୧୨ ଏକ ଥିଲା

| ଦଶକ | ଏକକ |
|---|---|
|  |  |



**ସାନ ସଂଖ୍ୟା**

୧ଦଶ ୫ ଏକ ଗଲା

| ଦଶକ | ଏକକ |
|---|---|
|  |  |

**ବିୟୋଗ ଫଳ**

୧ ଦଶ ୭ ଏକ ରହିଲା

| ଦଶକ | ଏକକ |
|---|---|
|  |  |

ଏହାପରେ ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ନଂ ୬୮ ରୁ ୭୩ ପର୍ଯ୍ୟନ୍ତ ଥିବା ସମସ୍ୟାଗୁଡ଼ିକୁ ବ୍ୟକ୍ତିଗତ ଭାବେ ସମାଧାନ କରି ନିଜ ନିଜ ମଧ୍ୟରେ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

ରୋ. ନ. : __________ ନାମ : ______________________________



# ଆକଳନ ଫର୍ଦ୍ଦ-୮

**ଶିକ୍ଷଣ ଫଳାଫଳ (L O) : (M-205) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଫେଡ଼ାଣ ଆଧାରିତ ଦୈନନ୍ଦିନ ଜୀବନର ପରିସ୍ଥିତିକୁ ସମାଧାନ କରିବ।**

## ? ଶୂନ୍ୟସ୍ଥାନ ପୂରଣ କର।

(କ) ୬୯ - ................ = ୩୮

(ଖ) ୭୪ - ୩୫ = ................

## ? ତଳେ ଦିଆଯାଇଥିବା ଗ୍ରୀଡ଼୍‌ରୁ ଅଙ୍କମାନଙ୍କୁ ନେଇ ଦୁଇ ଅଙ୍କ ବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଗଠନ କରି ବିୟୋଗ କର।

| | |
|---|---|
| ୫ | ୩ |
| ୬ | ୯ |

ବୃହତ୍ତମ ସଂଖ୍ୟା : ...............................

କ୍ଷୁଦ୍ରତମ ସଂଖ୍ୟା : ...............................

ବିୟୋଗ ଫଳ : ...............................

## ? ସମସ୍ୟା ସମାଧାନ କର।

**(କ)** ଜଣେ ମାଛବାଲା ପାଖରେ ୮୦ଟି ମାଛ ଥିଲା। ସେ ୩୫ଟି ମାଛ ବିକିବା ପରେ ତା' ପାଖରେ ଆଉ କେତୋଟି ମାଛ ରହିବ ?

ମାଛବାଲା ପାଖରେ ଥିବା ମାଛ ସଂଖ୍ୟା = ☐

ବିକାଯାଇଥିବା ମାଛ ସଂଖ୍ୟା = ☐

---

ତା ପାଖରେ ବଳକା ଥିବା ମାଛ ସଂଖ୍ୟା = ☐ - ☐ = ☐ ଟି ମାଛ

## ? ଶୂନ୍ୟସ୍ଥାନ ପୂରଣ କର।

(କ) ୧୦, ୮, ୬, ................, ................, ................

(ଖ) ୪୫, ୪୦, ୩୫, ................, ................, ................

(ଗ) ୮୦, ୭୦, ୬୦, ................, ................, ................

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୯ : ଶୁନ ଯୋଡ଼ିବା ଓ ଫେଡ଼ିବା

## ଶିକ୍ଷଣ ଫଳାଫଳ (L O) : (M-204, 205, 112) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଯୋଗ ଓ ବିୟୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ।

(କୌଣସି ସଂଖ୍ୟାରେ ୦ ଯୋଗ ବା ବିୟୋଗ କଲେ ସେହି ସଂଖ୍ୟା ହୁଏ ବୋଲି ଉଦାହରଣ ଦେଇ ବୁଝାଇବ)




### ଶିକ୍ଷଣ କାର୍ଯ୍ୟ - ୯.୧ ଆବାକସ୍‌ରେ ଖେଳିବା

**ଶିକ୍ଷଣ ସାମଗ୍ରୀ:** ଆବାକସ୍, ସୋଲ, ଖଡ଼ିକା, ମିଶାଣ ସମସ୍ୟା ଥିବା ସଂଖ୍ୟା କାର୍ଡ଼, ସଂଖ୍ୟା କାର୍ଡ଼, ମଝିରେ କଣା ଥିବା ମାଟି ଗୋଲି

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଯୋଡ଼ି ଯୋଡ଼ି ହୋଇ ବସାଯିବ।
- ପ୍ରତ୍ୟେକ ଯୋଡ଼ିଙ୍କୁ ସଂଖ୍ୟା କାର୍ଡ଼ ମିଶାଣ ସମସ୍ୟା ଥିବା କାର୍ଡ଼, ସୋଲ ଖଡ଼ିକା, ମଝିରେ କଣା ଥିବା ମାଟି ଗୋଲି ଦିଆଯିବ।
- ଯୋଡ଼ିରେ ଗୋଟିଏ ପିଲା ସଂଖ୍ୟା କାର୍ଡ଼ କାଢ଼ି ଦେଖାଇଲେ ଅନ୍ୟ ପିଲାଟି ସେହି ସଂଖ୍ୟାଟିକୁ ଆବାକସ୍ ରେ ସଜାଇବେ।
- ଗୋଟିଏ ଯୋଡ଼ି ମିଶାଣ ସମସ୍ୟା ଦେଖାଇଲେ ଅନ୍ୟ ଯୋଡ଼ିଟି ତାର ସେହି ସମସ୍ୟାର ସଂଖା ଦୁଇଟି ଅନୁଯାୟୀ ଗୋଲିକୁ ଆବାକସ୍‌ରେ ସଜାଇବେ ଏବଂ ମିଶାଣ ଫଳଟିକୁ ଚଟାଣରେ ଲେଖିବ।
- ଏହି କାର୍ଯ୍ୟଟିକୁ ଅଦଳବଦଳ କରି କରିବେ।

**ତଳେ ଥିବା ସଂଖ୍ୟାକୁ ଆବାକସ୍‌ରେ ଗୋଲ କରି ସଜାଅ।**






ଏହାପରେ ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ୭୬ର କାର୍ଯ୍ୟ ସହିତ କାର୍ଯ୍ୟଫର୍ଦ୍ଦ ୯.୧.୧ ରେ ଥିବା ସମସ୍ୟାକୁ ଦଳଗତ ଭାବେ ସମାଧାନ କରିବେ ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତିକା ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।





# କାର୍ଯ୍ୟଫର୍ଦ୍ଦ-୯.୧.୧- ମତେ ଯୋଡ଼


? କେଉଁ ମାଛର କେଉଁ ମୁଣ୍ଡ ହେବ ତାକୁ ଗାର ଟାଣି ଯୋଡ଼ ।





















ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ଶିକ୍ଷଣ କାର୍ଯ୍ୟ - ୯.୨ ଲୁଡୁ ଖେଳ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଦୁଇ ଦୁଇ ଜଣରେ ବସା ଯାଇ ପାଠ୍ୟ ପୁସ୍ତକରେ ଥିବା ଲୁଡୁ ଖେଳ କାର୍ଯ୍ୟଟି କରାଯିବ ।
- ଲୁଡୁ ଖେଳ ପରେ ୭୮ ପୃଷ୍ଠାରେ ଥିବା କାର୍ଯ୍ୟର ଆଲୋଚନା କରାଯାଇ ଯୋଗ ବିୟୋଗ ସମ୍ପର୍କିତ ୨/୩ଟି ଉକ୍ତି ପିଲାମାନେ ତଳ କୋଠରୀରେ ଲେଖିବେ ।

## ଶିକ୍ଷଣ କାର୍ଯ୍ୟ - ୯.୩ ଟୋପି ଗପ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ''U'' ଆକୃତିରେ ବସାଇ ପାଠ୍ୟ ପୁସ୍ତକର ୭୯ ରେ ଥିବା **'ମାଙ୍କଡ଼ ଟୋପି ଗପ'** କହିବେ ।
- ଗପଟିକୁ କହିବା ସମୟରେ ଗପକୁ ଆଗକୁ ବଢ଼ାଇ ନେବାକୁ ପିଲାମାନଙ୍କୁ କହିବେ ।
- ଗପଟି ଶେଷ ହେବା ପରେ ତଳ ଲିଖିତ ପ୍ରଶ୍ନଗୁଡ଼ିକୁ ପଚରାଯିବ ।

୧. ବ୍ୟାଗରେ ମୋଟ୍ କେତୋଟି ଟୋପି ଥିଲା ? ☐

୨. ମାଙ୍କଡ଼ମାନେ କେତୋଟି ଟୋପି ନେଇଗଲେ ? ☐

୩. ମାଙ୍କଡ଼ମାନେ କେତୋଟି ଟୋପି ଫୋପାଡ଼ି ଦେଲେ ? ☐

୪. ମାଙ୍କଡ଼ମାନେ ନେଇଥିବା ଟୋପିର ସଂଖ୍ୟା ଓ ଫୋପାଡ଼ି ଦେଇଥିବା ଟୋପିଠାରୁ କେତେ ଅଧିକ ?
(ଗାଣିତିକ ପ୍ରକ୍ରିୟା ସହ ଲେଖ)

ଏହାପରେ ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ୮୦ ରୁ ୮୩ ପର୍ଯ୍ୟନ୍ତ କାର୍ଯ୍ୟ ସହିତ ଆକଳନ ଫର୍ଦ୍ଦକୁ ସମାଧାନ କରିବେ ଓ ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

ରୋ. ନ. : ________ ନାମ : ________________



# ଆକଳନ ଫର୍ଦ୍ଦ-୯

ଶିକ୍ଷଣ ଫଳାଫଳ (L O) : (M-204, 205, 112) ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ଯୋଗ ଓ ବିୟୋଗ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ। (କୌଣସି ସଂଖ୍ୟାରେ ୦ ଯୋଗ ବା ବିୟୋଗ କଲେ ସେହି ସଂଖ୍ୟା ହୁଏ ବୋଲି ଉଦାହରଣ ଦେଇ ବୁଝାଇବ)

**?** ଶୂନ୍ୟସ୍ଥାନ ପୂରଣ କର ।


୫ - .............. = ୫

୫୦ + ୩୮ = ..............


୨୪ - ୧୦ = ..............

ଆବାକସ୍‌ରେ ଗୋଲ୍ ଚିତ୍ର କରି ଯୋଗଫଳକୁ ଦର୍ଶାଅ ।

(କ)





(ଖ)





ଆବାକସ୍‌ରେ ଗୋଲ୍ ଚିତ୍ର କରି ବିୟୋଗଫଳକୁ ଦର୍ଶାଅ ।

(କ)




(ଖ)




**ସମାଧାନ କର:**

ଯୋଶେଫ ପାଖରେ ୨୫ ଟଙ୍କା ଥିଲା। ସେ ୧୦ ଟଙ୍କା ଦେଇ ଖାତାଟିଏ କିଣିଲା। ତେବେ ତା' ପାଖରେ ଆଉ କେତେ ଟଙ୍କା ରହିଲା ?

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

## ପାଠ - ୧୦ : ମିଶାଇବା ବଦଳରେ ଗୁଣିବା

**ଶିକ୍ଷଣ ଫଳାଫଳ (L O) : (M-.304) ୨, ୩, .... ୧୦ ପର୍ଯ୍ୟନ୍ତ ଗୁଣନ ଖନ୍ଦାକୁ ପ୍ରସ୍ତୁତ କରି ବ୍ୟବହାର କରିବ। ଦୈନନ୍ଦିନ ପରିସ୍ଥିତିରେ ତା'ର ବ୍ୟବହାର କରିବ।**



### ଶିକ୍ଷଣ କାର୍ଯ୍ୟ - ୧୦.୧ ଆସ ଫୁଲ ଦାନୀ ସଜାଇବା

**ଶିକ୍ଷଣ ସାମଗ୍ରୀ:** ଅଠା, ସୂତା, ଫୁଲ, କାଗଜ ତିଆରି ଫୁଲଦାନୀ, ନଡିଆ ଖଡ଼ିକା, ଗାନ୍ଧିଜୀଙ୍କ ଫଟୋ

**କାର୍ଯ୍ୟ କରିବାର ସୂଚନା :**


- ପିଲାମାନଙ୍କୁ ୪ ଜଣରେ ଗୋଟିଏ ଲେଖାଏଁ ଦଳ କରାଯିବ।
- ପ୍ରତ୍ୟେକ ଦଳକୁ ୭ଟି ଲେଖାଁଏ ଫୁଲ, ଗୋଟିଏ ଫୁଲଦାନୀ, ନଡିଆ ଖଡ଼ିକା, ସୂତା ଓ ଅଠା ଦିଆଯିବ।
- ପିଲାମାନଙ୍କୁ ଫୁଲଦାନୀରେ ଫୁଲ ସଜାଇବାକୁ କୁହାଯିବ।
- ଫୁଲଦାନୀ ସଜାଇଲା ପରେ ପ୍ରତ୍ୟେକ ଦଳ ଫୁଲଦାନୀକୁ ଆଣି ଗାନ୍ଧିଜୀଙ୍କ ଫଟୋ ପାଖରେ ରଖିବେ।
- ଗାନ୍ଧିଜୀଙ୍କ ଫଟୋ ସହିତ ଫୁଲଦାନୀ (ପୃଷ୍ଠା ନଂ - ୮୪ ରେ ଥିବା ପରି) ପିଲାମାନେ ଶିକ୍ଷକଙ୍କ ସହାୟତାରେ ସଜାଇ ରଖିବେ ଓ ଶିକ୍ଷକ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକୁ ପଚାରିବେ।

ମହାତ୍ମା ଗାନ୍ଧିଙ୍କୁ ଦିଆଯାଇଥିବା ହାରରେ କେତୋଟି ଫୁଲ ଅଛି ?

୧ମ ଓ ୨ୟ ଫୁଲଦାନୀରେ କେତୋଟି ଲେଖାଏଁ ଫୁଲ ଅଛି ?

(ଏହିପରି ପ୍ରତ୍ୟେକ ଦଳ ପ୍ରସ୍ତୁତ କରିଥିବା ଫୁଲଦାନୀରେ କେତୋଟି ଫୁଲ ଅଛି କହିବେ)

ସୂଚନା : ଏକ ପ୍ରକାର ଏକାଧିକ ଜିନିଷକୁ ନେଇ ଦଳ ଗଠନ କରାଯାଏ ବୋଲି ଶିକ୍ଷକ ସୂଚନା ଦେବେ। ଫୁଲ/କାଠି, ନଟ୍ଟୁ, କଲମ ଆଦି ନେଇ ଦଳର ଧାରଣା ଦିଆଯିବ।



### ଶିକ୍ଷଣ କାର୍ଯ୍ୟ - ୧୦.୨ ଆସ ଦଳ କରିବା

**ଶିକ୍ଷଣ ସାମଗ୍ରୀ:** ଗୋଡ଼ି, କାଠି, ମଞ୍ଜି, ବୋତାମ, ଫୁଲ, ଚାବିକାଠି

**କାର୍ଯ୍ୟ କରିବାର ସୂଚନା :**


- ପିଲାମାନଙ୍କ ୫ ଜଣରେ ଗୋଟିଏ ଲେଖାଏଁ ଦଳ କରାଯାଇ ○ ଆକୃତିରେ ବସାଇ ପ୍ରତ୍ୟେକ ଦଳକୁ ଗୋଡ଼ି, କାଠି, ମଞ୍ଜି, ଫୁଲ, ଚାବିକାଠି ଥିବା ମୁଣି ଦିଆଯିବ।
- ମୁଣିରେ ଥିବା ସାମଗ୍ରୀକୁ ପିଲାମାନେ ଦଳରେ ପୃଥକ ପୃଥକ କରି ରଖି ଗଣିବେ ତା ପାର୍ଶ୍ୱରେ କେତୋଟି ଅଛି ଲେଖିବାକୁ କୁହାଯିବ।
- ପ୍ରତି ଦଳକୁ ଗୋଟିଏ ଗୋଟିଏ ପ୍ରକାର ସାମଗ୍ରୀକୁ ଅନ୍ୟ ଦଳ ଠାରୁ ସଂଗ୍ରହ କରି ଆଣିବାକୁ କହିବେ।
- ପ୍ରତ୍ୟେକ ଦଳ ସେମାନଙ୍କ ସାମଗ୍ରୀକୁ ଧାଡ଼ିରେ ସଜାଇ ରଖିବେ। ମନେକର ୧୬ଟି ମଞ୍ଜିକୁ ପ୍ରତ୍ୟେକ ଧାଡ଼ିରେ ଦୁଇଟି, ଚାରୋଟି ଓ ଆଠଟି ଲେଖାଏଁ କରି ସଜାଇ ପ୍ରତ୍ୟେକ ପରିସ୍ଥିତିରେ କେତେ ଧାଡ଼ି ହେଉଛି ଲେଖିବେ।




## କାର୍ଯ୍ୟଫର୍ଦ୍ଦ-୧୦.୨.୧- ଆସ ସଜାଇ ଦଳ ଗଠନ କରିବା

ଉଦାହରଣ ଦେଖି ସୂଚନା ଅନୁସାରେ ଦଳ ଗଠନ କରି ସଜାଅ ।

ଯେପରି :




ତିନିଗୋଟି ଲେଖାଏଁ ମାଛ ନେଇ ଦଳ ଗଠନ କର ।






ଚାରୋଟି ଲେଖାଏଁ ବଲ୍‌କୁ ନେଇ ଦଳ ଗଠନ କର ।



ପାଞ୍ଚୋଟି ଲେଖାଏଁ ଫୁଲକୁ ନେଇ ଦଳ ଗଠନ କର ।



ଛଅଟି ଲେଖାଏଁ ଟମାଟୋକୁ ନେଇ ଦଳ ଗଠନ କର ।



ସାତୋଟି ଲେଖାଏଁ କମଳାକୁ ନେଇ ଦଳ ଗଠନ କର ।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



## ଶିକ୍ଷଣ କାର୍ଯ୍ୟ - ୧୦.୩ ଆସ ମିଶାଇ ମିଶାଇ ଗୁଣନ ଶିଖିବା

**ଶିକ୍ଷଣ ସାମଗ୍ରୀ:** ୧ ରୁ ୧୦ ଲେଖା ଥିବା ସଂଖ୍ୟା କାର୍ଡ଼

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯିବ।
- ଚଟାଣ ଉପରେ ୨୦ଟି ଘର ବିଶିଷ୍ଟ ଘର ଅଙ୍କନ କରାଯିବ।
- ପ୍ରତ୍ୟେକ ଦଳକୁ ୧ ରୁ ୧୦ ଲେଖାଥିବା ସଂଖ୍ୟା କାର୍ଡ ଦିଆଯିବ।
- ସୂଚନା : ଗୋଟିଏ ଦଳ ସଂଖ୍ୟାକାର୍ଡ ଦେଖାଇଲେ ଅନ୍ୟ ଦଳଟି ସଂଖ୍ୟାକାର୍ଡରେ ଯେଉଁ ସଂଖ୍ୟାଟି ଲେଖାଥିବ ପ୍ରତି ଥରରେ ୨ଘର କରି ସେତିକି ଥର ଡେଇଁବ। ଶେଷରେ କେତୋଟି ଘର ଡ଼େଇଁଲା କହିବ। ଖେଳଟି ଅଦଳ ବଦଳ ହୋଇ ଚାଲୁ ରହିବ।
- ଖେଳ ଚାଲୁଥିବା ସମୟରେ ଶିକ୍ଷକ କଳାପଟାରେ ନିମ୍ନପ୍ରକାର ଲେଖୁଥିବେ। ବାରମ୍ୱାର ଆସୁଥିବା ସଂଖ୍ୟା କଳାପଟାରେ ଲେଖାଯିବ ନାହିଁ।
- ମନେକର ସଂଖ୍ୟା କାର୍ଡରେ ଥିବା ସଂଖ୍ୟା ୩ ହେଲେ : ୨+୨+୨=୨ x ୩ = ୬
- ଏହାପରେ ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ନଂ ୮୫ ରୁ ୮୯ ପର୍ଯ୍ୟନ୍ତ ଥିବା କାର୍ଯ୍ୟଗୁଡ଼ିକୁ ବ୍ୟକ୍ତିଗତ ଭାବେ ନିଜ ନିଜ ପୁସ୍ତକରେ କରିବେ ଓ ବହି ଅଦଳବଦଳ କରି, ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।



## ଶିକ୍ଷଣ କାର୍ଯ୍ୟ - ୧୦.୪ ପ୍ରଶ୍ନ ମୋର ଉତ୍ତର ତୁମର

**ଶିକ୍ଷଣ ସାମଗ୍ରୀ:** ଗୁଣନ ସମ୍ବନ୍ଧୀୟ ସମସ୍ୟା କାର୍ଡ଼

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯିବ।
- ଗୋଟିଏ ଦଳ ସମସ୍ୟା କାର୍ଡ଼କୁ ଦେଖାଇଲେ ଅନ୍ୟ ଦଳଟି ପ୍ରଶ୍ନ ପଢ଼ିବ, ଉତ୍ତର କହିବ ଓ କଳାପଟାରେ ଲେଖିବ।
- ମନେକର ସମସ୍ୟା :

| ପ୍ରଥମ ଦଳ ଦେଖାଇଥିବା ସମସ୍ୟା | ଦ୍ୱିତୀୟ ଦଳ କଳାପଟାରେ ଲେଖିଥିବା ଉତ୍ତର |
|---|---|
| ଛଅଟି ଗାଈର କେତୋଟି ଗୋଡ଼ ? | ଗୋଟିଏ ଗାଈର ଗୋଡ଼ ସଂଖ୍ୟା = ୪ଟି<br>ଛଅଟି ଗାଈର ଗୋଡ଼ ସଂଖ୍ୟା = ୪ x ୬ = ୨୪ଟି |

- ଏହାପରେ ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ନଂ ୯୦ ରୁ ୯୪ ପର୍ଯ୍ୟନ୍ତ ଥିବା ସମସ୍ୟାଗୁଡ଼ିକୁ ଦଳଗତ ଭାବେ ସମାଧାନ କରି ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ।

କ୍ର.ନ. : ____________ ନାମ : ______________________________



# ଆକଳନ ଫର୍ଦ୍ଦ-୧୦

ଶିକ୍ଷଣ ଫଳାଫଳ (L O) : (M-304) ୨, ୩, .... ୧୦ ପର୍ଯ୍ୟନ୍ତ ଗୁଣନ ଖନ୍ଦାକୁ ପ୍ରସ୍ତୁତ କରି ବ୍ୟବହାର କରିବ।ଦୈନନ୍ଦିନ ପରିସ୍ଥିତିରେ ତା'ର ବ୍ୟବହାର କରିବ।

**?** ''କ'' ସ୍ତମ୍ଭର ଗୁଣଫଳର ମୂଲ୍ୟ ସହିତ ସମାନ 'ଖ' ସ୍ତମ୍ଭର ସମସ୍ୟାକୁ ଗାର ଦେଇ ଯୋଡ଼।


| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୨ X ୮ | ୫+୫+୫+୫+୫ |
| ୪ X ୫ | ୨+୨+୨+୨+୨+୨+୨+୨ |
| ୩ X ୬ | ୫+୫+୫+୫ |
| ୫ X ୪ | ୩+୩+୩+୩+୩+୩ |
| | ୪+୪+୪+୪+୪ |


**?** ଖାଲି ଘର ପୂରଣ କର।

(କ)


| | | | | | | | | | |
|---|---|---|---|---|---|---|---|---|---|
| ୫ | ୧୦ | | ୨୦ | ୨୫ | | ୩୫ | | ୪୫ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୫ | ୫ | ୫ | ୫ | ୫ | ୫ | ୫ | ୫ | ୫ | ୫ |

(ଖ) ପାର୍ଶ୍ୱସ୍ଥ ଚିତ୍ର ତଳେ ଥିବା ମୂଲ୍ୟକୁ ଦେଖି ଖାଲି ଘର ପୂରଣ କର।


୩ ଟଙ୍କା


୪ ଟଙ୍କା


୧୦ ଟଙ୍କା


୨ ଟଙ୍କା

| | | ଗୁଣନ ପ୍ରକ୍ରିୟା ଲେଖ | | ଗୁଣଫଳ ଲେଖ | |
|---|---|---|---|---|---|
| ୪ ଟି ଆତର ଦାମ୍ | = | | = | | ଟଙ୍କା |
| ୩ଟି ଅମୃତଭଣ୍ଡାର ଦାମ୍ | = | | = | | ଟଙ୍କା |
| ୨ଟି ତରଭୁଜର ଦାମ୍ | = | | = | | ଟଙ୍କା |
| ୭ଟି ପିଜୁଳିର ଦାମ୍ | = | | = | | ଟଙ୍କା |

(ଗ) ଗୋଟିଏ ଶ୍ରେଣୀର ପିଲାମାନେ ଡ୍ରିଲ୍ କରିବା ପାଇଁ ଠିଆ ହୋଇଛନ୍ତି। ପ୍ରତି ଧାଡ଼ିରେ ୩ ଜଣ ଲେଖାଏଁ ଛିଡ଼ା ହେଲେ, ୮ଟି ଧାଡ଼ିରେ କେତେ ଜଣ ପିଲା ଠିଆ ହେବେ ?

ଗୋଟିଏ ଧାଡ଼ିର ପିଲା ସଂଖ୍ୟା = [ ]

୮ଟି ଧାଡ଼ିର ପିଲା ସଂଖ୍ୟା = [ ] X [ ] = [ ]

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୧ : ସମାନ ଭାଗରେ ବାଣ୍ଟିବା

## ଶିକ୍ଷଣ ଫଳାଫଳ (L O) : (M-306) ସମାନ ଦଳରେ ଭାଗକରି / ସମୂହ ସୃଷ୍ଟିକରି ହରଣର ଅର୍ଥ ବୁଝିବ ।

### ଶିକ୍ଷଣ କାର୍ଯ୍ୟ - ୧୧.୧ ଆବୃତ୍ତି ସହ ଅଭିନୟ

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ 'U' ଆକୃତିରେ ଠିଆ କରାଇ ''ସମାନ ଭାଗରେ ବାଣ୍ଟିବା'' ଗୀତଟିକୁ ଅଭିନୟ ସହ ଆବୃତ୍ତି କରିବେ ।
- ଶିକ୍ଷାର୍ଥୀ ମାନେ ମଧ୍ୟ ଶିକ୍ଷକଙ୍କ ସହିତ ଅଭିନୟ ସହ ଗୀତଟିକୁ ଆବୃତ୍ତି କରିବେ ଓ ଆବୃତ୍ତି କରିବା ସମୟରେ ଶିକ୍ଷକ ଛୋଟ ଛୋଟ ପ୍ରଶ୍ନ ପଚାରୁଥିବେ ।

(ପାଠ୍ୟ ପୁସ୍ତକ ପୃ-୯୭ ରେ ଥିବା ପ୍ରଶ୍ନ ସହିତ ମନରୁ ମଧ୍ୟ ପ୍ରଶ୍ନ ପଚାରିବେ)

ପ୍ରଶ୍ନ : ମାଙ୍କଡ କେଉଁଠି ବସିଥିଲା ?

ପ୍ରଶ୍ନ : ଠେକୁଆମାନଙ୍କ ମଧ୍ୟରେ କାହିଁକି କଳି ହେଉଥିଲା ?

ପ୍ରଶ୍ନ : ଗଛ ଡାଳରୁ କିଏ ଓହଳି ଥିଲା ?

ପ୍ରଶ୍ନ : ଠେକୁଆମାନେ କିପରି କୋଳିଗୁଡ଼ିକୁ ବାଣ୍ଟିଲେ କହ ଓ ଚିତ୍ର କରି ଦେଖାଅ ?

### ଶିକ୍ଷଣ କାର୍ଯ୍ୟ - ୧୧.୨ ଆବୃତି ସହ ଅଭିନୟ

**ଶିକ୍ଷଣ ସାମଗ୍ରୀ:** କାଚ / ମାଟି ଗୋଲି


**କାର୍ଯ୍ୟ କରିବାର ସୂଚନା :**

- ଶ୍ରେଣୀର ସବୁପିଲାଙ୍କୁ ୩/୪ଟି ଦଳରେ ଭାଗ କରାଯିବ ।
- ପ୍ରତ୍ୟେକ ଦଳକୁ ୨୦ଟି ଲେଖାଏଁ ମାଟି / କାଚ ଗୋଲି ଦେଇ ସମାନ ୫ ଭାଗ କରିବାକୁ କୁହାଯିବ ।
- ଯେତେ ଭାଗ କରିବାକୁ କୁହାଯିବ, ପିଲାମାନେ ସେତେଗୋଟି ଗୋଲାକୃତି ଘର ଚଟାଣରେ ଚକ୍ ଖଡ଼ିରେ ଅଙ୍କନ କରିବେ ।
- ଗୋଲ୍ ମଧ୍ୟରେ ଗୋଟିଏ ଗୋଟିଏ କରି ଗୋଲି ଥୋଇବାକୁ କୁହାଯିବ ଓ ନିମ୍ନ ପ୍ରଶ୍ନ ମାନ ପଚାରି ସଂକ୍ଷେପଣ କରାଯିବ ।
- କେତେ ଗୋଟି ଗୋଲିକୁ ବାଣ୍ଟିବାକୁ କୁହାଯାଇଛି ଓ କେତେ ଭାଗରେ ବଣ୍ଟାଗଲା ?
- ପ୍ରତି ଭାଗରେ କେତୋଟି ଗୋଲି ରହିଲା ?
- ଏହିପରି ପର୍ଯ୍ୟାୟ କ୍ରମେ ୧୦ଟି, ୨ଟି, ୪ଟି ଘର ଚଟାଣରେ ଚକ୍ ଖଡ଼ିରେ ଅଙ୍କନ କରି ଗୋଲି ବାଣ୍ଟିବାକୁ କୁହାଯିବ ଓ ସଂକ୍ଷେପଣ କରାଯିବ ।
- ପାଠ୍ୟ ପୁସ୍ତକ ପୃଷ୍ଠା ନଂ ୯୮ ଓ ୯୯କୁ ଆଲୋଚନା କରିବା ପରେ ପୃଷ୍ଠା ୧୦୦ ଓ ୧୦୧କୁ ଶିକ୍ଷାର୍ଥୀମାନେ ନିଜ ନିଜ ପୁସ୍ତକରେ କରିବେ ଓ ପୁସ୍ତକ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



# କାର୍ଯ୍ୟଫର୍ଦ୍ଦ-୧୧.୨.୧- ଆସ ସମାନ ଭାଗରେ ବାଣ୍ଟିବା

? ଉଦାହରଣ ଦେଖି ଶୂନ୍ୟସ୍ଥାନ ପୂରଣ କର ।

| | | |
|---|---|---|
|  | ୨ଟି ଲେଖାଏଁ ପାଖୁଡ଼ା ନେଇ ଗୋଟିଏ ଫୁଲ | ...୬... ଟି ଫୁଲ ହେବ |
|  | ୩ଟି ଲେଖାଏଁ ବଲ୍‌କୁ ନେଇ ଗୋଟିଏ ଗୋଲ୍ | ............. ଟି ଗୋଲ୍ ହେବ |
|  | ୫ଟି ଲେଖାଏଁ ମହମବତୀକୁ ନେଇ ଗୋଟିଏ ବିଡ଼ା | ............... ଟି ବିଡ଼ା ହେବ |
|  | ୭ଟି ଲେଖାଏଁ ଚାବିକାଠିରେ ଗୋଟିଏ ପେନ୍ଥା | ............... ଟି ପେନ୍ଥା ହେବ |
|  | ୪ଟି ଲେଖାଏଁ ଟୋପିରେ ଗୋଟିଏ ଥାକ କଲେ | ............... ଟି ଥାକ ହେବ |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

ରୋ. ନ. : __________



ନାମ : ______________________________



# ଆକଳନ ଫର୍ଦ୍ଦ-୧୧

ଶିକ୍ଷଣ ଫଳାଫଳ (L O) : (M-306) ସମାନ ଦଳରେ ଭାଗକରି / ସମୂହ ସୃଷ୍ଟିକରି ହରଣର ଅର୍ଥ ବୁଝିବ।

## ? ଖାଲି ଘର ପୂରଣ କର।

| | | |
|---|---|---|
|  | ୩ଟି ଲେଖାଏଁ ଫୁଲକୁ ଗୋଟିଏ ଫୁଲ ଦାନୀରେ ରଖିଲେ | ............ ଟି ଫୁଲ ଦାନୀରେ ସଜା ହୋଇ ............ ଟି ଫୁଲ ବଳିବ। |
|  | ୫ଟି ଲେଖାଏଁ କଲମକୁ ନେଇ ଗୋଟିଏ ବିଡ଼ା କଲେ | ............ ଟି ବିଡ଼ା ହୋଇ ............ ଟି କଲମ ବଳି ପଡ଼ିବ। |
|  | ୭ଟି ଲେଖାଏଁ ପତ୍ରକୁ ନେଇ ଗୋଟିଏ ବିଡ଼ା କଲେ | ............ ଟି ବିଡ଼ା ହୋଇ ............ ଟି ପତ୍ର ବଳି ପଡ଼ିବ। |

## ? ଶୂନ୍ୟସ୍ଥାନ ପୂରଣ କର।

(କ) ୨୮ଟି ଆମ୍ବକୁ ୪ଟି ଝୁଡ଼ିରେ ସମାନ ସଂଖ୍ୟାକ ରଖାଗଲେ, ପ୍ରତି ଝୁଡ଼ିରେ ...................... ଟି ଆମ୍ବ ରହିବ ଓ .................... ଟି ଆମ୍ବ ବଳି ପଡ଼ିବ।

(ଖ) ୨୧ ଟି ବିସ୍କୁଟ୍‌କୁ ୪ଟି ପ୍ଲେଟ୍‌ରେ ସମାନ ସଂଖ୍ୟାକ ରଖାଗଲେ ପ୍ରତି ପ୍ଲେଟ୍‌ରେ ................ ଟି ବିସ୍କୁଟ ରହିବ ଓ ..................ଟି ବିସ୍କୁଟ୍ ବଳି ପଡ଼ିବ।

(ଗ) ୫ଟି ଚକୋଲେଟ୍‌ର ଦାମ୍ ୨୦ଟଙ୍କା ହେଲେ, ଗୋଟିଏ ଚକୋଲେଟ୍‌ର ଦାମ .................. ଟଙ୍କା ?

(ଘ) ରୀମା ୨୪ଟି ବହିକୁ ୮ଟି ଥାକରେ ସମାନ ସଂଖ୍ୟରେ ସଜାଡ଼ି ରଖିଲା, ତେବେ ସେ ଗୋଟିଏ ଥାକରେ ................ ଟି ବହି ରଖିଲା।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୨ : ଟଙ୍କା ପଇସା ଦିଆ ନିଆ କରିବା

**ଶିକ୍ଷଣ ଫଳାଫଳ (L O) : (M-206)** ୩/୪ଟି ନୋଟ୍ ମୁଦ୍ରା ବ୍ୟବହାର କରି (ସମାନ ବା ଭିନ୍ନ ମୂଲ୍ୟର) ୧୦୦ ଟଙ୍କା ମଧ୍ୟରେ ଯେ କୌଣସି ପରିମାଣକୁ ଉପସ୍ଥାପନ କରିବ ।



## ଶିକ୍ଷଣ କାର୍ଯ୍ୟ - ୧୨.୧ ମୁଦ୍ରା / ନୋଟ୍ ଚିହ୍ନିବା

**ଶିକ୍ଷଣ ସାମଗ୍ରୀ:** ପ୍ରକୃତ ମୁଦ୍ରା (୫୦ ପଇସା, ୧ ଟଙ୍କା, ୨ଟଙ୍କା, ୫ଟଙ୍କା ଓ ୧୦ ଟଙ୍କା) ଓ ନୋଟ୍ (୧ ଟଙ୍କା ଓ ୨ଟଙ୍କା, ୫ଟଙ୍କା, ୧୦ ଟଙ୍କା, ୨୦ ଟଙ୍କା, ୫୦ ଟଙ୍କା, ୧୦୦ ଟଙ୍କା), ପାଠ୍ୟ ପୁସ୍ତକ ।

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୦୨ ରେ ଥିବା ଗପକୁ ସମଗ୍ର ଶ୍ରେଣୀରେ ପିଲାଙ୍କୁ ''U'' ଆକୃତିରେ ବସାଇ କୁହାଯିବ । ପୁସ୍ତକରେ ଥିବା ଗଳ୍ପ ଆଧାରିତ ପ୍ରଶ୍ନଗୁଡ଼ିକୁ ପଚରାଯିବ ।
- ପ୍ରକୃତ ନୋଟ୍ / ମୁଦ୍ରା ନେଇ ପିଲାମାନଙ୍କୁ ଦେଖାଇ ନୋଟ୍ / ମୁଦ୍ରାର ଆକାର, ରଙ୍ଗ ଓ ପରିମାଣ ସମ୍ପର୍କରେ ଆଲୋଚନା କରାଯାଇ ନିମ୍ନ ପ୍ରଶ୍ନ ଗୁଡିକର ଉତ୍ତର ପିଲାମାନେ ଲେଖିବେ ।

୧୦ ଟଙ୍କିଆ ଓ ୨୦ ଟଙ୍କିଆ ନୋଟ୍ ମଧ୍ୟରେ ...................................... ନୋଟ୍‌ର ଅକାର ବଡ଼
ପାଞ୍ଚ ଟଙ୍କିଆ ନୋଟ୍‌ର ରଙ୍ଗ ....................................................

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୦୩ ରେ ଥିବା (ଅଜା ପକେଟରୁ କେତେ ନୋଟ ବାହାର କରି ଚିହ୍ନାଇଲେ । ଆସ ସେ ସବୁକୁ ଚିହ୍ନିବା) କାର୍ଯ୍ୟ ବ୍ୟକ୍ତିଗତ ଭାବେ ନିଜ ପୁସ୍ତକରେ କରିବେ ।
- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



## ଶିକ୍ଷଣ କାର୍ଯ୍ୟ - ୧୨.୨ ଟଙ୍କାର ବଦଳ ମୂଲ୍ୟ

**ଶିକ୍ଷଣ ସାମଗ୍ରୀ:** (ନକଲି ମୁଦ୍ରା - ୨୫ ପଇସା, ୫୦ ପଇସା, ୧ ଟଙ୍କା, ୨ ଟଙ୍କା, ୫ଟଙ୍କା ଓ ୧୦ ଟଙ୍କା ମୁଦ୍ରା ଓ ନୋଟ ୧ ଟଙ୍କା, ୨ଟଙ୍କା, ୫ଟଙ୍କା, ୧୦ଟଙ୍କା, ୨୦ଟଙ୍କା, ୫୦ଟଙ୍କା ଓ ୧୦୦ ଟଙ୍କା) ପାଠ୍ୟ ପୁସ୍ତକ, ସଂଖ୍ୟା ଡ଼ାଇସ୍, ସାରଣୀ

**କାର୍ଯ୍ୟ କରିବାର ସୂଚନା :**

- ୪ ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ । ୨ ଜଣ ମୁହାଁମୁହିଁ ବସିବେ ।
- ପ୍ରତ୍ୟେକ ଦଳରେ ଖେଳଣା ମୁଦ୍ରା ଓ ୨ଟି ଲେଖାଏଁ ଡାଇସ୍ ଦିଆଯିବ ।

- ପ୍ରତ୍ୟେକ ଦଳରୁ ଜଣେ ପିଲା ଡାଇସ୍ ଗଡାଇବେ । ପଡିଥିବା ସଂଖ୍ୟାକୁ ନିମ୍ନ ସାରଣୀରେ ଗୋଟିଏ ପିଲା ପୂରଣ କରିବ । ଦଳର ଅନ୍ୟ ପିଲାଟି ସଂଖ୍ୟାକୁ ମିଶାଇ କହିବ । ସମସ୍ତ ପିଲା ଦଳରେ ଆଲୋଚନା କରି ଯୋଗଫଳକୁ ନୋଟ୍ / ମୁଦ୍ରାରେ ବିଭିନ୍ନ ପ୍ରକାରରେ ଦର୍ଶାଇବେ ଓ ସାରଣୀ ପୂରଣ କରିବେ । ଏହିପରି ପ୍ରତ୍ୟେକ ଦଳ ୨/୩ ଥର ଖେଳିବେ ।

## ସାରଣୀ

| ପ୍ରଥମ ପିଲାର ଡ଼ାଇସ୍‌ରେ ପଡ଼ିଥିବା ସଂଖ୍ୟା | ଦ୍ୱିତୀୟ ପିଲାର ଡାଇସ୍‌ରେ ପଡିଥିବା ସଂଖ୍ୟା | ମୋଟ୍ | ମୋଟ ସଂଖ୍ୟାକୁ ନୋଟ୍ / ମୁଦ୍ରାରେ ଦର୍ଶାଯାଇ ପାରିବ |
|---|---|---|---|
| ୩ + | ୫ = | ୮ | ୫+୨+୧<br>୨+୨+୨+୨<br>୧+୧+୧+୧+୧+୧+୨<br>୫+୧+୧+୧<br>୨+୨+୧+୧+୧+୧<br>୨+୨+୨+୧+୧ |
| | | | |
| | | | |
| | | | |

- ପ୍ରତ୍ୟେକ ପିଲା ପାଠ୍ୟ ପୁସ୍ତକ ପୃଷ୍ଠା ନମ୍ବର ୧୦୪ ରୁ ୧୦୮ ପର୍ଯ୍ୟନ୍ତ କାର୍ଯ୍ୟକୁ ନିଜ ନିଜ ବହିରେ କରିବେ ।
- ସୂଚନା ଅନୁଯାୟୀ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।
- ଏହାପରେ ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବେ କାର୍ଯ୍ୟଫର୍ଦ୍ଦ ୧୨.୨.୧, ୧୨.୨.୨ ଓ ଆକଳନ ଫର୍ଦ୍ଦ କରି ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।



# କାର୍ଯ୍ୟଫର୍ଦ୍ଦ-୧୨.୨.୧ : ଆସ ମିଶାଇବା

? ଶୂନ୍ୟସ୍ଥାନ ପୂରଣ କର ।

(କ) ୨୫ ପଇସା + ୨୫ ପଇସା = ................................................... ପଇସା

୫୦ ପଇସା + ୫୦ ପଇସା = .................................................. ପଇସା = ............... ଟଙ୍କା

୧ ଟଙ୍କା + ୧ ଟଙ୍କା = ................................................... ଟଙ୍କା

୫ ଟଙ୍କା + ୫ ଟଙ୍କା = .................................................... ଟଙ୍କା

୫୦ ଟଙ୍କା + ୫୦ ଟଙ୍କା = .................................................... ଟଙ୍କା

୧୦ ଟଙ୍କା + ........ଟଙ୍କା +....... ଟଙ୍କା = ୨୦ ଟଙ୍କା + ..........ଟଙ୍କା +...... ଟଙ୍କା = ୫୦ ଟଙ୍କା

(ଖ)

| ନୋଟ୍ /ମୁଦ୍ରା | | ବଦଳରେ ମିଳିବ |
|---|---|---|
| ଗୋଟିଏ ୧୦ ଟଙ୍କିଆ ନୋଟ୍ | = | ............................. ଟି ୨ ଟଙ୍କିଆ ନୋଟ୍ |
| ଗୋଟିଏ ୨୦ ଟଙ୍କିଆ ନୋଟ୍ | = | ............................. ଟି ୫ ଟଙ୍କିଆ ନୋଟ୍ |
| ଗୋଟିଏ ୫ ଟଙ୍କିଆ ନୋଟ୍ | = | ............................. ଟି ୧ ଟଙ୍କିଆ ନୋଟ୍ |
| ଗୋଟିଏ ୫୦ ଟଙ୍କିଆ ନୋଟ୍ | = | ............................. ଟି ୧୦ ଟଙ୍କିଆ ନୋଟ୍ |
| ଗୋଟିଏ ୧୦୦ ଟଙ୍କିଆ ନୋଟ୍ | = | ............................. ଟି ୨୦ ଟଙ୍କିଆ ନୋଟ୍ |
| ଗୋଟିଏ ୨୦ ଟଙ୍କିଆ ନୋଟ୍ | = | ............................. ଟି ୨ ଟଙ୍କିଆ ନୋଟ୍ |
| ଗୋଟିଏ ୫୦ ଟଙ୍କିଆ ନୋଟ୍ | = | ........ ଟି ୧୦ ଟଙ୍କିଆ ନୋଟ୍ + ........ଟି ୨୦ ଟଙ୍କିଆ ନୋଟ୍ । |

? ହିସାବ କରି ଲେଖ ।

**(କ)** ମିତା ଗୋଟିଏ କଲମ କିଣି ଦୋକାନୀକୁ ତିନୋଟି ଦଶ ଟଙ୍କିଆ ନୋଟ୍ ଓ ଗୋଟିଏ ଦୁଇ ଟଙ୍କିଆ ନୋଟ୍ ଦେଲା । ତେବେ କଲମର ଦାମ୍ ........................... ଟଙ୍କା

**(ଖ)** ତୁମ ଭାଇ ଗୋଟିଏ ବିସ୍କୁଟ୍ ପ୍ୟାକେଟ୍ କିଣି ଦୋକାନୀକୁ ଗୋଟିଏ ୨୦ଟଙ୍କିଆ ନୋଟ୍ ଓ ଦୁଇଟି ୫୦ ପଇସା ମୁଦ୍ରା ଦେଲେ । ତେବେ ବିସ୍କୁଟ୍ ପ୍ୟାକେଟ୍‌ର ଦାମ୍ ................................... ଟଙ୍କା ।

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର



# କାର୍ଯ୍ୟଫର୍ଦ୍ଦ-୧୨.୨.୨: ଆସ ଜିନିଷ କିଣିବା

? ଚିତ୍ର ଦେଖି ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ପାର୍ଶ୍ୱସ୍ଥ କୋଠରିରେ ଲେଖ ।




କ) ଗୋଟିଏ କଣ୍ଢେଇ ଓ ଗୋଟିଏ ନଟୁ କିଣିଲେ ମିଟୁ କେତେ ଟଙ୍କା ଦେବ ?

ଖ) ଗୋଟିଏ ଚକୋଲେଟ୍ ଓ ଗୋଟିଏ ଝାଡୁ କିଣିଲେ ମିତା କେତେ ଟଙ୍କା ଦେବ ?

ଗ) ଗୋଟିଏ ବ୍ୟାଗ୍ ଓ ଗୋଟିଏ ଗୁଡ଼ି କିଣିଲେ ସଲିମ୍ କେତେ ଟଙ୍କା ଦେବ ?

ଘ) ବାପା ତୁମ ପାଇଁ ଗୋଟିଏ ବହି ଓ ଗୋଟିଏ ନଟୁ କିଣିଲେ । ସେ ଦୋକାନୀକୁ କେତେ ଟଙ୍କା ଦେଇଥିବେ ?

ଙ) ଯୋଶେଫ୍ ଗୋଟିଏ ପ୍ୟାଣ୍ଟ ଓ ଗୋଟିଏ ଝୁମୁକା କିଣିଲେ କେତେ ଟଙ୍କା ଦେବ ?

ଛ) ଶ୍ରୀମା ଗୋଟିଏ ବ୍ୟାଗ୍ କିଣି ଦୋକାନୀକୁ ଗୋଟିଏ ୫୦ ଟଙ୍କିଆ ଓ ଗୋଟିଏ ୨୦ ଟଙ୍କିଆ ନୋଟ୍‌ଟିଏ ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

ଝ) ରବୀନ୍ ଗୋଟିଏ କ୍ରିକେଟ୍ ବ୍ୟାଟ୍ କିଣିବା ପାଇଁ ଦୋକାନୀକୁ ୨୦ ଟଙ୍କିଆ ନୋଟ୍ ଦେଲା । ସେ ଆଉ କେତେ ଟଙ୍କା ଦୋକାନୀକୁ ଦେଲେ ବ୍ୟାଟ୍ ଟି କିଣି ପାରିବ ?

ଞ) ବୀଣା ଗୋଟିଏ ବହି ଓ ଗୋଟିଏ ଗୁଡ଼ି କିଣିବା ପାଇଁ ଦୋକାନୀକୁ ଖଣ୍ଡିଏ ୫୦ ଟଙ୍କିଆ ନୋଟ୍ ଓ ଖଣ୍ଡିଏ ୧୦ ଟଙ୍କିଆ ନୋଟ୍ ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

ଗୋଟିଏ ବହିର ମୂଲ୍ୟ = ______ ଟଙ୍କା

ଗୋଟିଏ କଣ୍ଢେଇର ମୂଲ୍ୟ = ______ ଟଙ୍କା

ମୋଟ ମୂଲ୍ୟ = ______ ଟଙ୍କା

ଦୋକାନୀକୁ ବୀଣା ଦେଲା = ୫୦ ଟଙ୍କା + ______ ଟଙ୍କା = ______ ଟଙ୍କା

ଦୋକାନୀ ଫେରାଇବ = ______ ଟଙ୍କା - ______ ଟଙ୍କା = ______ ଟଙ୍କା

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

ରୋ.ନ. : ________

ନାମ : ____________________



## ଆକଳନ ଫର୍ଦ୍ଦ-୧୨

ଶିକ୍ଷଣ ଫଳାଫଳ (L O) : (M-206) ୩/୪ ନୋଟ୍ / ମୁଦ୍ରା ବ୍ୟବହାର କରି (ସମାନ ବା ଭିନ୍ନ ମୂଲ୍ୟର) ୧୦୦ ଟଙ୍କା ମଧ୍ୟରେ ଯେ କୌଣସି ପରିମାଣକୁ ଉପସ୍ଥାପନ କରିବ।

### ? ଶୂନ୍ୟସ୍ଥାନ ପୂରଣ କର ।

କ) ୨୦ ଟଙ୍କା ବଦଳରେ ...................... ଟି ୧୦ ଟଙ୍କିଆ ଓ ........................ ଟି ୫ ଟଙ୍କିଆ ନୋଟ୍/ ମୁଦ୍ରା ମିଳିବ।

ଖ) ୫୦ ଟଙ୍କା ବଦଳରେ ...................... ଟି ୧୦ ଟଙ୍କିଆ ଓ ...................... ଟି ୨୦ ଟଙ୍କିଆ ନୋଟ୍ ମିଳିବ।

ଗ) ୧୦ ଟଙ୍କା ବଦଳରେ ...................... ଟି ୫ ଟଙ୍କିଆ ଓ ...................... ଟି ୨ ଟଙ୍କିଆ ଏବଂ ...................... ୧ ଟଙ୍କିଆ ନୋଟ୍/ ମୁଦ୍ରା ମିଳିବ।

### ? ଉତ୍ତର ଦିଅ ।

୧) ଟିକି ୨୦ ଟଙ୍କା ମୂଲ୍ୟର ଗୋଟିଏ ଖାତା ଓ ୧୫ ଟଙ୍କା ମୂଲ୍ୟର ଗୋଟିଏ କଲମ କିଣି ଦୋକନୀକୁ ଗୋଟିଏ ୫୦ ଟଙ୍କିଆ ନୋଟ୍ ଦେଲା। ଦୋକାନୀ ତାକୁ ଆଉ କେତେ ଟଙ୍କା ଫେରାଇବ ?

୨) ଅକ୍ଷୟ ପାଖରେ କିଛି ୫ଟଙ୍କିଆ ମୁଦ୍ରା ଓ ୧୦ ଟଙ୍କିଆ ନୋଟ୍ ଅଛି। ୫୫ ଟଙ୍କାର ଏକ ଖାତା କିଣିବା ପାଇଁ ଦୁଇଟି ୧୦ ଟଙ୍କିଆ ନୋଟ୍ ସହିତ କେତୋଟି ୫ ଟଙ୍କିଆ ମୁଦ୍ରା ଦେବ ?

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୩ : ଲମ୍ବ କେତେ ଜାଣିବା

**ଶିକ୍ଷଣ ଫଳାଫଳ (L O) : (M-210)** ଦୂରତା / ଦୈର୍ଘ୍ୟ ବିଭିନ୍ନ ଅଣମାନକ ଏକକ (ବାଡ଼ି, ପେନସିଲ୍, ହାତ, ଚାଖଣ୍ଡ, ପାଦ ଇତ୍ୟାଦି) ରେ ଆକଳନ କରିବ ଓ ମାପିବ।



## ଶିକ୍ଷଣ କାର୍ଯ୍ୟ - ୧୩.୧ ଆସ ମାପିବା

**ଶିକ୍ଷଣ ସାମଗ୍ରୀ:** ୨ ଫୁଟ ଲମ୍ବର ବାଡ଼ି, ୫ ଫୁଟ ଲମ୍ବର ଦଉଡ଼ି, ସାରଣୀ -୧ (ଦଳ ସଂଖ୍ୟା ଅନୁଯାୟୀ ନିଆଯିବ)

**କାର୍ଯ୍ୟ କରିବାର ସୂଚନା :**

- ୩/୪ ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ।
- ପ୍ରତ୍ୟେକ ଦଳରେ ଗୋଟିଏ ଲେଖାଏଁ ୨ ଫୁଟ ଲମ୍ବର ବାଡି ଓ ୫ ଫୁଟ ଲମ୍ବର ଦଉଡ଼ି ଦିଆଯିବ।
- ପିଲାମାନେ ବାଡି ଓ ଦଉଡିକୁ ନିଜ ହାତ ଓ ଚାଖଣ୍ଡରେ ମାପ କରି ନିମ୍ନ ସାରଣୀରେ ଲେଖିବେ।

**ସାରଣୀ -୧**

| ଛାତ୍ର/ଛାତ୍ରୀଙ୍କର ନାମ | ବାଡ଼ିର ଦୈର୍ଘ୍ୟ | | ଦଉଡ଼ିର ଦୈର୍ଘ୍ୟ | |
|---|---|---|---|---|
| | ହାତ | ଚାଖଣ୍ଡ | ହାତ | ଚାଖଣ୍ଡ |
| | | | | |
| | | | | |
| | | | | |
| | | | | |

- ଦଳର ପ୍ରତ୍ୟେକ ପିଲା ମାପ କରିବେ ଓ ଆବଶ୍ୟକସ୍ଥଳେ ମାପ କାର୍ଯ୍ୟରେ ଶିକ୍ଷକ ସହାୟତା କରିବେ।
- ପ୍ରତ୍ୟେକ ଦଳ ମାପ ସାରଣୀକୁ ଶ୍ରେଣୀ ସାମନାରେ ଆସି କହିବେ।
- ମପା ଯାଇଥିବା ବାଡ଼ି ଓ ଦଉଡ଼ିର ଦୈର୍ଘ୍ୟ ମାପ ହାତ / ଚାଖଣ୍ଡରେ ଭିନ୍ନ ଭିନ୍ନ ହୋଇଥିବାର କାରଣ ପିଲାମାନଙ୍କ ଦ୍ୱାରା ଆଲୋଚନା କରାଯିବ।



## ଶିକ୍ଷଣ କାର୍ଯ୍ୟ - ୧୩.୨ ମାପିବା ଓ ଲେଖିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ଦିଆସିଲି କାଠି, ଡଷ୍ଟର ଓ ଖାତା

**କାର୍ଯ୍ୟ କରିବାର ସୂଚନା :**

- ଏହି କାର୍ଯ୍ୟଟି ପିଲାମାନେ ଯୋଡ଼ିରେ କରିବେ।
- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୦୯ ରେ ଥିବା 'କଳାପଟା ମାପ, ଖାତା ମାପ, ଟେବୁଲ ମାପ' କାର୍ଯ୍ୟକୁ ପିଲାମାନେ ଯୋଡ଼ିରେ ବ୍ୟକ୍ତିଗତ ଭାବେ କରି ନିଜ ପୁସ୍ତକରେ ଥିବା ଲେଖିବା ସ୍ଥାନରେ ମାପଟି ଲେଖିବେ।

- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।
- ମପା ଯାଇଥିବା ଦୈର୍ଘ୍ୟ ମାପ ସମ୍ପର୍କରେ ପିଲାମାନଙ୍କ ଦ୍ୱାରା ଆଲୋଚନା କରାଯିବ ।

ଯଥା : କଳାପଟାର ଦୈର୍ଘ୍ୟ ମାପ ଦୁଇଜଣଙ୍କ ଚାଖଣ୍ଡ ରେ ସମାନ / ଭିନ୍ନ ହେଲାକି ?

ଖାତା ଓ ଟେବୁଲର ଲମ୍ବ ଏବଂ ଓସାର ମାପ ସମାନ / ଭିନ୍ନ ହେଲାକି ? ନିଜ ଉତ୍ତରର କାରଣ କହିବେ । ଶିକ୍ଷକ ସଂକ୍ଷେପଣ କରିବେ ।

## ଶିକ୍ଷଣ କାର୍ଯ୍ୟ - ୧୩.୩ ଉଚ୍ଚତା ମାପିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧ ୧ ୦ ରେ ଥିବା ''ଆସ ଆମେ ଆମର ଉଚ୍ଚତା ମାପି ଜାଣିବା'' କାର୍ଯ୍ୟକୁ ସମଗ୍ର ଶ୍ରେଣୀରେ କରାଯାଇ ନିମ୍ନ ସାରଣୀଟିକୁ ପୂରଣ କରିବେ ।
- ଉଚ୍ଚତା ମାପ ପରେ କେତେଜଣ ନିର୍ଦ୍ଦିଷ୍ଟ ଉଚ୍ଚତାରୁ ସମାନ/ଅଧିକ/କମ୍ ହେଲେ ବ୍ୟକ୍ତିଗତ ଭାବେ ଲେଖିବେ ।

| | |
|---|---|
| • ଚିହ୍ନ ଦିଆଯାଇଥିବା ମାପ ସଙ୍ଗେ ସମାନ ହୋଇଥିବା ପିଲାଙ୍କ ସଂଖ୍ୟା | |
| • ଚିହ୍ନ ଦିଆଯାଇଥିବା ମାପ ଠାରୁ ଅଧିକ ହୋଇଥିବା ପିଲାଙ୍କ ସଂଖ୍ୟା | |
| • ଚିହ୍ନ ଦିଆଯାଇଥିବା ମାପ ଠାରୁ କମ୍ ହୋଇଥିବା ପିଲାଙ୍କ ସଂଖ୍ୟା | |

- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ କାର୍ଯ୍ୟ ପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

## ଶିକ୍ଷଣ କାର୍ଯ୍ୟ - ୧୩.୪ ଲମ୍ବ ମାପିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ଦିଆସିଲି କାଠି, ଡଷ୍ଟର, ଲୁହା କଣ୍ଟା ଓ ରୁଲ୍ ବାଡ଼ି

**କାର୍ଯ୍ୟ କରିବାର ସୂଚନା :**

- ୪ ଜଣ ପିଲାଙ୍କୁ ନେଇ ଦଳ ଗଠନ କରାଯିବ ।
- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧ ୧ ୧ ଓ ୧ ୧ ୨ ରେ ଥିବା ''ଅଭ୍ୟାସ କାର୍ଯ୍ୟ'' କୁ ଦଳଗତ ଭାବେ ଓ ଆକଳନ ଫର୍ଦ୍ଦକୁ ବ୍ୟକ୍ତିଗତ ଭାବେ ସମାଧାନ କରିବେ ।
- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

ରୋ. ନ. : _______

ନାମ : _______________________

# ଆକଳନ ଫର୍ଦ୍ଦ-୧୩


ଶିକ୍ଷଣ ଫଳାଫଳ (L O) : (M-210) ଦୂରତା / ଦୈର୍ଘ୍ୟ ବିଭିନ୍ନ ଅଣମାନକ ଏକକ (ବାଡ଼ି, ପେନସିଲ୍, ହାତ, ଚାଖଣ୍ଡ, ପାଦ ଇତ୍ୟାଦି) ରେ ଆକଳନ କରିବ ଓ ମାପିବ।


? ମାପ ଓ ଲେଖ।

| ତୁମ ଘରର ଲମ୍ବ | | ତୁମ ଘରର ଓସାର | | ତୁମ ଶ୍ରେଣୀର ଲମ୍ବ | | ତୁମ ଶ୍ରେଣୀର ଓସାର | | କାହାର ଲମ୍ବ ଅଧିକ | କାହାର ଓସାର ଅଧିକ |
|---|---|---|---|---|---|---|---|---|---|
| ହାତ | ଚାଖଣ୍ଡ | ହାତ | ଚାଖଣ୍ଡ | ହାତ | ଚାଖଣ୍ଡ | ହାତ | ଚାଖଣ୍ଡ | | |
| | | | | | | | | | |

? କେଉଁ ଥିରେ ମାପିବା ଗାର ଟାଣି ଯୋଡ଼।







ଘରର ଚଟାଣର ଦୈର୍ଘ୍ୟ

ବହିର ଧାର

କଳାପଟାର ଧାର

ଘରର ଓସାର

ସ୍କେଲ୍‌ର ଲମ୍ବ

ଶ୍ରେଣୀଗୃହ ବାରଣ୍ଡାର ଲମ୍ବ

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୪ : କିଏ ଭାରୀ କିଏ ହାଲୁକା ଜାଣିବା
## ଶିକ୍ଷଣ ଫଳାଫଳ (L O) : (M-211) ସରଳ ନିକିତି ବ୍ୟବହାର କରି ଓଜନିଆ ହାଲୁକା ବସ୍ତୁମାନଙ୍କୁ ତୁଳନା କରିବ ।

### ଶିକ୍ଷଣ କାର୍ଯ୍ୟ - ୧୪.୧ ଗପ ଶୁଣିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୧୩ ରେ ଥିବା ''ଉଠାପକା ଖେଳ'' ଗପକୁ ସମଗ୍ର ଶ୍ରେଣୀରେ ପିଲାଙ୍କୁ ''U'' ଆକୃତିରେ ବସାଇ କୁହାଯିବ । ପୁସ୍ତକରେ ଥିବା ଗଳ୍ପ ଆଧାରିତ ପ୍ରଶ୍ନଗୁଡ଼ିକୁ ପଚରାଯିବ ।

### ଶିକ୍ଷଣ କାର୍ଯ୍ୟ - ୧୪.୨ ଗପ ଶୁଣିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୧୫ ରେ ଥିବା ''ଛୋଟୁ ମୋଟୁଙ୍କ କଳି'' ଗପକୁ ସମଗ୍ର ଶ୍ରେଣୀରେ ପିଲାଙ୍କୁ ''U'' ଆକୃତିରେ ବସାଇ କୁହାଯିବ ।
- ପୁସ୍ତକରେ ଥିବା ଗଳ୍ପ ଆଧାରିତ ପ୍ରଶ୍ନଗୁଡିକୁ ପଚରାଯିବ ଓ ପିଲାମାନେ ନିଜନିଜ ବହିରେ ଲେଖିବା ସ୍ଥାନରେ ଉତ୍ତର ଲେଖିବା ସହିତ ନିକିତିର ଚିତ୍ର କରିବେ ।
- ପିଲାମାନେ ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୧୭ରେ ଥିବା ଦୋକାନ ଚିତ୍ର ଓ ତରାଜୁ ଚିତ୍ରକୁ ଦେଖି ନିକିତିର ବ୍ୟବହାର ସମ୍ପର୍କରେ ସମଗ୍ର ଶ୍ରେଣୀରେ କହିବେ ।

### ଶିକ୍ଷଣ କାର୍ଯ୍ୟ - ୧୪.୩ ନିକିତିର ବ୍ୟବହାର

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ନିକିତି, ଇଟା ଖଣ୍ଡ, ଗୋଡ଼ି, ଡଷ୍ଟର, କଲମ, ପେନସିଲ୍, ଖାତା, ଚକ୍ ଖଡ଼ି, ତେନ୍ତୁଳି ମଞ୍ଜି, ବାଟି, ସାରଣୀ

**କାର୍ଯ୍ୟ କରିବାର ସୂଚନା :**

- ୪ ଜଣ ଲେଖାଏଁ ପିଲାଙ୍କୁ ନେଇ ଦଳ ଗଠନ କରାଯିବ ।
- ପ୍ରତ୍ୟେକ ଦଳରେ ଉପର ଲିଖିତ ଶିକ୍ଷଣ ସାମଗ୍ରୀ ଦିଆଯିବ ।
- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୧୭ରେ ଥିବା 'ବିଦ୍ୟାଳୟରେ ଥିବା ତରାଜୁଟିକୁ ନିଅ' କାର୍ଯ୍ୟ ସୋପାନ ଅନୁଯାୟୀ କରାଯିବ । ତରାଜୁର ବ୍ୟବହାର ସମ୍ପର୍କରେ ଶିକ୍ଷକ ସଂକ୍ଷେପଣ କରିବେ ।

- ତରାଜୁର ଗୋଟିଏ ପଟ ପଲାରେ ଥରକୁ ଥର ଡଷ୍ଟର, କଲମ, ପେନସିଲ୍, ଖାତା, ଚକ୍ ଖଡି ରଖି ଅନ୍ୟପଟ ପଲାରେ ତେନ୍ତୁଳି ମଞ୍ଜି / ବାଟି ପୃଥକ ଭାବେ ପକାଇବେ ।
- କେତୋଟି ତେନ୍ତୁଳି ମଞ୍ଜି / ବାଟି ପୃଥକ ଭାବେ ପକାଇଲେ ତରାଜୁର ଦୁଇଟି ଯାକ ପଲା ଭୂମିଠାରୁ ସମାନ ଉଚ୍ଚତାରେ ରହିବ ସେଗୁଡ଼ିକୁ ଗଣି ନିମ୍ନ ସାରଣୀରେ ଲେଖିବେ ।

ସାରଣୀ

| ଜିନିଷର ନାମ | ତେନ୍ତୁଳି ମଞ୍ଜି ସଂଖ୍ୟା | ବାଟି ସଂଖ୍ୟା |
|---|---|---|
| ଡଷ୍ଟର | | |
| କଲମ | | |
| ପେନସିଲ୍ | | |
| ଖାତା | | |
| ଚକ୍ ଖଡି | | |

ଶିକ୍ଷକ ନିମ୍ନ ପ୍ରଶ୍ନଗୁଡିକ ଆଲୋଚନା କରିବେ ।

- ଗୋଟିଏ ପଟ ପଲାରେ କେଉଁ ଜିନିଷ ରଖି, ତରାଜୁର ଦୁଇଟି ଯାକ ପଲା ଭୂମିଠାରୁ ସମାନ ଉଚ୍ଚତାରେ ରହିବା ପାଇଁ ଅନ୍ୟ ପଟ ପଲାରେ ଅଧିକ ତେନ୍ତୁଳିମଞ୍ଜି / ବାଟି ପକାଗଲା ?
- ତରାଜୁର ଦୁଇଟିଯାକ ପଲା ଭୂମିଠାରୁ ସମାନ ଉଚ୍ଚତାରେ ରହିବା ପାଇଁ ତେନ୍ତୁଳି ମଞ୍ଜି ଓ ବାଟିର ସଂଖ୍ୟା ଭିନ୍ନ ହେବାର କାରଣ କଣ ଶିକ୍ଷକ ଆଲୋଚନା କରି ସଂକ୍ଷେପଣ କରିବେ ।



## ଶିକ୍ଷଣ କାର୍ଯ୍ୟ - ୧୪.୪ ରଙ୍ଗ ଦେବା କାର୍ଯ୍ୟ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ରଙ୍ଗ ପେନସିଲ୍ / ମହମ ରଙ୍ଗ (Crayon / Wax)

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୧୬ରେ ଥିବା (ଚିତ୍ରକୁ ରଙ୍ଗ ଦିଅ) ଓ ୧୧୮ ପୃଷ୍ଠାର ଅଭ୍ୟାସ କାର୍ଯ୍ୟର ୧, ୨ ଓ ୩ ନମ୍ବର କାର୍ଯ୍ୟ ବ୍ୟକ୍ତିଗତ ଭାବେ ପିଲାମାନେ ନିଜ ପୁସ୍ତକରେ କରିବେ ।
- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।
- ଆକଳନ ଫର୍ଦ୍ଦଟି ପିଲାମାନେ ନିଜର କାର୍ଯ୍ୟ ପୁସ୍ତିକାରେ କରିବେ ।
- କାର୍ଯ୍ୟ କରିବା ପରେ, ପିଲାମାନେ ନିଜ ନିଜ ମଧ୍ୟରେ କାର୍ଯ୍ୟ ପୁସ୍ତିକା ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କାର୍ଯ୍ୟ କରିବେ ।

ରୋ. ନ. : ________

ନାମ : ________________________

# ଆକଳନ ଫର୍ଦ୍ଦ-୧୪

**ଶିକ୍ଷଣ ଫଳାଫଳ (L O) : (M-211) ସରଳ ନିକିତି ବ୍ୟବହାର କରି ଓଜନିଆ ହାଲୁକା ବସ୍ତୁ ମାନଙ୍କୁ ତୁଳନା କରିବ।**

? ପ୍ରତ୍ୟେକ ଧାଡ଼ିରେ ଥିବା ଜିନିଷଗୁଡ଼ିକ ପାଖ ନିକିତିରେ କେଉଁ ପଲାରେ କେଉଁଟି ରହିବ ଗାର ଟାଣ



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୫ : ପାତ୍ର ନେଇ ପାଣି ମାପିବା
## ଶିକ୍ଷଣ ଫଳାଫଳ (L O) : (M-210) ଅଣମାନକ ଏକକ ବ୍ୟବହାର କରି ଆକଳନ କରିବ ଓ ମାପିବ ।

### ଶିକ୍ଷଣ କାର୍ଯ୍ୟ - ୧୫.୧ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ U ଆକୃତିରେ ବସାଇ ପାଠ୍ୟ ପୁସ୍ତକର ପୃଷ୍ଠା ୧୨୦ରେ ଥିବା ସନାତନ ବାବୁ ଓ ରୋଜିର କଥୋପକଥନକୁ ଶିକ୍ଷକ କହିବା ପରେ ନିମ୍ନ ସାରଣୀର କାର୍ଯ୍ୟଟି ପିଲାମାନେ କରିବେ ।

୧. କ) ନିମ୍ନ ଯୋଡ଼ି ଚିତ୍ରରେ କମ୍ ପାଣି ଧରିବା ପାତ୍ର ଉପରେ ଠିକ୍ ଚିହ୍ନ (✓) ଦିଅ ।





### ଶିକ୍ଷଣ କାର୍ଯ୍ୟ - ୧୫.୨ ଆସ ପାଣି ମାପି ଖେଳିବା

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ୨ଟି ପ୍ଲାଷ୍ଟିକ୍ ମଗ୍, ଗ୍ଲାସ୍, ବୋତଲ (ପ୍ଲାଷ୍ଟିକ୍) ପ୍ଲାଷ୍ଟିକ୍ ବାଲଟି, ଜଗ୍

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ ପିଲାମାନଙ୍କୁ ୪/୫ ଟି ଦଳରେ ବସାଇ ପାଠ୍ୟପୁସ୍ତକର ପୃଷ୍ଠା - ୧୨୧ ଓ ୧୨୨ ରେ ଥିବା ''ଆସ ପାତ୍ରଗୁଡ଼ିକୁ ନେଇ ପାଣି ମାପି ଖେଳିବା'' କାର୍ଯ୍ୟଟିକୁ କରାଇବେ ଓ ଖାଲି ଘର ପୂରଣ କରିବେ । ଦଳର ପ୍ରତ୍ୟେକ ପିଲା ଯେପରି ମାପ କାର୍ଯ୍ୟରେ ଅଂଶ ଗ୍ରହଣ କରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ ।
- ଏହାପରେ ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୨୩ରେ ଥିବା କାର୍ଯ୍ୟ ବ୍ୟକ୍ତିଗତ ଭାବରେ ପିଲାମାନେ କରିବେ ଓ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।
- ଆକଳନ ଫର୍ଦ୍ଦକୁ ବ୍ୟକ୍ତିଗତ ଭାବେ ପିଲାମାନେ କରିବେ ଓ ନିଜ ନିଜ ମଧ୍ୟରେ କାର୍ଯ୍ୟପୁସ୍ତକ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।

ରୋ. ନ. : ________


ନାମ : ________________________





## ଆକଳନ ଫର୍ଦ୍ଦ-୧୫

**ଶିକ୍ଷଣ ଫଳାଫଳ (L O) : (M-210) ଅଣମାନକ ଏକକ ବ୍ୟବହାର କରି ଆକଳନ କରିବ ଓ ମାପିବ ।**

? ଧାଡ଼ିରେ ଥିବା ଦୁଇଟି ଚିତ୍ର ମଧ୍ୟରୁ ଯେଉଁଥିରେ ଅଧିକ ପାଣି ଧରିବ, ପାର୍ଶ୍ୱରେ ଥିବା କୋଠରିରେ ଠିକ୍ ଚିହ୍ନ (✓) ଦିଅ ।

| | | | | |
|---|---|---|---|---|
| (କ) |  | |  | |
| (ଖ) |  | |  | |
| (ଗ) |  | |  | |
| (ଘ) |  | |  | |
| (ଙ) |  | |  | |

? ନିମ୍ନ ପାତ୍ର ଗୁଡ଼ିକୁ ଲକ୍ଷ୍ୟକର କ୍ରମ ଅନୁଯାୟୀ କମ୍‌ରୁ ଅଧିକ ପାଣି ରହୁଥିବା ପାତ୍ରଗୁଡ଼ିକ ତଳେ ୧ ରୁ ୫ ପର୍ଯ୍ୟନ୍ତ ସଂଖ୍ୟା ଲେଖ ।

________________

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୬ : ବାର ମାସର ନାମ ଜାଣିବା
## ଶିକ୍ଷଣ ଫଳାଫଳ (L O) : (M-212) ସପ୍ତାହର ଦିନ ଓ ବର୍ଷର ମାସମାନଙ୍କର ନାମ କହିବ ।

### ଶିକ୍ଷଣ କାର୍ଯ୍ୟ - ୧୬.୧ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ୧୬.୧ ଶିକ୍ଷକ ପିଲାମାନଙ୍କୁ U ଆକୃତିରେ ବସାଇ ପାଠ୍ୟ ପୁସ୍ତକର (ପୃଷ୍ଠା ୧୨୪) ଗପଟିକୁ କହିବେ । ତାପରେ ''ଏବେ ତୁମେ କୁହ'' ପ୍ରଶ୍ନଗୁଡ଼ିକୁ ପଚାରିବେ ।

### ଶିକ୍ଷଣ କାର୍ଯ୍ୟ - ୧୬.୨ ଆସ ମିଳିମିଶି ଗୀତ ଗାଇବା

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଗୋଲାକାରରେ ଠିଆ କରାଇ ନିମ୍ନ ଗୀତଟିକୁ ଅଭିନୟ ସହ ଆବୃତ୍ତି କରାଯିବ ।

ଗୀତ

ରବିବାରରେ ମାଙ୍କଡ଼ ଏକ, ଗାଁ ରେ ଗଲା ପଶି,
ସୋମବାରରେ ଆମ ଘର, ଛଳେ ବସିଲା ଆସି ।
ମଙ୍ଗଳବାରରେ, ମାଙ୍କଡ଼ର ସାହାସ ଗଲା ବଢ଼ି,
ବୁଧବାରରେ ଦାନ୍ତ ଦେଖାଇ, ପିଲାଙ୍କୁ ନେଲା ତଡ଼ି ।
ଗୁରୁବାରରେ ମାଙ୍କଡ଼ କେତେ, କଲା ଯେ ଉତପାତ,
ଶୁକ୍ରବାରରେ ଟୁନି ଘରେ, ପଶି ଖାଇଲା ଭାତ ।
ଶନିବାରରେ ଲୋକମାନେ, ମାଙ୍କଡ଼କୁ ଧରି,
ବଣ ଭିତରେ ତାହାକୁ ଲୋକେ, ଦେଇ ଆସିଲେ ଛାଡ଼ି ।

- ଏହାପରେ ପାଠ୍ୟପୁସ୍ତକର ପୃଷ୍ଠା ୧୨୫ ରେ ଥିବା ''ଆସ ଖାଲି ଘରେ ..... '' ଓ ''ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା'' କାର୍ଯ୍ୟ ଦୁଇଟିକୁ ଯୋଡ଼ିରେ ପିଲାମାନଙ୍କୁ କରିବାକୁ କୁହାଯିବ ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କାର୍ଯ୍ୟ କରିବେ ।



## ଶିକ୍ଷଣ କାର୍ଯ୍ୟ - ୧୬.୩ ଆସ ବାରମାନଙ୍କୁ ଜାଣିବା

**ଶିକ୍ଷଣ ସାମଗ୍ରୀ :** ପାଠ୍ୟପୁସ୍ତକ

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନେ ତିନି / ଚାରି ଜଣ ଗୋଟିଏ ଲେଖାଏଁ ଦଳରେ ବସିବେ ।
- ପାଠ୍ୟ ପୁସ୍ତକର ପୃଷ୍ଠା ନମ୍ବର ୧୨୫ରେ ଥିବା ''ଆମ ଶ୍ରେଣୀ ରୁଟିନ୍'' କାର୍ଯ୍ୟଟିକୁ ଦଳଗତ ଭାବରେ କରିବେ ।
- ପୃଷ୍ଠା ୧୨୬ରେ ଥିବା ରୁଟିନ୍‌କୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) କେଉଁ କେଉଁ ବିଷୟ ରୁଟିନ୍‌ରେ ସବୁ ଦିନ ଅଛି ? ......................................

(ଖ) ଚିତ୍ରାଙ୍କନ କେଉଁ କେଉଁ ବାରରେ ଅଛି ? ......................................

(ଗ) ହସ୍ତକର୍ମ କେଉଁ କେଉଁ ବାରରେ ଅଛି ? ......................................

(ଘ) ଗୀତ, ନାଚ କେଉଁ କେଉଁ ବାରରେ ଅଛି ? ......................................

(ଙ) ବଗିଚା କାମ କେଉଁ କେଉଁ ବାରରେ ଅଛି ? ......................................

(ଚ) ଖେଳ ପିରିୟଡ୍ କେଉଁ କେଉଁ ବାରରେ ଅଛି ? ......................................

**ଶୂନ୍ୟସ୍ଥାନ ପୂରଣ କର ।**

(କ) ୧. ଶନି, ରବି, ସୋମ
୨. ମଙ୍ଗଳ, ବୁଧ, .........................,
୩. ଶୁକ୍ର, ଶନି, .........................,
୪. ବୁଧ, ଗୁରୁ, .........................,
୫. ଶୁକ୍ର, .................., ରବି ।
୬. ସୋମ, .................., ବୁଧ ।

(ଖ) ୧. ରବି, ଶନି, ଶୁକ୍ର
୨. ସୋମ, ରବି, .........................,
୩. ଗୁରୁ, ବୁଧ, .........................,
୪. ଶୁକ୍ର, ................, ବୁଧ ।
୫. ବୁଧ, ................, ସୋମ
୬. ଶନି, ................, ଗୁରୁ ।

## ଶିକ୍ଷଣ କାର୍ଯ୍ୟ - ୧୬.୪ ବାର ମାସକୁ ଜାଣିବା

**ଶିକ୍ଷଣ ସାମଗ୍ରୀ :** ବାରମାସର ନାମ ଥିବା ୧୨ଟି ଫ୍ଲାସ୍ କାର୍ଡ଼, ୪ଟି କ୍ୟାଲେଣ୍ଡର

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ U ଆକୃତିରେ ବସାଇବେ, ଜଣେ ଜଣେ ପିଲାକୁ ଡାକି ଗୋଟିଏ ଲେଖାଏଁ ଫ୍ଲାସ୍ କାର୍ଡ଼ ପଢ଼ିବାକୁ କହିବେ।
- ୪ଟି ଦଳରେ ପିଲାମାନଙ୍କୁ ବିଭକ୍ତ କରି ପ୍ରତି ଦଳକୁ ଗୋଟିଏ ଲେଖାଏଁ କ୍ୟାଲେଣ୍ଡର (୧୨ ମାସ ଥିବା) ପ୍ରଦାନ କରି ପାଠ୍ୟ ପୁସ୍ତକର ପୃଷ୍ଠା ୧୨୮ ର ଥିବା ''ବର୍ଷର ବାରଟିଯାକ ମାସ ..........'' କାର୍ଯ୍ୟଟିକୁ କରାଯିବ।
- ପାଠ୍ୟପୁସ୍ତକର ଅଭ୍ୟାସ କାର୍ଯ୍ୟର ୧ ଓ ୨ ନମ୍ବରଟିକୁ ଦଳରେ ଆଲୋଚନା କରି ପୂରଣ କରିବେ।
- କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ବହି ଅଦଳବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କାର୍ଯ୍ୟ କରିବେ।

## ଶିକ୍ଷଣ କାର୍ଯ୍ୟ - ୧୬.୫ ଗୀତ ବୋଲିବା

**ଶିକ୍ଷଣ ସାମଗ୍ରୀ :** ପାଠ୍ୟ ପୁସ୍ତକ, ବାର୍ଷିକ କ୍ୟାଲେଣ୍ଡର

**କାର୍ଯ୍ୟ କରିବାର ସୂଚନା :**

- ପିଲାମାନଙ୍କୁ ଶ୍ରେଣୀରେ ଗୋଲାକାରରେ ବସାଇ ନିମ୍ନଲିଖିତ ଗୀତଟିକୁ ଗାଇବେ ଓ ପିଲାମାନେ ବାରମ୍ବାର ଗୀତଟିକୁ ଅଭ୍ୟାସ କରିବେ ଓ ସାରଣୀରେ ଥିବା ଶୂନ୍ୟସ୍ଥାନରେ ଦିନ ସଂଖ୍ୟା ଲେଖିବେ।




ଗୀତ - ତିରିଶ ଦିନିଆ ଅଟେ ସେପ୍ଟେମ୍ବର, ଏପ୍ରିଲ, ଜୁନ ଆଉ ନଭେମ୍ବର
ଅଠେଇଶ ଦିନ ଅଟେ ଫେବୃଆରୀ ମାସ, ଚାରିବରଷରେ ଥରେ ହୁଏ ଅଧିବର୍ଷ
ଆଉ ସବୁ ମାସ ଅଟେ ଏକତ୍ରିଶ ଦିନ, ମନେ ରଖିଥାଅ ସଦା ଆହେ ଶିଶୁଗଣ।

**: ସାରଣୀ :**

| ମାସର ନାମ | ଦିନ ସଂଖ୍ୟା | ମାସର ନାମ | ଦିନ ସଂଖ୍ୟା |
|---|---|---|---|
| ଜାନୁଆରୀ | | ଜୁଲାଇ | |
| ଫେବୃୟାରୀ | | ଅଗଷ୍ଟ | |
| ମାର୍ଚ୍ଚ | | ସେପ୍ଟେମ୍ବର | |
| ଏପ୍ରିଲ୍ | | ଅକ୍ଟୋବର | |
| ମେ | | ନଭେମ୍ବର | |
| ଜୁନ୍ | | ଡିସେମ୍ବର | |



## ଶିକ୍ଷଣ କାର୍ଯ୍ୟ - ୧୬.୬ ଋତୁ ଅନୁସାରେ ମାସ ଜାଣିବା

**ଶିକ୍ଷଣ ସାମଗ୍ରୀ :** ପାଠ୍ୟପୁସ୍ତକ, ବିଭିନ୍ନ ଋତୁମାନଙ୍କର ଫ୍ଲାସ୍ କାର୍ଡ୍

**କାର୍ଯ୍ୟ କରିବାର ସୂଚନା :**

- ପାଠ୍ୟପୁସ୍ତକର ୧୨୮ ଠାରୁ ୧୩୦ ପର୍ଯ୍ୟନ୍ତ କାର୍ଯ୍ୟ ଓ ଅଭ୍ୟାସ କାର୍ଯ୍ୟର ପ୍ରଶ୍ନ ୩ କୁ ପିଲାମାନେ ଯୋଡ଼ି ଯୋଡ଼ି ହୋଇ ବସି ପାଠ୍ୟ ପୁସ୍ତକରେ କରିବେ ।
- ଶିକ୍ଷକ ପିଲାମାନଙ୍କୁ U ଆକୃତିରେ ଠିଆ କରାଇ ନିମ୍ନ ଗୀତକୁ ଗାଇବେ, ପିଲାମାନେ ଅନୁସରଣ କରିବେ ।

  ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ । ପ୍ରଚଣ୍ଡ ରୌଦ୍ର ପରକାଶ ॥<br>
  ବର୍ଷାରେ ଆଷାଢ଼ ଶ୍ରାବଣ । ମେଘ ବରଷେ ଘନ ଘନ ॥<br>
  ଭାଦ୍ର ଆଶ୍ୱିନ ଶରତରେ । ନିର୍ମଳ ଶୋଭା ଜଗତରେ ॥<br>
  ହିମେ କାର୍ତ୍ତିକ ମାର୍ଗଶୀର । ରାତିରେ ପଡ଼ଇ ଶିଶିର ॥<br>
  ଶୀତରେ ପୌଷ ମାଘ ମାସ । ଦେହରେ ରଖ ଶୀତ ବାସ ॥<br>
  ଫାଲଗୁନ ଚୈତ୍ର ବସନ୍ତରେ । ମଧୁ ମଳୟ ମନ ହରେ ।

- ଶିକ୍ଷକ ପିଲାମାନଙ୍କୁ ଯୋଡ଼ିରେ ବସାଇ ପ୍ରତ୍ୟେକ ଯୋଡ଼ିକୁ ଭିନ୍ନ ଭିନ୍ନ ଋତୁ ଚିତ୍ର କାର୍ଡ୍ ଦିଆଯିବ । ପିଲାମାନେ ଯୋଡ଼ିରେ ଆଲୋଚନା କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବେ ।

**ପ୍ରଶ୍ନ :**

୧ ତୁମେ ପାଇଥିବା ଋତୁ ---------------------- ଓ ---------------- ମାସରେ ଅନୁଭୂତ ହୁଏ ?

୨. ଏହି ଋତୁରେ ମିଳୁଥିବା ୨ଟି ଫୁଲ ---------------- ଓ ---------------- ?

୩. ଏହି ଋତୁରେ ଦୁଇଟି ଫଳ ---------------- ଓ ---------------- ?

୪. ଏହି ଋତୁରେ ପାଳନ କରାଯାଉଥିବା ଦୁଇଟି ପର୍ବ ---------------- ଓ ---------------- ?

୫. ଏହି ଋତୁରେ ତୁମେ ବ୍ୟବହାର କରୁଥିବା ପୋଷାକ ---------------- ?

- ପାଠ୍ୟ ପୁସ୍ତକରେ ଥିବା ପୃଷ୍ଠା - ୧୩୧ ଓ ୧୩୨ ରେ ଥିବା ଖାଲିସ୍ଥାନ ପୂରଣ କରିବାକୁ କୁହାଯିବ ।

**ଋତୁ ଗୁଡ଼ିକ ସହ ସଂପୃକ୍ତ ମାସକୁ ଗାର ଟାଣି ଯୋଡ଼ ।**

ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ

| | | | | | |
|---|---|---|---|---|---|
| ଭାଦ୍ରବ ଓ ଆଶ୍ୱିନ | ପୌଷ ଓ ମାଘ | ବୈଶାଖ ଓ ଜ୍ୟେଷ୍ଠ | ଫାଲ୍ଗୁନ୍ ଓ ଚୈତ୍ର | କାର୍ତ୍ତିକ ଓ ମାର୍ଗଶୀର | ଆଷାଢ଼ ଓ ଶ୍ରାବଣ |

ରୋ. ନ. : ________ ନାମ : ______________________



# ଆକଳନ ଫର୍ଦ୍ଦ-୧୬

**ଶିକ୍ଷଣ ଫଳାଫଳ (L O) : (M-212) ସପ୍ତାହର ଦିନ ଓ ବର୍ଷର ମାସମାନଙ୍କର ନାମ କହିବ ।**

## ? ସପ୍ତାହର ସମସ୍ତ ବାରଗୁଡ଼ିକୁ ଖାଲି କୋଠରିରେ କ୍ରମରେ ସଜାଇ ଲେଖ ।

----------------------, ----------------------, ----------------------,

----------------------, ----------------------, ----------------------,

----------------------,

## ? ଅସମ୍ପର୍କିତ ମାସକୁ ଗୋଲ ବୁଲାଅ (ମାସର ଦିନ ସଂଖ୍ୟା ଅନୁଯାୟୀ) ।

(କ) ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ମଇ

(ଖ) ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର

(ଗ) ଅପ୍ରେଲ୍, ଜୁନ୍, ଅଗଷ୍ଟ, ସେପ୍ଟେମ୍ବର,

(ଘ) ମାର୍ଚ୍ଚ, ମଇ, ଜୁଲାଇ, ସେପ୍ଟେମ୍ବର

## ? ଉତ୍ତର ଖାଲି କୋଠରିରେ ଲେଖ ।

| | | |
|---|---|---|
| (କ) ଆଷାଢ଼ ମାସର ଠିକ୍ ପରବର୍ତ୍ତୀ ଦୁଇଟି ମାସର ନାମ ଲେଖ । | | |
| (ଖ) କାର୍ତ୍ତିକ ମାସର ଠିକ୍ ପରବର୍ତ୍ତୀ ୨ ଟି ମାସର ନାମ ଲେଖ । | | |
| (ଗ) ବର୍ଷା ଋତୁର ଠିକ୍ ପରବର୍ତ୍ତୀ ଦୁଇଟି ଋତୁର ନାମ ଲେଖ । | | |
| (ଘ) ଚୈତ୍ର ମାସର ଠିକ୍ ପୂର୍ବବର୍ତ୍ତୀ ଦୁଇଟି ମାସର ନାମ ଲେଖ ? | | |
| (ଙ) ଶୀତ ଋତୁରୁ ଠିକ୍ ପୂର୍ବବର୍ତ୍ତୀ ଦୁଇଟି ଋତୁର ନାମ ଲେଖ ? | | |

______________________
ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର

# ପାଠ - ୧୭ : ସାଜ ସଜା କରିବା

## ଶିକ୍ଷଣ ଫଳାଫଳ (L O) : (M-318) ସଂଖ୍ୟା ଓ ସରଳ ଆକୃତିରେ ଥିବା ସଂରଚନାକୁ ଆଗକୁ ବଢ଼େଇବ ।




### ଶିକ୍ଷଣ କାର୍ଯ୍ୟ - ୧୭.୧ ଗଳ୍ପ କଥନ

**ଶିକ୍ଷଣ ସାମଗ୍ରୀ:** ପାଠ୍ୟ ପୁସ୍ତକ, ରଙ୍ଗ (Wax, Crayon)

**କାର୍ଯ୍ୟ କରିବାର ସୂଚନା :**

- ଶିକ୍ଷକ U ଆକୃତିରେ ପିଲାମାନଙ୍କୁ ବସାଇ ପାଠ୍ୟପୁସ୍ତକର ୧୩୪ ପୃଷ୍ଠାରେ ଥିବା ''ସୁନିତାର ଜନ୍ମଦିନ .....'' ଘଟଣାକୁ ପିଲାମାନଙ୍କୁ କହିବେ । ପୃଷ୍ଠା ୧୩୫ ଓ ୧୩୬ ଥିବା କାର୍ଯ୍ୟକୁ ପିଲାମାନେ ଯୋଡ଼ି ଯୋଡ଼ି ହୋଇ ବସି ଆଲୋଚନା କରି କରିବେ ।
- ଏହା ପରେ କାର୍ଯ୍ୟଫର୍ଦ୍ଦ : ୧୭.୧.୧ ଓ ବହିର ୧୩୮ ରୁ ୧୪୪ ପର୍ଯ୍ୟନ୍ତ କାର୍ଯ୍ୟକୁ ପିଲାମାନେ ଦଳଗତ ଭାବରେ କରିବେ ।
- ସୂଚନା ଅନୁଯାୟୀ କାର୍ଯ୍ୟ କରିବା ପରେ ପିଲାମାନେ ନିଜ ନିଜ ମଧ୍ୟରେ ପାଠ୍ୟ ପୁସ୍ତକ ଓ କାର୍ଯ୍ୟପୁସ୍ତକକୁ ଅଦଳ ବଦଳ କରି ଶିକ୍ଷକଙ୍କ ସହାୟତାରେ ସଂଶୋଧନ କରିବେ ।


**?** ନିମ୍ନରେ ଥିବା ଚିତ୍ରର ପ୍ରଥମ ଦୁଇଧାଡ଼ି ଅନୁସାରେ ପରବର୍ତ୍ତୀ ଧାଡ଼ିରେ ଥିବା ଖାଲି କୋଠରୀ ଗୁଡ଼ିକୁ ରଙ୍ଗ ଦିଅ ।






# କାର୍ଯ୍ୟଫର୍ଦ୍ଦ-୧୭.୧.୧: ଆଗକୁ ବଢ଼ାଇବା

? ନିମ୍ନ ସଂରଚନା କୁ ଦେଖି ଖାଲି କୋଠରି ଗୁଡ଼ିକୁ ପୂରଣ କର ।



? ଝୋଟିକୁ ସମ୍ପୂର୍ଣ୍ଣ କରି ରଙ୍ଗ ଦିଅ ।



ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର


ରୋ. ନ. : ________ ନାମ : ____________________



# ଆକଳନ ଫର୍ଦ୍ଦ-୧୭

**ଶିକ୍ଷଣ ଫଳାଫଳ (L O) : (M-318) ସଂଖ୍ୟା ଓ ସରଳ ଆକୃତିରେ ଥିବା ସଂରଚନାକୁ ଆଗକୁ ବଢ଼େଇବ ।**

? ଆଗକୁ ଚିତ୍ର କର ।



| | | | | | |
|---|---|---|---|---|---|
| ୧ | ୨ | ୧ | ୧ | ୨ | |
| ୧ | ୦ | ୧ | ୦ | ୦ | ୧ |
| ୫କ | ୬ଖ | ୭ଗ | | | |
| ୮୫ | ୭୫ | ୬୫ | | | |

ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସ୍ୱାକ୍ଷର